## ସଂକ୍ଷେପରେ

### ଶିକ୍ଷକ ଦମ୍ପତିଙ୍କ ଘରୁ ଟଙ୍କା, ସୁନା ଲୁଟ୍

ଜେନାପୁର,୨୧।୭(ଅଶୋକ ଦାସ): ଜେନାପୁର ଥାନା ଅନ୍ତର୍ଗତ ମୁରାରିପୁର ଗ୍ରାମର ଏକ ଶିକ୍ଷକ ଦମ୍ପତିଙ୍କ ଘରୁ ଟଙ୍କା ଓ ସୁନା ଲୁଟ୍ ହୋଇଛି। ସେମାନଙ୍କ ଅନୁପସ୍ଥିତିରେ ଦୁର୍ବୃତ୍ତ ଏହି କାଣ୍ଡ ଘଟାଇଛନ୍ତି। ଗ୍ରାମର କୁଶାସନ ବେହେରା ଓ ତାଙ୍କ ସ୍ତ୍ରୀ ଚାରୁଲତା ବେହେରା ଉଭୟ ଶିକ୍ଷକତା କରନ୍ତି। ସେମାନେ ଶୁକ୍ରବାର ବିଦ୍ୟାଳୟକୁ ଯାଇଥିଲେ। ବିଦ୍ୟାଳୟରୁ ଫେରିବାବେଳକୁ ଘରର ଗଡ୍‌ରେଜ ଭଙ୍ଗାଯାଇ ନଗଦ ୧ ଲକ୍ଷ ଟଙ୍କା ଓ ୧୫୦ ଗ୍ରାମ ସୁନା ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ପରେ ବେହେରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏସ୍‌ଆଇ ସୌମ୍ୟରଞ୍ଜନ ଭୋଳ, ଏଏସ୍‌ଆଇ ପ୍ରଦୀପ କୁମାର ସାହୁ ଘଟଣାସ୍ଥଳେ ପହଞ୍ଚି ତଦନ୍ତ କରିଛନ୍ତି।

### ୭ ନଂ. ୱାର୍ଡବାସୀଙ୍କ ପକ୍ଷରୁ ସରପଞ୍ଚଙ୍କୁ ୪ ଦଫା ଦାବିପତ୍ର

ରାଜନଗର,୨୧।୭ (ଭାସ୍କର ରାଉତରାୟ) ରାଜନଗର ବ୍ଲକ ରାଜନଗର ଗ୍ରାମକୁ ରାଜ୍ୟ ସରକାର ଆଦର୍ଶ ଗ୍ରାମ ରୂପେ ମାନ୍ୟତା ଦେଇଛନ୍ତି। ସରକାରୀ ବିଭାଗର ସମସ୍ତ କାର୍ଯ୍ୟାଳୟ ଏହି ପଞ୍ଚାୟତ ଅଧୀନରେ ଥିବା ବେଳେ ପଞ୍ଚାୟତର ୭ନଂ. ୱାର୍ଡବାସୀ ୪ ଦଫା ଦାବିପତ୍ର ଗୁରୁବାର ରାଜନଗର ସରପଞ୍ଚ ସୁଶ୍ରୀ ସଙ୍ଗୀତା ମିଶ୍ରଙ୍କୁ ପ୍ରଦାନ କରିଛନ୍ତି। ଏଠାରେ ପ୍ରବାହିତ ହଂସୁଆ ନଦୀ ପାର୍ଶ୍ୱରେ ଏହି ୭ ନଂ. ୱାର୍ଡଟି ଅବସ୍ଥିତ। ୱାର୍ଡବାସୀ ସଦା ସର୍ବଦା ହଂସୁଆ ନଦୀ ଉପରେ ନିର୍ଭର କରିଥାନ୍ତି। ଏବେ କୁମ୍ଭୀରମାନଙ୍କ ଉପଦ୍ରବ ନଦୀ କୂଳିଆ ଲୋକଙ୍କ ନିଦ ହଜାଇ ଦେଇଛି। ୱାର୍ଡବାସୀ କିପରି ନିରାପଦରେ ନଦୀରେ ଗାଧୋଇବେ ଓ ଅନ୍ୟ କାର୍ଯ୍ୟ କରିବା ପାଇଁ ସୁରକ୍ଷିତ ବାଥିଙ୍ଗ ଘାଟ ନିର୍ମାଣ, ଏହି ୱାର୍ଡର ଜଳ ନିଷ୍କାସନ ପାଇଁ ନିର୍ମାଣ କରାଯାଇଥିବା ଖୋଲା ଡ୍ରେନ ଉପରେ ସ୍ଲାପ ନିର୍ମାଣ, ଡ୍ରେନପାଣି ସ୍ଥାୟୀ ନିଷ୍କାସନ କରି ସିଧା ନଈକୁ ଛଡ଼ାଯିବା ପାଇଁ ବ୍ୟବସ୍ଥା ଏବଂ ସରକାରଙ୍କ ପକ୍ଷରୁ ବିଭିନ୍ନ ଗାଁର ଯୁବକ ସଂଘ, ମଠ, ମନ୍ଦିର ନିର୍ମାଣ ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଥିବା ବେଳେ ୭ ନଂ. ୱାର୍ଡବାସୀଙ୍କୁ ତୁରନ୍ତ ଏହି ସୁବିଧା ଯୋଗାଇ ଦେବାକୁ ୱାର୍ଡର ବାଇଧର ସେଠୀ, ସତ୍ୟରଞ୍ଜନ ସେଠୀ, ଅମର ସେଠୀ, ଲିଟନ ସେଠୀ, ପବିତ୍ର ସେଠୀ, ପ୍ରଦୀପ ସେଠୀ, ଅଭୟ ସେଠୀ, ଦେବଦତ ସେଠୀ, ଗୋଲେଖି ସେଠୀ, ଦୀପକ କୁମାର ସେଠୀ, ନିରଞ୍ଜନ ସେଠୀ ପ୍ରମୁଖ ସରପଞ୍ଚ ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ମିଶ୍ରଙ୍କୁ ପଚାରିବାରେ ଦାବିପତ୍ର ପାଇଛୁ। ଖୁବ୍‌ଶୀଘ୍ର ସେମାନଙ୍କ ସମସ୍ୟାର ସମାଧାନ କରାଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ପ୍ରତିଶ୍ରୁତି ଦେଇ ଶ୍ରମିକଙ୍କୁ ପ୍ରତାରଣା

**ଡବଲ ବୁଲ୍ ସିମେଣ୍ଟ କମ୍ପାନୀ ନୁଭୋକୋ**

- ଆନ୍ଦୋଳନ କଲେ ନିଯୁକ୍ତି ହରାଇବା ଧମକ
- ସିମେଣ୍ଟ ଗୁଣ୍ଡ, ଯାନବାହନ ପ୍ରଦୂଷଣରେ ଅତିଷ୍ଠ ଅଞ୍ଚଳବାସୀ
- ପାରିପାର୍ଶ୍ୱିକ ଉନ୍ନୟନକୁ ଅଣଦେଖା

ଯାଜପୁର/କଳିଙ୍ଗନଗର, ୨୧।୭ (ହର୍ଷବର୍ଦ୍ଧନ ବେହେରା/ ଶୁଭାଶିଷ ରାଉତ)

କଳିଙ୍ଗନଗରରେ ପ୍ରତିଷ୍ଠିତ ଡବଲ ବୁଲ ସିମେଣ୍ଟ କମ୍ପାନୀ ନୁଭୋକୋ (ପୂର୍ବ ନାମ ଇମାମି ସିମେଣ୍ଟ)କାରଖାନା କର୍ତ୍ତୃପକ୍ଷ ଜମି ହରାଇଥିବା ପ୍ରଜା ଏବଂ କାର୍ଯ୍ୟରତ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ କରି ନ ପାରିବାରୁ ବ୍ୟାପକ ଜନ ଅଶାନ୍ତି ଦେଖାଦେଇଛି। ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ନେଇ ହୋଇଥିବା ଦାବିଗୁଡ଼ିକର ସମାଧାନ କରିବା ପରିବର୍ତ୍ତେ ପୁଣି ଯଦି ଆନ୍ଦୋଳନ କରିବ ତେବେ ନିଯୁକ୍ତି ହରାଇବ ବୋଲି କାରଖାନାର ଜଣେ ଅଣଓଡ଼ିଆ ଅଧିକାରୀ ଓ ସିକ୍ୟୁରିଟି ହେଡ୍ ଧମକ ଦେଉଥିବା ଶ୍ରମିକମାନେ ପ୍ରକାଶ କରିଛନ୍ତି। ଏଭଳି ଭାବେ ପ୍ରତିଶ୍ରୁତି ଦେଇ ନିରୀହ ଶ୍ରମିକଙ୍କୁ ପ୍ରତାରଣା କରାଯାଉଥିବା ଅଭିଯୋଗ ହେଉଛି।

ନୁଭୋକୋ ସିମେଣ୍ଟ କାରଖାନା ପାଇଁ ଜମିହରା ପରିବାରମାନେ ନିଜ ଅଧିକାର ପାଇଁ ପୂର୍ବରୁ ଆନ୍ଦୋଳନ କରି ଆସୁଥିବାବେଳେ ପୋଲିସ ବଳ ପ୍ରୟୋଗ କରାଯାଇ ସେମାନଙ୍କ ସ୍ୱରକୁ ଚାପି ଦିଆଯାଉଛି। ଏପରିକି କ୍ଷତିଗ୍ରସ୍ତ ପରିବାରବର୍ଗଙ୍କ ଆନ୍ଦୋଳନକୁ ଅଙ୍କୁଶ



ଲଗାଇବାକୁ ଯାଇ କମ୍ପାନୀର ଫାଟକ ସମ୍ମୁଖରେ ପ୍ରଶାସନ ପକ୍ଷରୁ ୨୦୨୦ ଫେବୃୟାରୀରେ ୧୪୪ ଧାରା ଲାଗୁ ହୋଇଥିଲା। ଅନ୍ୟପକ୍ଷେ ଗତ ୨୮ ତାରିଖରେ କାରଖାନାରେ କାର୍ଯ୍ୟରତ ଶ୍ରମିକମାନଙ୍କ କୁଶଳୀ ପଦୋନ୍ନତି, ରାତ୍ରିକାଳୀନ କାର୍ଯ୍ୟ ଭତ୍ତା, କ୍ୟାଣ୍ଟିନ ସୁବିଧା, ଶ୍ରମିକ ବିଶ୍ରାମ ଗୃହ, ପାନୀୟ ଜଳ ଯୋଗାଣ, ଜାତୀୟ ଓ ସ୍ଥାନୀୟ ଛୁଟି ଦିବସରେ ଦରମା ପ୍ରଦାନ ଏବଂ ବାଇକ୍ ରଖିବାକୁ ଷ୍ଟାଣ୍ଡ ଦାବିରେ ଆନ୍ଦୋଳନ ହୋଇଥିଲା। ତେବେ ଏହିସବୁ ଦାବିଗୁଡ଼ିକ ପୂରଣ କରାଯିବ ବୋଲି ସେତେବେଳେ କାରଖାନା କର୍ତ୍ତୃପକ୍ଷ କହିଥିଲେ। କିନ୍ତୁ ଆନ୍ଦୋଳନର ୨୨ ଦିନ ଅତିକ୍ରାନ୍ତ ହୋଇ ସାରିଥିବାବେଳେ ଏ ଯାଏ କୌଣସି ଦାବି ପୂରଣ ହୋଇନାହିଁ। ଏହିକ୍ରମରେ ପୁଣି ଶ୍ରମିକମାନଙ୍କ ମଧ୍ୟରେ ଆନ୍ଦୋଳନ ଦାନା ବାନ୍ଧିବାରେ ଲାଗିଛି। ଏହି ସିମେଣ୍ଟ କାରଖାନାରେ ରାଜ୍ୟ ବାହାର ଲୋକଙ୍କୁ ଅଧିକ ଗୁରୁତ୍ୱ ଦିଆଯାଇଛି। ସେମାନଙ୍କ ନିଯୁକ୍ତିକୁ ନିୟମିତ କରାଯାଇ ଉଚ୍ଚ ହାରରେ ଦରମା ପ୍ରଦାନ କରାଯାଉଥିବାବେଳେ ଜମିହରା ଓ ପ୍ରଭାବିତ ଲୋକଙ୍କୁ ଶ୍ରମିକ ଭଳି ଖଟାଯାଉଛି। ଶ୍ରମିକମାନଙ୍କୁ ଦିନ ଓ ରାତି ସାରା କାମ କରାଯାଉଥିବାବେଳେ ସେହି ଅନୁଯାୟୀ ପ୍ରାପ୍ୟ ମିଳୁନାହିଁ। ଇମାମି ସିମେଣ୍ଟ ଉତ୍ପାଦନକ୍ଷମ ହେବା ପରେ ଗତ ପ୍ରାୟ ୨ ବର୍ଷ ହେବ ଏହା ବିକ୍ରି ହୋଇ ସାରିଛି। କେନ୍ଦ୍ର ସରକାରଙ୍କ ଜଣେ ପ୍ରଭାବଶାଳୀ ନେତାଙ୍କ ସମ୍ପର୍କୀୟ ଏହି କାରଖାନାକୁ କିଣିଥିବା କୁହାଯାଉଛି। ତେଣୁ ଯେତେ ଆନ୍ଦୋଳନ, ଦାବି ହେଉଥିଲେ ହେଁ ଶ୍ରମିକ ଓ କର୍ମଚାରୀମାନଙ୍କ ଦୁଃଖ କେହି ଶୁଣୁନାହାନ୍ତି। ପାରିପାର୍ଶ୍ୱିକ ଅଞ୍ଚଳର ଉନ୍ନୟନ କ୍ଷେତ୍ରରେ ମଧ୍ୟ ଆଶାନୁରୂପ ପଦକ୍ଷେପ ନିଆଯାଇନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଆଦି ବ୍ୟବସ୍ଥା କ୍ଷେତ୍ରରେ କମ୍ପାନୀ ଯେତିକି ପଦକ୍ଷେପ ନେଇଛି ସେଥିରେ ପ୍ରଭାବିତ ଅଞ୍ଚଳବାସୀ ଆଦୌ ସନ୍ତୁଷ୍ଟ ନୁହନ୍ତି। ଯାନବାହନ ଚଳାଚଳ ସାଙ୍ଗକୁ ସିମେଣ୍ଟଗୁଣ୍ଡ ଓ ଧୂଆଁ ଜନିତ ପ୍ରଦୂଷଣରେ ଲୋକେ ଅତିଷ୍ଠ ହେଉଛନ୍ତି। ଜମି କ୍ଷତିପୂରଣ ହାରକୁ ନେଇ ମଧ୍ୟ ଅସନ୍ତୋଷ ଲାଗି ରହିଛି। ପ୍ରକଳ୍ପର ଜନଶୁଣାଣି ସମୟରେ ଏସବୁ ସମସ୍ୟା ଲୋକେ ଉପସ୍ଥାପନ କରିଥିଲେ ହେଁ ସେ ସବୁର ପ୍ରତିଶ୍ରୁତି ପରେ ବି ସମାଧାନ ହୋଇନାହିଁ। ଜିଲା ପ୍ରଶାସନ ଓ ଜନପ୍ରତିନିଧି ମଧ୍ୟ ଲୋକଙ୍କ ସମସ୍ୟାକୁ ଅଣଦେଖା କରି ଚାଲିଛନ୍ତି। ଏ ସଂକ୍ରାନ୍ତରେ ନୁଭୋକୋ କମ୍ପାନୀର ମାନବ ସମ୍ବଳ ଅଧିକାରୀ ଦିଲୀପ କୁମାର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଶ୍ରମିକମାନଙ୍କୁ ଧମକ ଚମକ ଦେବା ମିଛ କଥା। ସେମାନଙ୍କ ଦାବିଗୁଡ଼ିକ ଉପରେ ଆଲୋଚନା କରାଯାଇ ବିହିତ ପଦକ୍ଷେପ ନେବାକୁ ଉଦ୍ୟମ କରାଯାଉଛି।

### ରାଜନଗର ବ୍ଲକ ବିଜେଡିର ପଞ୍ଚାୟତ ପର୍ଯ୍ୟବେକ୍ଷକ ନିଯୁକ୍ତି

ରାଜନଗର,୨୧।୭ ( ଭାସ୍କର ରାଉତରାୟ)

ତୃଣମୂଳ ସ୍ତରରେ ବିଜେଡି ସଙ୍ଗଠନକୁ ମଜଭୁତ କରିବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଏବଂ ବିକାଶର ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳର ମନ୍ତ୍ରୀ, ବିଧାୟକ, ଏମ୍‌ପି ଓ କର୍ମକର୍ତ୍ତାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ରାପଡ଼ା ଜିଲା ବିଜେଡି ପର୍ଯ୍ୟବେକ୍ଷକ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଜିଲାର ସମସ୍ତ ବିଧାୟକ ଓ କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେବା ପରେ ଦଳୀୟ କର୍ମକର୍ତ୍ତା ସକ୍ରିୟ ହୋଇଛନ୍ତି। ବିଧାୟକ ଧ୍ରୁବ ସାହୁଙ୍କ ପରାମର୍ଶକ୍ରମେ ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ ରାଜନଗର ବ୍ଲକର ବିଭିନ୍ନ ପଞ୍ଚାୟତରେ ବିଜେଡି ସଙ୍ଗଠନକୁ ଅଧିକ ସକ୍ରିୟ ଓ ମଜଭୁତ କରିବାକୁ ପଞ୍ଚାୟତସ୍ତରୀୟ ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛନ୍ତି। ୩ଟି ଜୋନର ଜୋନାଲ ଅବଜରଭର ଭାବେ ୩୦ ନଂ. ଜୋନରୁ ସୁରେନ୍ଦ୍ର ପ୍ରସାଦ ରାଉତ, ୩୧ନଂ. ଜୋନରୁ ନିରଞ୍ଜନ ରାଉତ, ୩୨ନଂ. ଜୋନରୁ ଲକ୍ଷ୍ମୀଧର ବାରିକଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିଭଳି ବ୍ଲକର ୨୯ଟି ପଞ୍ଚାୟତରେ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି।

# କ୍ଷତିପୂରଣ ଦାବିରେ ସଂଗ୍ରାମ ସମିତିର ଗଣଧାରଣା

**ମାଲ୍‌ବାହୀ ଟ୍ରେନ୍ ତଳେ ଚାପିହୋଇ ୬ ଶ୍ରମିକଙ୍କ ମୃତ୍ୟୁ ଘଟଣା**

କୋରେଇ,୨୧।୭(ଚନ୍ଦ୍ରକାନ୍ତ ପତି)

ଯାଜପୁର-କେନ୍ଦୁଝର ରୋଡ୍ ରେଳ ଷ୍ଟେଶନ ଚୂନଭାଟି ନିକଟରେ ଏକ ମାଲ୍‌ବୋଝେଇ ଟ୍ରେନ୍ ତଳେ ଚାପି ହୋଇ ମୃତ୍ୟୁବରଣ କରିଥିବା ୬ ଶ୍ରମିକଙ୍କ ପରିବାରକୁ ଏଯାଇ ରେଲୱେ ପକ୍ଷରୁ କ୍ଷତିପୂରଣ ଦିଆଯାଇନାହିଁ।
ଏହାର ପ୍ରତିବାଦରେ ଶୁକ୍ରବାର କୋରେଇ ସଂଗ୍ରାମ ସମିତି ପକ୍ଷରୁ କୋରେଇ ଦୁଲାଖାପାଟଣା ରେଳଷ୍ଟେଶନ ନିକଟରେ ଗଣଧାରଣା ଦିଆଯାଇଛି।
ସଂଗ୍ରାମ ସମିତି ସଭାପତି ବିଦ୍ୟାଧର ମହାନ୍ତିଙ୍କ ନେତୃତ୍ୱରେ ୩ ଦଫା ଦାବିନେଇ ସ୍ଥାନୀୟ ଶତାଧିକ ମହିଳା/ପୁରୁଷ ଏହି ଧାରଣା ଦେଇଥିଲେ। ମୃତ୍ୟୁବରଣ କରଥିବା ୬ ଶ୍ରମିକଙ୍କ ପରିବାରକୁ ୩୦ ଲକ୍ଷ ଲେଖାଏ ଆର୍ଥିକ ସହାୟତା ଏବଂ ଜଣକୁ ଚାକିରି ଦେବା ସହିତ ପରିବାର ଭରଣପୋଷଣ ଦାୟିତ୍ୱ ରେଲ୍‌ୱେ ନେବାକୁ ସଂଗ୍ରାମ ସମିତି କାର୍ଯ୍ୟକର୍ତ୍ତା ଦାବି କରିଥିଲେ। ତୁରନ୍ତ ଦାବିପୂରଣ ନ ହେଲେ ଆଗକୁ ରେଲରୋକୋ କରିବାକୁ ଚେତାବନୀ ଦେଇଥିଲେ। ଅଭିମନ୍ୟୁ ମିଶ୍ର, ଆଲୋକ ମହାନ୍ତି, ବନ୍ଧାଳ ସରପଞ୍ଚ ବିଷ୍ଣୁ ରଥ ଓ ଅଜୟ ମହାକୁଡ଼ଙ୍କ ସମେତ ସଂଗ୍ରାମ ସମିତିର ବହୁ କାର୍ଯ୍ୟକର୍ତ୍ତା ଧାରଣାରେ ସାମିଲ ହୋଇଥିଲେ। ଘଟଣାସ୍ଥଳରେ ଖୋର୍ଦ୍ଧା ଡିଭିଜିନାଲ କମର୍ସିଆଲ ମ୍ୟାନେଜର ଜି.ସି. ନାୟକ, ଆର୍‌ପିଏଫ୍ ଯାଜପୁର ରୋଡ୍ ଆଇଆଇସି ପ୍ରଭିନ କୁମାର, କୋରେଇ ଥାନା ଅଧିକାରୀ ସୁମନ୍ତି ମହାନ୍ତି ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସୂଚନା ମୁତାବକ, ଜୁନ ୭ ତାରିଖରେ ଶ୍ରମିକମାନେ କାମ କରୁଥିବା ସମୟରେ ବର୍ଷାପବନ ଆସିବାରୁ ସେଠାରେ ପୂର୍ବରୁ ଥିବା ଏକ ମାଲବାହୀ ଟ୍ରେନ ତଳେ ଆଶ୍ରୟ ନେଇଥିଲେ। ଅଚାନକ ଅତ୍ୟଧିକ ପବନ ହେବାରୁ ଟ୍ରେନଟି ଗଡ଼ିବାରେ ଲାଗିଥିଲା। ଫଳରେ ଟ୍ରେନ୍ ତଳେ ଆଶ୍ରୟ ନେଇଥିବା ୬ ଶ୍ରମିକଙ୍କ କଟିଯାଇ ମୃତ୍ୟୁ ହୋଇଥିଲା। ଘଟଣାପରେ ରାଜ୍ୟ ସରକାର ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ପ୍ରଦାନ କରିଥିଲେ। ହେଲେ ରେଲୱେ ପକ୍ଷରୁ ଏଯାଏ ମୃତ ଶ୍ରମିକଙ୍କ ପରିବାରକୁ କୌଣସି କ୍ଷତିପୂରଣ ମିଳିନାହିଁ। ତେଣୁ କ୍ଷତିପୂରଣ ପାଇଁ କୋରେଇ ସଂଗ୍ରାମ ସମିତି ପକ୍ଷରୁ ଖୋର୍ଦ୍ଧା ରୋଡ୍ ଡିଆର୍‌ଏମ ଏବଂ ରେଳମନ୍ତ୍ରୀଙ୍କ ନିକଟରେ ଏକାଧିକ ଥର ଦାବି କରାଯାଇଥିଲା। ହେଲେ ସେମାନେ ଦାବିପ୍ରତି ଗୁରୁତ୍ୱ ଦେଉ ନ ଥିବାରୁ ସମିତି ଆନ୍ଦୋଳନକୁ ଓହ୍ଲାଇଥିବା କହିଛି।



ଦୁଲାଖାପାଟଣା ରେଳଷ୍ଟେଶନ ନିକଟରେ ଗଣଧାରଣା ଦିଆଯାଇଛି।

# 'ଗଣତନ୍ତ୍ର ପାଇଁ ଗଣମାଧ୍ୟମ ଆବଶ୍ୟକ'

**ସାମ୍ବାଦିକ ସଂଘ ପକ୍ଷରୁ ଆଲୋଚନାଚକ୍ର**

ଝୁମ୍ପୁରୀ,୨୧।୭(ସରୋଜ ନାୟକ)

ଦଶରଥପୁର ବ୍ଲକ୍ ସାମ୍ବାଦିକ ସଂଘ ପକ୍ଷରୁ ଝୁମ୍ପୁରୀ ବଜାର ସାଇ ମଣ୍ଡପଠାରେ ଶୁକ୍ରବାର 'ଗଣମାଧ୍ୟମ ବିନା ତିଷ୍ଠିପାରିବନି ଗଣତନ୍ତ୍ର' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଶଙ୍କର୍ଷଣ କୁଣ୍ଡୁ ଏଥିରେ ସଭାପତିତ୍ୱ କରିଥିଲେ। ବରିଷ୍ଠ ଖବରଦାତା ସୁଶାନ୍ତ ବେହୁରିଆଙ୍କ ପରିଚାଳନାରେ ମୁଖ୍ୟ ଅତିଥିଭାବେ ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ ଯୋଗଦେଇ ଏକ ସୁଦୃଢ଼ ଗଣତନ୍ତ୍ର ପାଇଁ ଗଣମାଧ୍ୟମର ଆବଶ୍ୟକତା ରହିଛି। ପ୍ରତିଦିନ ସମାଜରେ ଘଟୁଥିବା ବିଭିନ୍ନ ଘଟଣାକୁ ଲୋକଲୋଚନକୁ ଆଣିବାରେ ଗଣମାଧ୍ୟମର ଭୂମିକା ସର୍ବାଗ୍ରେ ବୋଲି ଦାସ କହିଥିଲେ। ଅନ୍ୟତମ ଅତିଥିଭାବେ ରାଜସ୍ୱ ମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତି ଯୋଗଦେଇ ଗଣମାଧ୍ୟମ ଓ ଗଣତନ୍ତ୍ର ଅଙ୍ଗାଙ୍ଗୀଭାବେ ଜଡ଼ିତ ବୋଲି କହିଥିଲେ। ଅତିଥିଭାବେ ଜିଲା ବିଜେଡି ସଭାପତି ସରୋଜ କୁମାର ମହାପାତ୍ର, ଭାଜପା ନେତା ଅମିୟକାନ୍ତ ମଲ୍ଲିକ, କଂଗ୍ରେସ ନେତା ସନ୍ତୋଷ କୁମାର ନନ୍ଦ, ଦଶରଥପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ, ଉପାଧ୍ୟକ୍ଷା ଝିଲି ମଲ୍ଲିକ, ପୂର୍ବତନ ବ୍ଲକ୍ ଉପାଧ୍ୟକ୍ଷ ବିଷ୍ଣୁଚରଣ ମହାପାତ୍ର, ଜିଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ମନସ୍ୱିନୀ ଦାସ, ଚମ୍ପେଇପାଳ ସରପଞ୍ଚ ହିମାଂଶୁ କୁମାର ନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

ଯୁବ ଖବରଦାତା ଚନ୍ଦ୍ରଶେଖର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପ୍ରତ୍ୟୁଷ କୁମାର ନାୟକ ସ୍ୱାଗତ ଅଭିଭାଷଣ ରଖିଥିଲେ। ମହେଶ୍ୱର ଜେନା ବକ୍ତବ୍ୟ ରଖି ସମ୍ପ୍ରତି ପରିସ୍ଥିତିରେ ସାମ୍ବାଦିକମାନେ ଖଣ୍ଡାଧାରରେ ଚାଲିଥିବାବେଳେ ବିଭିନ୍ନ ରାଜନୈତିକ ଆକ୍ରୋଶର ଶିକାର ହେଉଛନ୍ତି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଖବରଦାତା ଉମାକାନ୍ତ ଧଳ, ଶୈଳେନ୍ଦ୍ର ସାମଲ, ଯତୀନ୍ଦ୍ରନାଥ କର, ମାନସ କୁମାର ଜେନା, ବିରଜା ପ୍ରସାଦ ପାଣି, ଅକ୍ଷୟ କୁମାର ଦାସ, ପ୍ରଦୀପ ମହାନ୍ତି, ବିଶ୍ୱଭୂଷଣ ବିଶ୍ୱାଳ, ମନୋଜ ପରିଡ଼ା, ପାର୍ଥସାରଥି ମଲ୍ଲିକ, ସରୋଜ ନାୟକ, ମାନସ ସାହୁ, ଚିତ୍ତରଞ୍ଜନ ମଲ୍ଲିକ, ଭାଗିରଥି ସାହୁ, ମନୋଜ ଦାସ, ଚନ୍ଦ୍ରନାରାୟଣ ସାହୁ, ପାର୍ଥସାରଥି ଦାସ, ଲତିଫ୍ କୁମାର ଓଝା, ସରୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସତ୍ୟଜିତ ସାମଲ ଧନ୍ୟବାଦ ଦେଇଥିଲେ।

# ନିର୍ମାଣ ଶ୍ରମିକଙ୍କୁ ସହାୟତା ପ୍ରଦାନ



ଜଣେ ନିର୍ମାଣ ଶ୍ରମିକଙ୍କୁ ବିଧାୟକ ସହାୟତା ରାଶିର ଚେକ୍ ଦେଉଛନ୍ତି।

ଧର୍ମଶାଳା,୨୧।୭(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ୍ ଅଧୀନ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ଧର୍ମଶାଳା ଓ ରସୁଲପୁର ବ୍ଲକର ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ରାଶି ବଣ୍ଟନ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଧାୟକ ଧର୍ମଶାଳା ବ୍ଲକର ୧୬୦ ଓ ରସୁଲପୁର ବ୍ଲକର ୧୭୮ ନିର୍ମାଣ ଶ୍ରମିକ ଓ ସେମାନଙ୍କ ଉତ୍ତରାଧିକାରୀଙ୍କୁ ୧ କୋଟି ୧୮ ଲକ୍ଷ ୪ହଜାର ୬ ଶହ ଟଙ୍କା ସହାୟତା ରାଶିର ଚେକ ପ୍ରଦାନ କରିଥିଲେ। ୧୫୬ଜଣଙ୍କୁ ନୂତନ ନିର୍ମାଣ ଶ୍ରମିକଭାବେ ପରିଚୟ ପତ୍ର ପ୍ରଦାନ କରାଯାଇଥିଲା।

ଯାଜପୁର ସହକାରୀ ଶ୍ରମ ଅଧିକାରୀ ସଞ୍ଜିତ କୁମାର ଦେଓ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିବାବେଳେ ଜିଲା ଶ୍ରମ ଅଧିକାରୀ ସନ୍ତୋଷ କୁମାର ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ପ୍ରଭତ କୁମାର ବଳବନ୍ତରାୟ ଓ ରସୁଲପୁର ବ୍ଲକ ଅଧ୍ୟକ୍ଷ ଅରୁଣ କୁମାର ରାଉତ ଯୋଗଦେଇ ଶ୍ରମିକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଯାଜପୁର ଯୁଗ୍ମ ଶ୍ରମଆୟୁକ୍ତ ଅଜୟ କୁମାର ପ୍ରଧାନ ଯୋଗଦେଇ ନିର୍ମାଣ ଶ୍ରମିକ ବୋର୍ଡ ପକ୍ଷରୁ ଶିକ୍ଷା ସହାୟତା ପାଇଁ ୪୦ ହଜାର, ବିବାହ ସହାୟାତା ୫୦ ହଜାର, ପ୍ରସୂତିକାଳୀନ ସହାୟତା ୧୦ ହଜାର, ସ୍ୱାଭାବିକ ମୃତ୍ୟୁ ହେଲେ ୨ ଲକ୍ଷ, ଦୁର୍ଘଟଣାଜନିତ ମୃତ୍ୟୁ ହେଲେ ୪ ଲକ୍ଷ ଓ ଅନ୍ତେଷ୍ଟିକ୍ରିୟା ପାଇଁ ୫ ହଜାର ପ୍ରଦାନ କରିବାର ବ୍ୟବସ୍ଥା ରହିଛି ବୋଲି କହିଥିଲେ।

# ରସୁଲପୁର ପରି ଘଟଣା ନ ହେବାକୁ ଚେତାବନୀ

**୪ ଜିଲାର ଜାତୀୟ ରାଜପଥ କାର୍ଯ୍ୟ ସମୀକ୍ଷା**

- ଚଣ୍ଡିଖୋଲଠାରେ ପୁନଃଟ୍ରାଫିକ୍ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ

ଯାଜପୁର ଟାଉନ,୨୧।୭ (ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

ଯାଜପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶୁକ୍ରବାର ୪ ଜିଲାର ଜାତୀୟ ରାଜପଥ କାର୍ଯ୍ୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମ୍‌ପି ଶର୍ମିଷ୍ଠା ସେଠୀ, ବଡ଼ଚଣା ବିଧାୟକ ଅମର ଶତପଥୀ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, କୋରେଇ ବିଧାୟକ ଅଶୋକ କୁମାର ବଳ, ସୁକିନ୍ଦା ବିଧାୟକଙ୍କ ପ୍ରତିନିଧି ବିବେକାନନ୍ଦ ବୋଷ ଓ ବିଞ୍ଝାରପୁର ବିଧାୟିକାଙ୍କ ପ୍ରତିନିଧି ଯୋଗଦେଇ ୪ ଜାତୀୟ ରାଜପଥ ଜୋନ୍‌ର ପ୍ରକଳ୍ପ ନିର୍ଦ୍ଦେଶକମାନଙ୍କ ସହ ବିଭିନ୍ନ ଜାତୀୟ ରାଜପଥ କାର୍ଯ୍ୟ ବିଷୟରେ ଆଲୋଚନା କରିଥିଲେ।

ବୈଠକରେ ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର, ଏସ୍‌ପି ବିନିତ୍ ଅଗ୍ରୱାଲ, ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ ଓ ଜିଲାର ବହୁ ପଦାଧିକାରୀ ଯୋଗଦେଇଥିଲେ। ଏମ୍‌ପି ସେଠୀ ୪ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଜାତୀୟ ରାଜପଥ ବିଷୟରେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ରସୁଲପୁର ବ୍ଲକ୍‌ଠାରେ ଭୁଶୁଡ଼ି ପଡିଥିବା ଜାତୀୟ ରାଜପଥର ପୋଲ ବିଷୟରେ ମଧ୍ୟ ଆଲୋକପାତ କରିଥିଲେ। ଏଭଳି ଦୁର୍ଘଟଣା ଆଗକୁ ନ ହେବା ପାଇଁ ପ୍ରକଳ୍ପ ନିର୍ଦ୍ଦେଶକମାନଙ୍କୁ ଚେତାବନୀ ଦେଇଥିଲେ। ବଡ଼ଚଣା ବିଧାୟକ ଶତପଥୀ ଆଲୋଚାରେ ଭାଗନେଇ ଚଣ୍ଡିଖୋଲଠାରେ ଟ୍ରାଫିକ୍ ଦ୍ୱାରା ପାସିଂ ବ୍ୟବସ୍ଥାକୁ ବନ୍ଦ କରିବା ବିଷୟରେ ପ୍ରଶ୍ନ ପଚାରିଥିଲେ। ଏହାଦ୍ୱାରା ସାଧାରଣ ଲୋକ ବିଭିନ୍ନ କାର୍ଯ୍ୟରେ ଏପଟସେପଟ ହେବାପାଇଁ ଅନ୍ୟୁନ୍ୟ ୧ କିଲୋମିଟର ବୁଲିବାକୁ ପଡୁଛି ବୋଲି କହିଥିଲେ। ତୁରନ୍ତ ଏହାକୁ ହଟାଇ ପୁନଃଟ୍ରାଫିକ୍ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବନ୍ଧାଳୋ ଛକଠାରୁ ଛତିଆ ୧୬ନଂ. ଜାତୀୟ ରାଜପଥର ରାସ୍ତା ଶୋଚନୀୟ ହୋଇପଡ଼ିଥିବା ଦର୍ଶାଇଥିଲେ। ଜଳ ନିଷ୍କାସିତ ବ୍ୟବସ୍ଥାକୁ ଦୃଷ୍ଟି ଦେବାପାଇଁ ଜାତୀୟ ରାଜପଥର ପ୍ରକଳ୍ପ ନିର୍ଦ୍ଦେଶକମାନଙ୍କୁ ବିଧାୟକ କହିଥିଲେ। ଧର୍ମଶାଳା ବିଧାୟକ ବଳବନ୍ତରାୟ କୁଆଖିଆ ନିକଟରେ ଜାତୀୟ ରାଜପଥର ଆପ୍ରୋଚ ରୋଡ୍ ଅତ୍ୟନ୍ତ ଖରାପ ହୋଇପଡ଼ିଥିବା ଦର୍ଶାଇଥିଲେ। ଏହି ରାଜପଥରେ ବଡ଼ବଡ଼ ଗାଡ ସୃଷ୍ଟି ହୋଇଥିବାବେଳେ ଏହାକୁ ଠିକ୍ ଭାବରେ ମରାମତି କରାଯାଉନାହିଁ ବୋଲି ମତପ୍ରକାଶ କରିଥିଲେ।

କୋରେଇ ବିଧାୟକ ବଳ କହିଥିଲେ, ପାଣିକୋଇଲିଠାରୁ ରଗଡ଼ି ଛକ ଯାଏ ୨୧୬ ନଂ. ଜାତୀୟ ରାଜପଥର ଅନ୍ୟୁନ୍ୟ ୨୧ ମିଟର ରାସ୍ତା ବହୁ ସ୍ଥାନରେ ଖାଲଖମା ହୋଇଛି। ତେଣୁ ଏହାର ମରାମତି ନିତ୍ୟାନ୍ତ ଜରୁରୀ । ଏହି ପଥରେ ଆସୁଥିବା ରେଲୱେ ଓଭର ବ୍ରିଜ୍‌ର କାର୍ଯ୍ୟ ମଧ୍ୟ ଦରକାର ପଡ଼ିଲାଣି। ଏହାକୁ ଦୃଷ୍ଟି ଦେବାପାଇଁ ପ୍ରକଳ୍ପ ନିର୍ଦ୍ଦେଶକମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୁକିନ୍ଦା ବିଧାୟକଙ୍କ ପ୍ରତିନିଧି ଦର୍ଶାଇଥିଲେଯେ, ଅନନ୍ତପୁରଠାରୁ ସୁକିନ୍ଦା ନିର୍ବାଚନମଣ୍ଡଳୀ ଆରମ୍ଭ ହୋଇଥିବାବେଳେ ମଙ୍ଗଳପୁର ନିକଟରେ ଏକ ଫ୍ଲାଏ ଓଭର ନିର୍ମାଣ ସରିଛି। ହେଲେ ସୁକିନ୍ଦାଠାରେ ଏକ ଫ୍ଲାଏ ଓଭରର ଆବଶ୍ୟକ ଅଛି। ଏହାକୁ ମଧ୍ୟ ଏମ୍‌ପି ପରିଦର୍ଶନ କରି କର୍ତ୍ତୃପକ୍ଷଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ଏହା ତୁରନ୍ତ କାର୍ଯ୍ୟକାରୀ ହେବା ଆବଶ୍ୟକ। ଅନନ୍ତପୁରଠାରୁ ସୁକିନ୍ଦା ନିର୍ବାଚନମଣ୍ଡଳୀରେ ଥିବା ଜାତୀୟ ରାଜପଥରେ ଆଲୋକୀକରଣ ବ୍ୟବସ୍ଥା ହୋଇନାହିଁ। ଅଥଚ ଅନନ୍ତପୁରଠାରୁ ଭୁବନ କାମାକ୍ଷା ଅଞ୍ଚଳ ବହୁଦିନ ପୂର୍ବରୁ ଆଲୋକୀକରଣ ହୋଇସାରିଛି। ଏହି ବୈଠକରେ ପ୍ରକଳ୍ପ ନିର୍ଦ୍ଦେଶକମାନେ ଜିଲାପାଳ ଏବଂ ଏମ୍‌ପି ଉପସ୍ଥିତିରେ ଏହି ସବୁକାର୍ଯ୍ୟକୁ ଯଥାଶୀଘ୍ର ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ।


ବୈଠକରେ ଉପସ୍ଥିତ ଜନ ପ୍ରତିନିଧି, ଜିଲାପାଳ ଏବଂ ଜାତୀୟ ରାଜପଥର ପ୍ରକଳ୍ପ ନିର୍ଦ୍ଦେଶକମାନେ।

## ସଡ଼କ ଦୁର୍ଘଟଣାରେ ଯୁବକ ଗୁରୁତର

ବାଲିକୁଦା,(ତାପସ ସ୍ୱାଇଁ): ବାଲିକୁଦା ଥାନା ଅନ୍ତର୍ଗତ ଈଶ୍ୱରପୁର -ବୋରିକିନା ରାସ୍ତାର କରକେଇ ହାଟ ନିକଟରେ ଏକ ସଡ଼କ ଦୁର୍ଘଟଣା ହୋଇଛି। ଟ୍ରାକ୍ଟର ପଛରେ ପିଟି ହୋଇ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ରାହଣ ପଞ୍ଚାୟତ ପ୍ରସନ୍ନପୁର ଗାଁର ଅଙ୍ଗଦ ମାଝି (୪୭)। ସେ ବାଇକରେ ଘରକୁ ଫେରିବା ବାଟରେ ଏକ ଟ୍ରାକ୍ଟର ପଛରେ ପିଟି ହୋଇ ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପ୍ରଥମେ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ପରେ ତାଙ୍କୁ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି।

## ସଂକ୍ଷେପରେ

### ଜୈବବିବିଧତା ସଂରକ୍ଷଣ, ସୁରକ୍ଷା ଶୀର୍ଷକ କର୍ମଶାଳା

ରାଜନଗର,୨୧।୭ (ଭାସ୍କର ରାଉତରାୟ)

ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜୈବବିବିଧତାର ସଂରକ୍ଷଣ, ସୁରକ୍ଷା ଶୀର୍ଷକ ୨ ଦିନିଆ କର୍ମଶାଳା ରାଜନଗର ବ୍ଲକ ଗୁପ୍ତି ବନ ବିଭାଗ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଜୈବବିବିଧତା ବୋର୍ଡ ଓ ରାଜନଗର ଲୁଣା ଜଙ୍ଗଲ ବନଖଣ୍ଡ ମିଳିତ ଆନୁକୂଲ୍ୟରେ ଏହି କର୍ମଶାଳା ଆୟୋଜନ କରାଯାଇଥିଲା। ରାଜନଗର ବନଖଣ୍ଡର ସହକାରୀ ସଂରକ୍ଷିକା ପୁନମ ହୀରା ହାଁସଦା ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିବା ସହିତ ଭିତରକନିକା ଜୈବ ବିବିଧତାର ଉପକାରିତା ଏବଂ ଏହାର ସଂରକ୍ଷଣ କ୍ଷେତ୍ରରେ ଭିତରକନିକା ସୀମା ସରହଦରେ ଥିବା ବିଭିନ୍ନ ପଞ୍ଚାୟତର ଜୈବ ବିବିଧତା ପରିଚାଳନା ସମିତିର ସଦସ୍ୟମାନେ ନିଷ୍ଠାର ସହ କାମ କରିବା ସହ ସୁରକ୍ଷା ଦିଗ ପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ରାଜନଗର ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରା, କନିକା ରେଞ୍ଜ ଅଫିସର ମାନସ କୁମାର ଦାସ, ରାଜନଗର ପ୍ରାଣୀ ଚିକିତ୍ସା ଅଧିକାରୀ ଡା. କିଶୋର କୁମାର ସାହୁ, ମତ୍ସ୍ୟ ଅଧିକାରିଣୀ ମୋନାଲିସା ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି କର୍ମଶାଳାରେ ଜୈବବିବିଧତା ବୋର୍ଡର ବରିଷ୍ଠ ଗବେଷକ ଡ. ଶୁଭ୍ରାଂଶୁ ନାୟକ, ଡ. ସତ୍ୟରଞ୍ଜନ ବେହେରା, ଡ. ପ୍ରସାଦ କୁମାର ଦାସ, ପ୍ରସନ୍ନ କୁମାର ନାୟକ, ମନୋଜ କୁମାର ଶତପଥୀ ପ୍ରମୁଖ କୃଷି ଉଦ୍ଭିଦର ସଂରକ୍ଷଣ, ଗୃହପାଳିତ ପ୍ରାଣୀ ଓ ଅଣୁଜୀବମାନଙ୍କ ଜୀବନଶୈଳୀ ସହ ଜୈବବିବିଧତାର ସମ୍ପର୍କ ଉପରେ ରହିଥିବା ଜ୍ଞାନ କୌଶଳ ଓ ଦକ୍ଷତା ବୃଦ୍ଧି ସମ୍ବନ୍ଧରେ ପ୍ରଶିକ୍ଷଣ ଦେଇଥିଲେ। କର୍ମଶାଳାରେ ବ୍ରାହ୍ମଣସାହି, କୁରଣ୍ଟି, ଗୁପ୍ତି, ସାନବଡ଼ଗୋପାଳପୁର, ସୁନତି, ଜମ୍ବୁ, ଚକଡ଼ାଗୋଗୁଆ, ରାଜପୁର, ବାଲିସାହିପାଟଣା, ଓସ୍ତିଆ, କେରୁଆଁପାଳ, ବାଘମାରୀ, ଡାଙ୍ଗମାଳ, ରଙ୍ଗଣୀ, ତାଳଚୁଆ, କୃଷ୍ଣନଗର, ଈଶ୍ୱରପୁର, ଖମାରସାହି, ସାତଭାୟା, ଡେରା ପ୍ରଭୃତି ପଞ୍ଚାୟତର ଜୈବ ବିବିଧତା ସମିତିର ସଦସ୍ୟମାନେ ପ୍ରଶିକ୍ଷଣ ନେଇଥିଲେ।

### ଖବରଦାତାଙ୍କ ପିତୃ ବିୟୋଗ

ରାଜନଗର,୨୧।୭ ( ଭାସ୍କର ରାଉତରାୟ)

ରାଜନଗର ବ୍ଲକ ସାନବଡ଼ଗୋପାଳପୁର ଗୋସିଗାଁ ଗ୍ରାମର ବଂଶୀଧର ରାଉତ(୯୨)ଙ୍କ ଗୁରୁବାର ରାତିରେ ପରଲୋକ ହୋଇଛି। ସେ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥ ଥିଲେ। ସେ ଜଣେ ଧର୍ମପ୍ରାଣ ଓ ପରୋପକାରୀ ବ୍ୟକ୍ତି ଭାବେ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ ନିମାଇଁ ରାଉତ, ସାନପୁଅ ଖବରଦାତା ନିରଞ୍ଜନ ରାଉତଙ୍କ ସମେତ ସମସ୍ତ ପରିବାର ଲୋକ ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ଗ୍ରାମରେ ପରିକ୍ରମା କରାଯାଇ ବାଡ଼ିରେ ସମାଧି ଦିଆଯାଇଛି।

# ବିଦ୍ୟାଳୟକୁ ଆସିଲେନି ଛାତ୍ରୀଛାତ୍ର

ନାଉଗାଁ,୨୧।୭(ସୁଧା ବେହୁରା)




**ତେଣ୍ଟୋଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

**ଶିକ୍ଷକ ବଦଳି ବାତିଲ ଦାବି ଜୋର ଧରିଲା**

ନାଉଗାଁ ବ୍ଲକ ତେଣ୍ଟୋଇ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ବଦଳି ପ୍ରସଙ୍ଗ ଜୋର ଧରିଛି। ପ୍ରଥମ ଦିନରେ ଅଭିଭାବକମାନେ ବିଦ୍ୟାଳୟର କାର୍ଯ୍ୟାଳୟରେ ତାଲା ପକାଇ ଶିକ୍ଷକ ରମେଶ ଚନ୍ଦ୍ର ସାହୁଙ୍କ ବଦଳି ସ୍ଥଗିତ ରଖିବା ପାଇଁ ଦାବି କରିଥିଲେ। ଏନେଇ ସେମାନେ ବ୍ଲକ ଶିକ୍ଷାଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏହାର କୌଣସି ସ୍ଥାୟୀ ସମାଧାନ ହୋଇ ନ ଥିବାରୁ ଶୁକ୍ରବାର ବିଦ୍ୟାଳୟକୁ କୌଣସି ଛାତ୍ରୀଛାତ୍ର ଆସି ନଥିଲେ। ନିର୍ଦ୍ଧାରିତ ସମୟରେ ବିଦ୍ୟାଳୟକୁ ଶିକ୍ଷୟିତ୍ରୀ, ଶିକ୍ଷକ ଆସିଥିବାବେଳେ ପିଲାମାନଙ୍କର ଦେଖା ନ ଥିଲା। ଶିକ୍ଷକ ବଦଳି ପ୍ରତିବାଦକୁ ଇତିମଧ୍ୟରେ ୨ ଦିନ ବିତିଯାଇଥିଲେ ମଧ୍ୟ ଘଟଣାସ୍ଥଳକୁ ଶିକ୍ଷା ବିଭାଗର କୌଣସି ଅଧିକାରୀ ଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ୨ ଦିନ ହେବ ପ୍ରତିବାଦ ଯୋଗୁ ପିଲାମାନଙ୍କ ପାଠ ପଢ଼ା ଏକ ରକମ ଠପ୍ ହୋଇଯାଇଛି। ଅପରପକ୍ଷେ ଶିକ୍ଷକ ବଦଳି ବାତିଲ ନ ହେବା ପର୍ଯ୍ୟନ୍ତ ପ୍ରତିବାଦ ଜାରି ରହିବ ବୋଲି ଶିକ୍ଷା କମିଟି ସଭାପତି ଅରୁଣ କୁମାର ବିଶ୍ୱାଳ ଓ ଅଭିଭାବକମାନେ ପ୍ରକାଶ କରିଛନ୍ତି। ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୫୭ ଜଣ ପିଲା ପାଠ ପଢ଼ିଥାନ୍ତି। ୮ ଶ୍ରେଣୀକୁ ୭ ଜଣ ଶିକ୍ଷକ ଥିବାବେଳେ ଶିକ୍ଷକ ରମେଶ ଚନ୍ଦ୍ର ସାହୁଙ୍କୁ ଡାବର ବଦଳି କରାଯାଇଛି। ଆଉ ମାତ୍ର ୩ ମାସ ପରେ ପ୍ରଧାନ ଶିକ୍ଷକ ଅବସର ଗ୍ରହଣ କରିବେ। ଉକ୍ତ ୨ ଶିକ୍ଷକ ଯିବାପରେ ବିଦ୍ୟାଳୟରେ ମାତ୍ର ୫ ଜଣ ଶିକ୍ଷକ ରହିବେ। ଫଳରେ ବିଦ୍ୟାଳୟରେ ପିଲାଙ୍କ ପାଠପଢ଼ା ବ୍ୟାଘାତ ହେବାର ଆଶଙ୍କା ରହିଛି ବୋଲି ଅଭିଭାବକମାନେ କହିଛନ୍ତି। ବ୍ଲକର ଅନେକ ବିଦ୍ୟାଳୟରେ ଆବଶ୍ୟକଠାରୁ ଅଧିକ ଶିକ୍ଷକ ଥିଲାବେଳେ ଏହି ବିଦ୍ୟାଳୟରୁ କାହିଁକି ବଦଳି କରାଯାଉଛି ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

ଏ ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀ ମନୋରମା ରାଉତଙ୍କୁ ଯୋଗାଯୋଗ କରିବାରେ ସେ ଫୋନ ଉଠାଇ ନ ଥିଲେ। ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରାଙ୍କୁ ପଚାରିବାରେ ବିଇଓଙ୍କ ସହ ଆଲୋଚନା କରି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଚାରା ରୋପଣ କାର୍ଯ୍ୟକ୍ରମ

ତିର୍ତ୍ତୋଲ, ୨୧।୭ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘ ଜଗନ୍ନାଥପୁର ତରଫରୁ ଚାରା ରୋପଣ କାର୍ଯ୍ୟକ୍ରମ ଜଗନ୍ନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ସ୍ଥାନୀୟ ଉର୍ଦ୍ଧ୍ୱ ପ୍ରାଥମିକ ବିଦ୍ୟାଳୟ, ବୁଦ୍ଧ ବିହାର ଶାଗ ବାରିଆ, ମହାଦେବ ମନ୍ଦିର ଜଗନ୍ନାଥପୁର, ତିରଣ ଏବଂ ପୁରୀଜେନା ରାସ୍ତା ପାର୍ଶ୍ୱରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଭାପତି ହରେକୃଷ୍ଣ ସେଣ, ସମ୍ପାଦକ ଶରତ କୁମାର ତାରାଣିଆ, ବୁଦ୍ଧ ବିହାର ଶାଗ ବାରିଆ ସମ୍ପାଦକ ବାବାଜୀ ଚରଣ ମଲ୍ଲିକ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଲୋକନାଥ ବଡ଼ପଣ୍ଡା, ନରହରି ଓଝା, ପୂର୍ବତନ ଜିଲା ପରିଷଦ ସଭ୍ୟ ହେମନ୍ତ କୁମାର ନାୟକ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭୟ କୁମାର ନାୟକ ପ୍ରମୁଖ ସାମିଲ ହୋଇଥିଲେ। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇ ଥିଲେ। ଏହି ଅବସରରେ ପିଲାମାନେ ଗଛ ଆମ ସବୁଜିମା, ପୃଥିବୀ ପୃଷ୍ଠରେ ଜୀବଜଗତ ପାଇଁ ବାୟୁରେ ଅମ୍ଳଜାନ ଭରିଦିଏ ଓ ପରିବେଶ ସୁରକ୍ଷା କରେ ବୋଲି କହିଥିଲେ।

## ଚିରଞ୍ଜୀବଙ୍କ ନିଲମ୍ବନ: କଂଗ୍ରେସ ରାଜନୀତି ଚଳଚଞ୍ଚଳ

ଜଗତ୍‌ସିଂହପୁର, ୨୧।୭
(ପ୍ରମୋଦ କୁମାର ନାୟକ)



ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳଙ୍କୁ କଂଗ୍ରେସରୁ ନିଲମ୍ବନ କରାଯିବା ପରେ ଜଗତ୍‌ସିଂହପୁର ରାଜନୀତି ଚଳଚଞ୍ଚଳ ହୋଇଉଠିଛି। ନିଲମ୍ବନ ଆଦେଶ ପ୍ରତ୍ୟାହାର ଦାବିରେ ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଶତାଧିକ କଂଗ୍ରେସ ନେତା ଓ କର୍ମୀ ଶୁକ୍ରବାର କଂଗ୍ରେସ ଭବନ ଆଗରେ ଯେଉଁଭଳି ରୁଣ୍ଡ ହୋଇଥିଲେ ତାହା ନିଆରା ବାର୍ତ୍ତା ଦେଇଛି । ବାସ୍ତବରେ ଏହି ନେତା ଓ କର୍ମୀମାନେ ନିଜ ଆଡୁ ଯାଇଥିଲେ କି ସେମାନଙ୍କୁ ନିଆଯିବା ପାଇଁ ବ୍ୟବସ୍ଥା କରାଯାଇଥିଲା ସେନେଇ ଚର୍ଚ୍ଚା ଚାଲିଛି। ବିଶ୍ୱାଳ ଗତ ନିର୍ବାଚନରେ ହାରିବା ପରେ ଏକ ପ୍ରକାର ନିର୍ବାଚନ ମଣ୍ଡଳୀରୁ ଦୂରେଇ ରହିଛନ୍ତି। କାଁ ଭାଁ ଆସୁଥିଲେ ସୁଦ୍ଧା ଦଳୀୟ କାର୍ଯ୍ୟରେ ଏତେଟା ଆନ୍ତରିକତା ଦେଖାଇନାହାନ୍ତି। ଏଥିଯୋଗୁ ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ଓ କର୍ମୀମାନେ ନିରାଶ ଅନୁଭବ କରୁଛନ୍ତି। ସେ ବିଜେଡିରେ ଯୋଗଦେବେ ବୋଲି ମଧ୍ୟ ମଝିରେ ମଝିରେ ଚର୍ଚ୍ଚା ହେଉଛି। ଏ ପରିସ୍ଥିତିରେ କିଛି ଦିନ ପୂର୍ବରୁ ଭୁବନେଶ୍ୱର ଜୟଦେବ ଭବନରେ 'ଜାନକୀ–ବସନ୍ତ ଯୋଡ଼ି ଓଡ଼ିଶା ରାଜନୀତିର ସ୍ୱର୍ଣ୍ଣିମ ଯୁଗ' ଶୀର୍ଷକ ଆଲୋଚନାଚକ୍ରରେ ଚିରଞ୍ଜୀବଙ୍କୁ ଦେଖିବାକୁ ମିଳିଥିଲା। ସେତେବେଳେ ସେ ବିବାଦୀୟ ବୟାନ ଦେବାରୁ ଅଡୁଆ ବଢ଼ିଥିଲା। ଚିରଞ୍ଜୀବଙ୍କୁ ପିସିସି ସଭାପତି ଶରତ ପଟ୍ଟନାୟକ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ଏହାର ସନ୍ତୋଷଜନକ ଉତ୍ତର ନ ପାଇବାରୁ ସେ ଏଆଇସିସିକୁ ଲିଖିତ ଭାବେ ଅବଗତ କରିଥିଲେ। ତା'ପରେ ଏଆଇସିସି ଶୃଙ୍ଖଳା କମିଟି ଚିରଞ୍ଜୀବଙ୍କୁ ଦଳରୁ ନିଲମ୍ବନ କରିଥିବା ପଟ୍ଟନାୟକ ଗଣମାଧ୍ୟମ ଆଗରେ କହିଥିଲେ। ଏହି ଘଟଣା ପରେ ଚିରଞ୍ଜୀବ ରାଜଧାନୀରେ ଏକ ଖବରଦାତା ସମ୍ମିଳନୀ କରି କହିଥିଲେ, ତାଙ୍କ ରକ୍ତରେ ବେଇମାନି ନାହିଁ । ତାଙ୍କ ଅଜା, ବାପାଙ୍କ ପରେ ଏବେ ସେ ଦୁଇ ଭାଇ କଂଗ୍ରେସରେ ଅଛନ୍ତି। କଂଗ୍ରେସ ନେତୃତ୍ୱ ତାଙ୍କୁ ନିଲମ୍ବନ କରିବାରୁ ଗଭୀର ଆଘାତପ୍ରାପ୍ତ ହୋଇଛନ୍ତି ବୋଲି ସେ କହିଛନ୍ତି। ତେବେ କଂଗ୍ରେସ ଭବନ ସମ୍ମୁଖରେ ନିର୍ବାଚନ ମଣ୍ଡଳୀର କଂଗ୍ରେସ କର୍ମୀଙ୍କ ସମାବେଶ ଚର୍ଚ୍ଚାକୁ ଖୋରାକ ଯୋଗାଇଛି। କୁହାଯାଉଛି ଏଭଳି ସମାବେଶ ପୂର୍ବ ଯୋଜନା ମୁତାବକ ହୋଇଛି। ଏହାର ବିଭିନ୍ନ ଦିଗକୁ ନେଇ ରାଜନୈତିକ ସମୀକ୍ଷକମାନେ ନାନା କଥା କହୁଛନ୍ତି। ସେମାନଙ୍କ ମତ ଅନୁଯାୟୀ, ନିର୍ବାଚନ ମଣ୍ଡଳୀର ନେତା ଓ କର୍ମୀମାନେ ଚିରଞ୍ଜୀବଙ୍କ ନିଲମ୍ବନ ପ୍ରତ୍ୟାହାର ଚାହିଁବା ସ୍ୱାଭାବିକ କଥା। କିନ୍ତୁ ଚିରଞ୍ଜୀବ କାହିଁକି ଏହା ଉପରୁ ପରଦା ହଟାଉ ନାହାନ୍ତି ତାହା ଏବେ ବି ସନ୍ଦେହ ଭିତରେ ଅଛି। ନିଲମ୍ବିତ ବିଧାୟକ ମହମ୍ମଦ ମୌକିମ କଂଗ୍ରେସରୁ ପ୍ରାର୍ଥୀ ହେବାକୁ ଚାହାନ୍ତି ବୋଲି ସ୍ପଷ୍ଟ କରୁଥିବା ବେଳେ ଚିରଞ୍ଜୀବ ନୀରବ ରହୁଛନ୍ତି। ଗଣମାଧ୍ୟମ ପ୍ରତିନିଧିମାନେ ଏହା ଉପରେ ପ୍ରଶ୍ନ କଲେ ସେ ପ୍ରସଙ୍ଗକୁ ଭିନ୍ନ ମୋଡ଼ ଦେବାକୁ ଚେଷ୍ଟା କରୁଛନ୍ତି। ଅନ୍ୟପଟେ ଜଗତ୍‌ସିଂହପୁର ବିଜେଡି ମଧ୍ୟ ଚିରଞ୍ଜୀବଙ୍କ ନିଲମ୍ବନ ପ୍ରସଙ୍ଗ ଉପରେ ତୀକ୍ଷ୍ଣ ନଜର ରଖିଛି। ଚିରଞ୍ଜୀବ କିପରି ବିଜେଡିରେ ମିଶି ନ ପାରିବେ ସେନେଇ ମଧ୍ୟ ଏକ ଗୋଷ୍ଠୀ ଗୋଟି ଚାଳନା କରୁଥିବା କୁହାଯାଉଛି। କାରଣ ଚିରଞ୍ଜୀବ ବିଜେଡିରେ ମିଶିଲେ ସେମାନଙ୍କ ପତିଆରା କ୍ଷୁଣ୍ଣ ହେବାର ଆଶଙ୍କା ରହିଛି। କଂଗ୍ରେସର ଏକ ଗୋଷ୍ଠୀ ମଧ୍ୟ ସାଙ୍ଗଠନିକ କାର୍ଯ୍ୟରୁ ଚିରଞ୍ଜୀବ ଦୂରେଇ ରହିବାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛି। ସେମାନଙ୍କ ଯୁକ୍ତି ହେଲା ସଙ୍ଗଠନ ପାଇଁ ଯିଏ କାମ ନ କରିବେ ସେ ଦଳରେ ରହିବା ଅଧିକାର ନାହିଁ। ବହୁ ତ୍ୟାଗ କରି ଅନେକ କଂଗ୍ରେସ କର୍ମୀ ଦଳ ପାଇଁ କାମ କରି ଚାଲିଛନ୍ତି। କିନ୍ତୁ ସେମାନଙ୍କ ପାଇଁ ନେତାଙ୍କ ଚିନ୍ତା ନାହିଁ। ବ୍ୟକ୍ତି ବଡ଼ ନୁହେଁ, ଦଳ ବଡ଼। ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କ ପକ୍ଷରୁ ପଠାଯାଇଥିବା କାରଣ ଦର୍ଶାଅ ନୋଟିସ୍‌ର ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିବାରୁ ଚିରଞ୍ଜୀବ ନିଲମ୍ବିତ ହୋଇଛନ୍ତି। ଏବେ ସେ ଚାହିଁଲେ ନିଲମ୍ବନ ପ୍ରତ୍ୟାହାର ହୋଇପାରିବ। କିନ୍ତୁ ସେ ଜାଣିଶୁଣି ତାହା କରୁନାହାନ୍ତି। ଅଥଚ ନିର୍ବାଚନ ମଣ୍ଡଳୀର କର୍ମୀଙ୍କୁ ପ୍ରଭାବିତ କରି ଦଳର ଭାବମୂର୍ତ୍ତି ନଷ୍ଟ ପାଇଁ ଚେଷ୍ଟା କରୁଛନ୍ତି। ଏହା ଦୁଃଖଦାୟକ ଘଟଣା ବୋଲି ସେମାନେ କହିଛନ୍ତି।

## କବି ପବିତ୍ର ବ୍ରହ୍ମପୁତ୍ର ପାଇଲେ ସୁଧି ପ୍ରକାଶକ ସମ୍ମାନ

ରାଜନଗର,୨୧।୭
( ଭାସ୍କର ରାଉତରାୟ)

ପ୍ରତିଭା ରାୟ ଫାଉଣ୍ଡେଶନ ଟ୍ରଷ୍ଟ ଓ ଆଦ୍ୟା ପ୍ରକାଶନୀର ମିଳିତ ପ୍ରୟାସରେ ଆୟୋଜିତ ୩ୟ ଅଖିଳ ସ୍ମାରକୀ ଉପନ୍ୟାସ ଉତ୍ସବ ଭୁବନେଶ୍ୱର ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶିଷ୍ଟ ଉପନ୍ୟାସିକା ପ୍ରତିଭା ରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ଉପନ୍ୟାସିକ ରାମଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଓ ବିଶିଷ୍ଟ ଲେଖିକା ବନଜା ଦେବୀ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟର ଜଣାଶୁଣା ପ୍ରକାଶକ ବନଫୁଲର ନିର୍ଦ୍ଦେଶକ ଯୁବ କବି ପବିତ୍ର ବ୍ରହ୍ମପୁତ୍ର ନାୟକଙ୍କୁ ମାନପତ୍ର, ଉପଢୌକନରେ ସୁଧି ପ୍ରକାଶକ ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ସମ୍ମାନ ପାଇବା ପରେ ପବିତ୍ରଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ବାର୍ତ୍ତା ଦିଆଯାଇଛି।

## ବ୍ଲକସ୍ତରୀୟ ଭିନ୍ନକ୍ଷମ ଚିହ୍ନଟ ଶିବିର



ଶିବିରରେ ଭିନ୍ନକ୍ଷମମାନଙ୍କୁ ଚିହ୍ନଟ କରାଯାଉଛି।

ତିର୍ତ୍ତୋଲ, ୨୧।୭
(ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ ଗୋପାଳପୁର ପଞ୍ଚାୟତ କିତନପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ଭିନ୍ନକ୍ଷମ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁନୀଲ କୁମାର ନାୟକ ଏବଂ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କାଜଲ କୁମାର ଦାସ ଉପସ୍ଥିତ ରହି ଶିବିରକୁ ପରିଚାଳନା କରିଥିଲେ। ଡାକ୍ତର ଅଭିଳାଷ ପତି, ଡାକ୍ତର ଗୌରୀଶଙ୍କର ବେହେରାଙ୍କ ସମେତ ଅନ୍ୟ ଟେକ୍ନିସିଆନମାନେ ଉପସ୍ଥିତ ରହି ଭିନ୍ନକ୍ଷମମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଚିହ୍ନଟ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ଶିବିରରେ ଗୋପାଳପୁର ସରପଞ୍ଚ ପ୍ରକାଶ ଚନ୍ଦ୍ର ସ୍ୱାଇଁ, ବ୍ଲକ ଆମ୍ବା କମିଟି ଅଧ୍ୟକ୍ଷ ଦେବେନ୍ଦ୍ର କୁମାର ମଲ୍ଲିକ, କନିମୂଳ ସମିତି ସଭ୍ୟ ବସନ୍ତ କୁମାର ମହାପାତ୍ର, ପୂର୍ବତନ ସରପଞ୍ଚ ମୃତ୍ୟୁଞ୍ଜୟ କୁମାର ସ୍ୱାଇଁ, ପୂର୍ବତନ ସମିତିସଭ୍ୟ ବିଜୟ କୁମାର ମହାନ୍ତି, ପ୍ରୀତମ କୁମାର ମଲ୍ଲିକ, ସାମାଜିକ କର୍ମୀ ଯଶୋବନ୍ତ ରାଉତ, ନିହାର କୁମାର ମହାନ୍ତି, ପ୍ରିୟକୁମାର ରାଉତ, ରାଜ କିଶୋର ନନ୍ଦ, ଭୁବନ କୁମାର ମଲ୍ଲିକ, ବାସୁଦେବ ଦାସ, ମମତା ଦାଶ ଓ ମହେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ବିଭିନ୍ନ ପଞ୍ଚାୟତରୁ ଶତାଧିକ ହିତାଧିକାରୀ ଯୋଗଦେଇଥିଲେ।

## ସୌଖୀନ ଗହଣା ପ୍ରସ୍ତୁତ ପାଇଁ ଏସ୍‌ଏଚ୍‌ଜି ମହିଳାଙ୍କୁ ତାଲିମ ପ୍ରଦାନ

ରାଜନଗର,୨୧।୭ ( ଭାସ୍କର ରାଉତରାୟ)



ତାଲିମ ଶିବିରରେ ଅତିଥି ଓ ଏସ୍‌ଏଚ୍‌ଜି ସଦସ୍ୟାମାନେ।

ରାଜନଗର ବ୍ଲକ ବଗପାଟିଆଠାରେ ସାତଭାୟା ପଞ୍ଚାୟତର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ୩୦ଜଣ ମହିଳାଙ୍କୁ ନେଇ ସୌଖୀନ ଗହଣା ପ୍ରସ୍ତୁତ ପାଇଁ ୧୦ଦିନିଆ ତାଲିମ ଶିବିର ଆରମ୍ଭ ହୋଇଛି। କେନ୍ଦ୍ରାପଡ଼ାର ତାଲିମପ୍ରାପ୍ତ ୨ଜଣ ଟ୍ରେନର ମହିଳାମାନଙ୍କୁ ତାଲିମ ଦେଉଛନ୍ତି। ଏହି ତାଲିମ ଗ୍ରହଣ କରିବା ପରେ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ବିଭିନ୍ନ ପ୍ରକାରର ସୌଖୀନ ଗହଣା ପ୍ରସ୍ତୁତ କରି ରାଜନଗର ବଜାର ସମେତ କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ବଜାରରେ ବିକ୍ରି କରିବାର ଲକ୍ଷ୍ୟ ରଖିଛନ୍ତି। ଗୁରୁବାର କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜ ଏହି ତାଲିମ କେନ୍ଦ୍ରରେ ପହଞ୍ଚି ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ କିପରି ସୌଖୀନ ଗହଣା ସବୁ ପ୍ରସ୍ତୁତ କରୁଛନ୍ତି ଦେଖିବା ସହ ପଚାରି ବୁଝିଥିଲେ। ଶିବିର ୧୦ଦିନ ଧରି ଚାଲିବ। ଜିଲାପାଳଙ୍କ ସହ ବିଡିଓ ନିଶାନ ମିଶ୍ର, ଓଡ଼ିଶା ଜୀବିକା ମିଶନର ସଂଯୋଜକ ରଶ୍ମୀ ରଞ୍ଜନ ଦାଶ, ଏମ୍‌ବିକେ ସବିତା ରାଉତ, ସିଆରପି ଓ ପଞ୍ଚାୟତ ସଂଘର କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଗୀତାଜ୍ଞାନର ଷଷ୍ଠ ସଂସ୍କରଣ ଉନ୍ମୋଚନ

ରାହାମା, ୨୧।୭(ଶ୍ରୀକାନ୍ତ ଦାସ)

ବ୍ୟାସ ଫାଉଣ୍ଡେଶନ ଚ୍ୟାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସ୍ନେହମୟୀ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଗୀତା ଜ୍ଞାନଞ୍ଜନର ଦ୍ୱିତୀୟ ବାର୍ଷିକୀ ଷଷ୍ଠ ସଂସ୍କରଣ ରାହାମା ମହାଲକ୍ଷ୍ମୀ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରତିଭାବାନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଉପଢୌକନ ଦିଆଯାଇଥିଲା। ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉତ୍ସବରେ ସଭାପତି ଇଣ୍ଟରନ୍ୟାଶନାଲ ଗୀତା ମିଶନର ଡ. ସ୍ୱାମୀ ଚିଦାନନ୍ଦ ଜୀମହାରାଜ, ସମ୍ବାଦ ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ, ଜୀବନ କୁମାର ମହାପାତ୍ର, ପୂର୍ବତନ ମୁଖ୍ୟ ପରିଚାଳକ ନାଲ୍‌କୋ ଇଣ୍ଡିଆ ଭୁବନେଶ୍ୱର, ଗୀତା ଶାସ୍ତ୍ରବିତ୍ ପଣ୍ଡିତ ପ୍ରଶାନ୍ତ କୁମାର ଶତପଥୀ ପରିଚାଳନା କରିଥିଲେ।

## ପ୍ରକ୍ରିୟାକୁ ବେଆଇନ ଘୋଷଣା କଲେ ହାଇକୋର୍ଟ

କଟକ,୨୧।୭ (କାର୍ତ୍ତିକ ସାହୁ)

**ରାଜ୍ୟ ସମବାୟ ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକ ନିଯୁକ୍ତି ବିଜ୍ଞପ୍ତି ମାମଲା**

ରାଜ୍ୟ ସମବାୟ ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକ ନିଯୁକ୍ତି ନିମନ୍ତେ ପ୍ରକାଶିତ ବିଜ୍ଞପ୍ତି ପ୍ରକ୍ରିୟାକୁ ହାଇକୋର୍ଟ ବେଆଇନ ଘୋଷଣା କରିଛନ୍ତି। ରାଜ୍ୟ ସମବାୟ ବ୍ୟାଙ୍କ ପରିଚାଳନା ପରିଷଦ ଏ ବାବଦରେ ନିଷ୍ପତ୍ତି ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ରାଜ୍ୟ ସମବାୟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବା ପରିଚାଳନା ନିର୍ଦ୍ଦେଶକଙ୍କ ନିଯୁକ୍ତି ଓଡ଼ିଶା ସମବାୟ ଆଇନ ଦ୍ୱାରା ସ୍ଥିରୀକୃତ ହୋଇଛି। ଏହି ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ସମବାୟ ବ୍ୟାଙ୍କ ପରିଚାଳନା ପରିଷଦକୁ ଦାୟିତ୍ୱ ଅର୍ପଣ କରାଯାଇଛି। ମାତ୍ର ରାଜ୍ୟ ସରକାର ଏଭଳି ବ୍ୟବସ୍ଥାକୁ ଅଣଦେଖା କରି ସମବାୟ ପରିଚାଳନା ନିର୍ଦ୍ଦେଶକ ପଦ ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଏହାକୁ ଚ୍ୟାଲେଞ୍ଜ କରି କେନ୍ଦ୍ରାପଡା ପ୍ରିଣ୍ଟିଂ ଏବଂ ପବ୍ଲିଶିଂ କୋ–ଅପରେଟିଭ ସୋସାଇଟିର ସଭ୍ୟ ଅନାମ ଚରଣ ମହଲା ହାଇକୋର୍ଟରେ ଏକ ପିଟିଶନ ଦାଖଲ କରିଥିଲେ। ଏହି ବିଜ୍ଞପ୍ତିକୁ ରଦ୍ଦ କରିବା ଲାଗି ଆବେଦନକାରୀ ପ୍ରାର୍ଥନା କରିଥିଲେ। ବିଚାରପତି ଆଦିତ୍ୟ କୁମାର ମହାପାତ୍ର ମାମଲାର ପ୍ରାରମ୍ଭିକ ଶୁଣାଣି କରି ବିଜ୍ଞପ୍ତି ଉପରେ ଅନ୍ତରୀଣ ରହିତାଦେଶ ଦେଇଥିଲେ। ଏଥିସହ ଏ ବାବଦରେ ଜବାବ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସରକାର ଜବାବ ଦାଖଲ କରି ହାଇକୋର୍ଟଙ୍କୁ ଅବଗତ କରାଇଥିଲେ ଯେ, ବ୍ୟାପକ ବିଜ୍ଞପ୍ତି ମାଧ୍ୟମରେ ଦରଖାସ୍ତ ଆହ୍ୱାନ କରାଯାଇ ସର୍ଚ୍ଚକମିଟି ମାଧ୍ୟମରେ ପ୍ରାର୍ଥୀ ଚୟନ କରାଯିବାକୁ ବ୍ୟବସ୍ଥା ହୋଇଛି। ଏଥିରେ କୌଣସି ବେଆଇନ କାର୍ଯ୍ୟ କରାଯାଇ ନାହିଁ ଓ ଏହି ବ୍ୟବସ୍ଥା ଚଳିଆସୁଥିବା ସରକାର ସତ୍ୟପାଠରେ ଦର୍ଶାଇଥିଲେ। ହାଇକୋର୍ଟ ମାମଲାର ବିଚାରକରି ସରକାରଙ୍କ ସମବାୟ ବିଭାଗ ଦ୍ୱାରା ଚାଲି ଆସୁଥିବା ନିଯୁକ୍ତି ପ୍ରକ୍ରିୟା ଓ ଏବେକାର ବିଜ୍ଞପ୍ତିକୁ ବେଆଇନ ଘୋଷଣା କରିବା ସହ ଏ ବିବାଦ କେବଳ ରାଜ୍ୟ ସମବାୟ ବ୍ୟାଙ୍କ ପରିଷଦର ପରିସୀମାଭୁକ୍ତ ବୋଲି କହିଛନ୍ତି। ତେଣୁ ଆଗାମୀ ଦୁଇମାସ ମଧ୍ୟରେ ଏହି କାର୍ଯ୍ୟ ସାରିବା ପାଇଁ ହାଇକୋର୍ଟ ପରିଷଦକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ କ୍ଷୀରୋଦ ରାଉତ ମାମଲା ପରିଚାଳନା କରୁଥିଲେ। ଆଜରା ଜମାଲ, ଜୟନ୍ତୀ ନାୟକ, ସୁରେନ୍ଦ୍ର କୁମାର ରାଉତ, ସୁରୋଜ କୁମାର ଭୂୟାଁ, ସବିତା କୁମାର ବରାଳ, ସୁଶାନ୍ତ କୁମାର ଜେନା ପ୍ରମୁଖ ମାମଲା ପରିଚାଳନାରେ ସହଯୋଗ କରିଥିଲେ।

## ନିଶ୍ଚିହ୍ନ ହେବାରେ ଲାଗିଛି ନଦୀ ସଇରାତ

ପାରାଦୀପ,୨୧।୭(ଶରତ ରାଉତ)

**୫୭ ନଦୀ, ଯୋର, ଧାର ଥିଲା**

ଉପକୂଳ ଓଡ଼ିଶାର ପ୍ରମୁଖ ବାଣିଜ୍ୟକ ସ୍ଥାନ ପାରାଦୀପରେ ଭୌଗୋଳିକ ପରିବର୍ତ୍ତନ ହେବାରେ ଲାଗିଛି। ଶିଳ୍ପାୟନ, ସମ୍ପ୍ରସାରଣ ଯୋଗୁ ଅନେକ ପୁରୁଣା ପ୍ରାକୃତିକ ଜମି, ଜଳଉତ୍ସ, ଜଙ୍ଗଲ ଆଦି ଲୋପ ପାଇବାରେ ଲାଗିଛି। ବିଶେଷକରି ପାରାଦୀପର ଚତୁଃପାର୍ଶ୍ୱରେ ଥିବା ୫୭ ନଦୀ ସଇରାତ, ଧାର, ଯୋର ଆଦି ନିଶ୍ଚିହ୍ନ ସ୍ଥିତିରେ ପହଞ୍ଚି ଗଲାଣି। ଏପରିକି କେତେକ ନଦୀର ଅସ୍ତିତ୍ୱ ଆଦୌ ନାହିଁ କହିଲେ ଚଳେ। ନଦୀପଥ ସଙ୍କୁଚିତ ହେବା, ସେଥିରେ ବର୍ଜ୍ୟବସ୍ତୁ ମିଶିବା ଆଦି କେତେକ କାରଣରୁ ଅଧିକାଂଶ ସମୟରେ ମାଛ କିମ୍ବା ଅନ୍ୟ ଜଳଜୀବ ମରିବା ଭଳି ଘଟଣା ଏକାଧିକବାର ଘଟିଲାଣି। ୩ ଦିନ ତଳେ ବଟନଦୀରେ ମାଛ ମଡ଼କ ହୋଇଥିଲା। ଡିସେମ୍ବରରେ ସେହି ନଦୀର ଅନ୍ୟ ଏକ ସ୍ଥାନରେ ମାଛ ମରିଥିଲେ। ଗତ ଜୁନରେ ଷଣ୍ଢକୁଦ ନିକଟସ୍ଥ କଂସାରୀପାଟିଆ ନଦୀରେ ମାଛ ମରି ଭାସୁଥିଲେ। ଏମିତି ପ୍ରତିବର୍ଷ ଘଟୁଥିବା ଜଣାପଡ଼ିଛି। ଏଭଳି ହେବା ପଛରେ ପ୍ରଦୂଷଣ ଓ ନଦୀପଥ ଅବରୋଧ ବୋଲି କୁହାଯାଇଛି।

ଏକଦା ପାରାଦୀପର ଚତୁଃପାର୍ଶ୍ୱ ଘଞ୍ଚ ହେନ୍ତାଳବଣ, ୨ ନଦୀ ମୁହାଣ, ବିସ୍ତୀର୍ଣ୍ଣ ବେଳାଭୂମି ନଦୀ ନାଳ ଆଦିରେ ପରିପୂର୍ଣ୍ଣ ଥିଲା। ୧୯୬୨ରେ ପାରାଦୀପ ବନ୍ଦର ଓ ପରେ ଅନେକ କଳକାରଖାନା ହେବା ଫଳରେ କ୍ରମଶଃ ପ୍ରାକୃତିକ ସବୁଜିମା କ୍ଷୟ ହେବାରେ ଲାଗିଛି। ଅନେକ ନଦୀ ପଥ ବନ୍ଦ ହୋଇଯାଇଛି। ସେସବୁ ନଦୀ ମଧ୍ୟରେ କାଉଡ଼ିଆ, ମଝିଡିଆ, ଶାମୁକାଡୀମୁଣ୍ଡା, ବଟନଦୀ, କପିଳଯୋର, କଂସାରୀପାଟିଆ, ମତ୍ସ୍ୟଡିଆ, ଷଣ୍ଢକୁଦ ନଦୀ, ହଳଦୀପାଣି, ନୟନଯୋରି, ଜଟାଧାର ଆଦି ରହିଛି। ଏସବୁ ନଦୀ ଉପରେ ୧୦୧ ଗ୍ରାମର ପାରମ୍ପରିକ ମତ୍ସ୍ୟଜୀବୀମାନେ ନିର୍ଭରଶୀଳ ଥିଲେ ବୋଲି କଂସାରୀପାଟିଆ ନଦୀରେ ସରକାରୀଭାବେ ସ୍ୱୀକୃତି ପାଇଥିବା ମତ୍ସ୍ୟଜୀବୀ ଆଲୋକ ସାମଲ କୁହନ୍ତି। କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ାଠାରୁ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ସନ୍ତରା ପର୍ଯ୍ୟନ୍ତ ୨୩,୯୯୫ ଏକର ଜମିରେ ନଦୀ ପ୍ରବାହିତ ହେଉଛି ବୋଲି ସରକାରୀ ଭାବେ ଦର୍ଶାଯାଇଥିବା ଆଲୋକ କୁହନ୍ତି। କିନ୍ତୁ ସେଥିରୁ ପ୍ରାୟ ୮୦ ପ୍ରତିଶତ ନଦୀ ଉପରେ ଏବେ ସହର କିମ୍ବା ଶିଳ୍ପ ହୋଇଯାଇଛି। ଯେଉଁଥିପାଇଁ ନଦୀପଥ ବନ୍ଦ ହୋଇଯାଇଛି। ନଦୀପଥ ଅବରୋଧ ହେବାରୁ ପ୍ରତିବର୍ଷ ବର୍ଷାଦିନେ ପାରାଦୀପ ସହର ଓ ପାର୍ଶ୍ୱବର୍ତ୍ତୀ ଗାଁରେ ପାଣି ଦୀର୍ଘଦିନ ଧରି ଜମି ରହୁଛି ବୋଲି ନିମିଡ଼ି ଗ୍ରାମର ସୁରେନ୍ଦ୍ର ମହାନ୍ତ କହିଛନ୍ତି।



ନୟନଯୋରି ନଦୀ ପାଖରେ ଜବରଦଖଲ କରାଯାଇଛି।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ୫ ମଇଁଷି ମୃତ

କୋଟଗଡ଼/ବାଲିଗୁଡ଼ା,୨୧।୭(ସରୋଜ କୁମାର ବଳିଆର ସିଂ/ସଞ୍ଜୟ ପାଣିଗ୍ରାହୀ): ବାଲିଗୁଡ଼ା ସହର ଦେଇ ଯାଇଥିବା ୫୯ ନଂ ଜାତୀୟ ରାଜପଥ ନୂଆସାହି କସ୍ତୁରବା ଗାନ୍ଧୀ ବିଦ୍ୟାଳୟ ସମ୍ମୁଖରେ ଏକ ଅଜଣା ଗାଡ଼ି ଧକ୍କାରେ ୫ ମଇଁଷିଙ୍କ ମୃତ୍ୟୁ ଘଟିଛି। ଥାନା ଅଧିକାରୀ ବାବାଶଙ୍କର ସରାଫ ଓ ଏନ୍‌ଏସି ଅଧ୍ୟକ୍ଷ ଗୋବିନ୍ଦ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ସଫେଇ କର୍ମଚାରୀଙ୍କ ସହାୟତାରେ ମୃତ ମଇଁଷିଙ୍କୁ ରାସ୍ତାରୁ ଉଠାଇ ନେଇଥିବା ଜଣାପଡ଼ିଛି। ବାଲିଗୁଡ଼ା ସହରରେ ଦିନକୁ ଦିନ ଜନସଂଖ୍ୟା ବୃଦ୍ଧି ପାଇବା ସହ ସହର ଦେଇ ଯାଇଥିବା ୫୯ ନଂ ଜାତୀୟ ରାଜପଥ ଦେଇ ଦୈନିକ ହଜାର ହଜାର ଯାନବାହନ ଚଳାଚଳ କରୁଛି। ଏଭଳି ସ୍ଥିତିରେ ରାଜରାସ୍ତାରେ ଗୋରୁ, ଛେଳି, ମେଣ୍ଢା ଆଦି ଗୃହପାଳିତ ପଶୁମାନେ ବୁଲୁଥିବା କାରଣରୁ ଏଭଳି ଘଟଣା ବାରମ୍ବାର ସାମ୍ନାକୁ ଆସୁଛି। ଏଣୁ ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି ।

### ବୃଦ୍ଧଙ୍କ ଆତ୍ମହତ୍ୟା

ପୋଲସରା,୨୧।୭(ସୁବ୍ରତ ବେହେରା): ପୋଲସରା ବ୍ଲକ ଅନ୍ତର୍ଗତ ରୁମାଗଡ ଗ୍ରାମରେ ଜଣେ ବୃଦ୍ଧ ପାରିବାରିକ କଳହକୁ ନେଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ରୁମାଗଡ ଗ୍ରାମର ରଙ୍କନିଧି ନାହାକ (୬୦)। ଯୁବ ସାମାଜିକ କର୍ମୀ ପ୍ରଭାକର ପଣ୍ଡା ପହଞ୍ଚି ପରିବାର ଲୋକଙ୍କୁ ଭେଟିବା ସହିତ କିଛି ଆର୍ଥିକ ସହାୟତା ପ୍ରଦାନ ପ୍ରଦାନ କରିଛନ୍ତି। ଉକ୍ତ ସମୟରେ ପୂର୍ବତନ ସରପଞ୍ଚ ପୂର୍ଣ୍ଣ ଚନ୍ଦ୍ର ଖଟୁଆ, ସରପଞ୍ଚ ଜିତୁ ବିଷୋୟୀ ପ୍ରମୁଖ ଉପସ୍ଥିତ ରହି ଦୁଃଖ ପ୍ରକାଶ କରିଛନ୍ତି।

### ଲଗାଣ ବର୍ଷାରେ ରାସ୍ତା ଶୋଚନୀୟ

କାଶୀନଗର,୨୧।୭(ଟି.କ୍ରିଷ୍ଣା ରାଓ):ଲାଗାଣ ବର୍ଷାରେ କାଶୀନଗର ସହରର ରାସ୍ତା ଅବସ୍ଥା ଶୋଚନୀୟ ହୋଇଯାଇଛି। ସ୍ଥାନୀୟ ବ୍ଲକ କଲୋନୀ ପରିସରରେ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଆର୍‌ଆଇ ଅଫିସ, ଆଇସିଡିଏସ୍ ଅଫିସ ଭଳି ଏକାଧିକ ସରକାରୀ ଦପ୍ତର ରହିଛି। ବହୁ ଲୋକ ବିଭିନ୍ନ କାର୍ଯ୍ୟ ନେଇ ପ୍ରତିଦିନ ଏଠାକୁ ଆସନ୍ତି, କିନ୍ତୁ ସହରର ମୁଖ୍ୟ ରାସ୍ତା ପଟେଲ ରୋଡ ଓ ଉଲ୍ଲିଖିତ ସରକାରୀ କାର୍ଯ୍ୟାଳୟ ଗୁଡିକ ମଧ୍ୟରେ ଥିବା ସଂଯୋଗକାରୀ ରାସ୍ତାର ଅବସ୍ଥା ଲଗାଣ ବର୍ଷା ଯୋଗୁ ଶୋଚନୀୟ ହୋଇ ପଡିଛି। ବିଶେଷ କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନିର୍ମାଣାଧୀନ କୋଠା ସମ୍ମୁଖରେ ଏହା ଗମନାଗମନ ଅନୁପଯୋଗୀ ଅବସ୍ଥାରେ ପହଞ୍ଚିଛି ବୋଲି ମତ ପ୍ରକାଶ ପାଇଛି। ରୋଗୀମାନେ ରାତିରେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିବା ବେଳେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ଉକ୍ତ ରାସ୍ତା ମରାମତି ପାଇଁ ପଦକ୍ଷେପ ନିଆଯିବାକୁ ସାଧାରଣରେ ମତ ପ୍ରକାଶ ପାଇଛି।

### ୟୁସିସିକୁ ବିରୋଧ କରି ସ୍ମାରକପତ୍ର ପ୍ରଦାନ

ଦାରିଙ୍ଗବାଡି,୨୧।୭(ଅରୁଣ ସାହୁ):ୟୁସିସି (ୟୁନିଫର୍ମ ସିଭିଲ କୋର୍ଡ)କୁ ବିରୋଧ କରି ୨୧ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାର ଶରତ ଶବରଙ୍କ ଜରିଆରେ ମଙ୍ଗଳବାର ଦିଆଯାଇଛି। ଏହାକୁ ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ପକ୍ଷରୁ ପରିଷଦର ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ ପ୍ରଧାନଙ୍କ ନେତୃତ୍ୱରେ ବିଭିନ୍ନ ସଙ୍ଗଠନର ସହାୟତରେ ପ୍ରଦାନ କରାଯାଇଛି। ବିଭିନ୍ନ ସାମାଜିକ ସଙ୍ଗଠନ, ଅଖିଳ ଭାରତୀୟ କୃଷକ ଓ ମଜଦୁର୍ ସଭାର ରାଜ୍ୟ ସମ୍ପାଦକ କୁଶ ନାଥ ପ୍ରଧାନ ଏବଂ କମିଟି, ଦାରିଙ୍ଗବାଡ଼ି କୃଷକ ସଂଘର ସଭାପତି ମିନୁରା ପ୍ରଧାନ ଏବଂ ଭାରତ ମୁକ୍ତି ମୋର୍ଚ୍ଚାର ବ୍ଲକ ସଭାପତି ପ୍ରଦୀପ ମଲ୍ଲିକ, ଆଦିବାସୀ ମହାସଂଘର ସଭାପତି ଏଲିୟାସ ପ୍ରଧାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ରମ୍ଭା ଗାୟତ୍ରୀ ଶକ୍ତିପୀଠକୁ ସେବା ରତ୍ନ ସମ୍ମାନ

ରମ୍ଭା,୨୧।୭(ବନବାସୀ ସେଠୀ):ଗଞ୍ଜାମ ବ୍ଲକ ଅନ୍ତର୍ଗତ ରମ୍ଭା ସହରର ପ୍ରତିଷ୍ଠିତ ଆଧାତ୍ମିକ ଅନୁଷ୍ଠାନ ଗାୟତ୍ରୀ ଶକ୍ତିପୀଠକୁ ସମାଜ ସେବା କ୍ଷେତ୍ରରେ ବଳିଷ୍ଠ ଅବଦାନ ତଥା ଅଗ୍ରଣୀ ଭୂମିକା ପାଇଁ ୨୦୨୩ର ସେବା ରତ୍ନ ସମ୍ମାନ ପ୍ରଦାନ କରାଯାଇଛି। ଗତ ଶୁକ୍ରବାର ଭୁବନେଶ୍ୱର ସ୍ଥିତ ଜୟଦେବ ଭବନରେ ସମର୍ପିତ ଓ ସେବା ଫାଉଣ୍ଡେସନ ଟ୍ରଷ୍ଟର ଅଷ୍ଟମ ବାର୍ଷିକ ପ୍ରତିଷ୍ଠା ଦିବସ ଓ ସମ୍ବର୍ଦ୍ଧନା ଉତ୍ସବରେ ଖଦୀ ଓ ଗ୍ରାମୋଦ୍ୟୋଗ ବୋର୍ଡର ଅଧ୍ୟକ୍ଷ ସଂଗ୍ରାମ ପାଇକରାୟଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ସୁଲତା ଦେଓ, ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଟ୍ରଷ୍ଟର ପ୍ରତିଷ୍ଠାତା ସମ୍ପାଦକ ସଦାଶିବ ଜେନା ଉପସ୍ଥିତ ରହି ରମ୍ଭା ଗାୟତ୍ରୀ ପରିବାର ଟ୍ରଷ୍ଟକୁ ସେବା ରତ୍ନ ସମ୍ମାନ - ୨୦୨୩ ପ୍ରଦାନ କରିଥିଲେ। ରମ୍ଭା ଗାୟତ୍ରୀ ଶକ୍ତିପୀଠ ତରଫରୁ ପ୍ରକୃତି ବନ୍ଧୁ ପଞ୍ଚାନନ ଖଟୁଆ ଓ ଟ୍ରଷ୍ଟି ଉମାକାନ୍ତ ସାହୁ ମୁଖ୍ୟ ଅତିଥିଙ୍କଠାରୁ ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ।

# ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟ କରିବାକୁ ବନ କର୍ମଚାରୀ ଅନାଗ୍ରହୀ

- ନଦୀ ଆଡ଼ିବନ୍ଧ,ପଥପାର୍ଶ୍ୱ ବନୀକରଣ ଆରମ୍ଭ ହୋଇନାହିଁ
- କାର୍ଯ୍ୟରେ ଅବହେଳା କଲେ କାର୍ଯ୍ୟାନୁଷ୍ଠାନ:ଡ଼ିଏଫଓ

ଭଞ୍ଜନଗର,୨୧।୭(ବାବୁଲା ପ୍ରଧାନ)

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଏବଂ ଦକ୍ଷିଣ ଘୁମୁସର ବନଖଣ୍ଡରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) କାର୍ଯ୍ୟ କରିବାକୁ ବନ କର୍ମଚାରୀମାନେ ଆଗ୍ରହ ପ୍ରକାଶ କରୁନାହାନ୍ତି। କାର୍ଯ୍ୟଚାପ, ଏମ୍‌ଜିଏନ୍‌ଆରଇଜିଏସ୍ ଟଙ୍କା ପ୍ରଦାନରେ ଜଟିଳ ପ୍ରକ୍ରିୟା ଆଦି କାରଣ ପାଇଁ ଏପରି ହେଉଛି । ଯେଉଁଥିପାଇଁ ଉକ୍ତ ୨ ବନଖଖଣ୍ଡରେ ଚଳିତବର୍ଷ ଜିଲା ପ୍ରଶାସନ ପକ୍ଷରୁ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ହେବାକୁ ଥିବା ନଦୀ ଆଡ଼ିବନ୍ଧ ଏବଂ ପଥପାର୍ଶ୍ୱ ବନୀକରଣ ଆରମ୍ଭ ହୋଇପାରିନାହିଁ। ଶୁକ୍ରବାର ଉକ୍ତ କାର୍ଯ୍ୟର ଅଗ୍ରଗତି ସହ ଜାଇକା ପ୍ରକଳ୍ପ ଉପରେ ସମୀକ୍ଷା କରାଯିବାର ଥିଲା। ଡିଏଫଓ ଏ ନେଇ ଅସନ୍ତୋଷ ବ୍ୟକ୍ତ କରିବାର ଆଶଙ୍କା ଥିଲା। ତେଣୁ କେତେଜଣ ସେକ୍ସନର କର୍ମଚାରୀ ମଷ୍ଟର ରୋଲ ବାଧ୍ୟ ହୋଇ ବାହାର କରିଛନ୍ତି ।


ଡ଼ିଏଫଓ ସୁଦର୍ଶନ ବେହେରା ଉଦ୍‌ବୋଧନ ଦେଉଛନ୍ତି ।

ମଧ୍ୟାହ୍ନରେ ସ୍ଥାନୀୟ ଲାଲସିଂ ନର୍ସରୀ ପରିସରରେ ୨ ବନଖଣ୍ଡରେ ଚାଲିଥିବା ବିଭିନ୍ନ ଯୋଜନା ଉପରେ ସମୀକ୍ଷା ହୋଇଥିଲା । ଜାଇକା ମାଧ୍ୟମରେ ଏହି ୨ ବନଖଣ୍ଡରେ ଅନେକ ଜନହିତକର ଯୋଜନା କାର୍ଯ୍ୟକାରୀ ହେଉଛି । ଲୋକଙ୍କ ପାଖରେ ଯୋଜନାର ସୁଫଳ କିଭଳି ପହଞ୍ଚିବ ସେଥିପାଇଁ ଦୃଷ୍ଟି ଦେବାକୁ ଡିଏଫଓ ସୁଦର୍ଶନ ବେହେରା ଉପସ୍ଥିତ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିଭଳି ଏମ୍‌ଜିଏନ୍‌ଆରଇଜିଏସ୍‌ରେ ହେବାକୁ ଥିବା ପଥପାର୍ଶ୍ୱ ବନୀକରଣ ଏବଂ ନଦୀବନ୍ଧ ବିକାଶମାଳା ଯୋଜନାରେ ହେଉଥିବା ନଦୀ ଆଡ଼ିବନ୍ଧରେ ଚାରାରୋପଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ କର୍ମଚାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ । ଏଥିରେ କୌଣସି କର୍ମଚାରୀ ଅବହେଳା କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡ଼ିଏଫଓ ପରୋକ୍ଷରେ ସୂଚାଇଥିଲେ। ଏ ପର୍ଯ୍ୟନ୍ତ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଚାରାରୋପଣ ଆରମ୍ଭ ହୋଇନାହିଁ । ଆଉ ବିଳମ୍ବ ହେଲେ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନା ଏହି ୨ ବନଖଣ୍ଡରେ ବିଫଳ ହେବା ସମ୍ଭାବନା ରହିଛି। ବୈଠକରେ ଉତ୍ତର ଘୁମୁସର ବନଖଣ୍ଡର ଏସିଏଫ୍ ବିକ୍ରମ ଦେବ ପଟ୍ଟନାୟକ, ଦକ୍ଷିଣ ବନଖଣ୍ଡର ଏସିଏଫ୍ ପ୍ରଭାକର ନାୟକ, କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ କୁମର ବେହେରା, ମୁଜାଗଡ଼ ରେଞ୍ଜର ବିମ୍ବାଧର ସାହୁ, ଗାଲେରୀ ରେଞ୍ଜର ଶିବରାମ ନାୟକ, ପୋଲସରା ରେଞ୍ଜର ସଚିନ ପ୍ରଧାନ, ବୁଗୁଡ଼ା ରେଞ୍ଜର ପ୍ରଦୀପ ମିଶ୍ର, ଆସିକା ରେଞ୍ଜର ପ୍ରମୋଦ ଚନ୍ଦ୍ର ପଣ୍ଡା, ବଡ଼ଗଡ଼ ରେଞ୍ଜର ଏମ୍.କେ.ଖଡ଼ଗରାୟ, ସୋରଡ଼ା ରେଞ୍ଜର ଲମ୍ବୋଦର ବାସ୍କେ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଅପରପକ୍ଷେ ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଳପାଣି ଶତପଥି ଏବଂ ବଣିଆପଲ୍ଲୀ ଭିଏସ୍‌ଏସ୍ କର୍ମକର୍ତ୍ତା ଲୋକନାଥ ଆଚାର୍ଯ୍ୟ ଅପରାହ୍ନରେ ଆରସିସିଏଫ୍ ସଞ୍ଜୟ କୁମାର ସ୍ୱାଇଁଙ୍କୁ ବ୍ରହ୍ମପୁରରେ ଭେଟି ୨ ବନଖଣ୍ଡରେ ଚାରାରୋପଣ ଏବଂ ଜଙ୍ଗଲ ସୁରକ୍ଷାକୁ ତ୍ୱରାନ୍ୱିତ କରିବା ପାଇଁ ଦାବି କରିଛନ୍ତି । ଆଗାମୀ ଦିନରେ ଘୁମୁସର ବନଖଣ୍ଡ ପରିଦର୍ଶନରେ ଆସିବା ସମୟରେ ଭିଏସ୍‌ଏସ୍ କର୍ମକର୍ତା, ପରିବେଶପ୍ରେମୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତାମାନଙ୍କୁ ଡ଼ାକି ଜଙ୍ଗଲ ସୁରକ୍ଷା ଉପରେ ଆଲୋଚନା କରିବା ପାଇଁ ଆରସିସିଏଫ୍‌ଙ୍କୁ ସେମାନେ ଅନୁରୋଧ କରିଥିଲେ ।

## ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ ସଚେତନତା

ପାରଳାଖେମୁଣ୍ଡି,୨୧।୭(ଗିରିଧାରୀ ପରିଛା)

ଗଜପତି ଜିଲା ଗୋଷାଣୀ ବ୍ଲକ କେରାଣ୍ଡି ପଞ୍ଚାୟତ ଅନ୍ତର୍ଗତ ନୂଆକେରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରର କମ୍ୟୁନିଟି ହେଲଥ ଅଫିସର ପୂର୍ଣ୍ଣିମା ଦାସଙ୍କ ନେତୃତ୍ୱରେ ଏଏନ୍‌ଏମ୍ ବି.ଜଗଦମ୍ବା, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏମ୍.ରବିକୁମାର ପ୍ରମୁଖ ଯୋଗଦେଇ ଡେଙ୍ଗୁ, ମ୍ୟାଲେରିଆ ଓ ଡାଇରିଆର ନିରାକରଣ ଏବଂ ପରିବେଶ ସଫାସୁତୁରା ଉପରେ ଗୁରୁତ୍ୱାରୋପ କରି ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ଏହା ସହ ସ୍କୁଲ ପିଲାମାନଙ୍କୁ ନେଇ ପ୍ଲାକାର୍ଡ ଓ ସ୍ଲୋଗାନ ମାଧ୍ୟମରେ ଏକ ସଚେତନତା ରାଲି ଗ୍ରାମ ପରିକ୍ରମା କରିଥିଲା। ଏହି ସଚେତନତା ଶୋଭାଯାତ୍ରାରେ ଅଙ୍ଗନୱାଡ଼ି ଓ ଆଶାକର୍ମୀମାନେ ସାମିଲ ଥିଲେ।

## ପଥର ଧସି ରାସ୍ତା ଅବରୋଧ

ଅଡ଼ବା,୨୧।୭(ଇମ୍ରାନ୍ ଖାନ୍)

ଗଜପତି ଜିଲା ମୋହନା ବ୍ଲକ ଅଞ୍ଚଳରେ ଲଗାଣ ବର୍ଷା ଜାରି ରହିଛି। ବର୍ଷା ଯୋଗୁ ବ୍ଲକ ଅନ୍ତର୍ଗତ ବିରିକୋଟ ପଞ୍ଚାୟତ ହରଭଙ୍ଗି ଡ୍ୟାମ ନିକଟ ପାହାଡ଼ରୁ ସୋମବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ପଥର ଧସି ରାସ୍ତା ଅବରୋଧ ହୋଇଥିଲା। ଫଳରେ ଉକ୍ତ ରାସ୍ତାରେ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ରାଜବାସ, ଗୁଡ଼ି ସାହି ଓ ପୋଇପାଣି ଆଦି ୩ ଖଣ୍ଡ ଗାଁ ଲୋକେ ବିରିକୋଟ ପଞ୍ଚାୟତକୁ ଲୋକ ଚାଉଳ ଆଣିବା ପାଇଁ ଯିବା ସମୟରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଘଟଣାସ୍ଥଳକୁ ପୋଲିସ କିମ୍ବା ପ୍ରଶାସନ ଯିବା ପୂର୍ବରୁ ଲୋକେ ରାସ୍ତାରୁ ପଥର ହଟାଇ ଯା'ଆସ କରିଥିବା ଦେଖାଯାଇଥିଲା।


ରାସ୍ତା ଉପରେ ପଡିଥିବା ପଥର ।

## ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ

ଫିରିଙ୍ଗିଆ ,୨୧।୭(ବିକ୍ରମ ଦିଗାଲ)

ଫିରିଙ୍ଗିଆ ବ୍ଲକ କାର୍ଯ୍ୟାଳୟ ସଭା ଗୃହରେ ଶସକ୍ତ ପଞ୍ଚାୟତି ରାଜ, ଶସକ୍ତ ଓଡିଶା ଗଠନକୁ ନେଇ ଦୀର୍ଘ ସ୍ଥାୟୀ ବିକାଶ ଲକ୍ଷର ସ୍ଥାନୀୟ କରଣକୁ ନେଇ ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଅନୁଷ୍ଠାନ ଭୁବନେଶ୍ୱର, ଜିଲା ପ୍ରଶାସନ, ଫିରିଙ୍ଗିଆ ପଞ୍ଚାୟତ ସମିତିର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ସ୍ଥାନୀୟ ବିଡିଓ ରଶ୍ମିରଞ୍ଜନ ମହନ୍ତ ଯୋଗ ଦେଇ କାର୍ଯ୍ୟକ୍ରମକୁ ଅନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ଜିଲା ପଞ୍ଚାୟତ ଅଧିକାରୀ ଡାକ୍ତର ରତିକାନ୍ତ ଆଚାର୍ଯ୍ୟ, ଡିପିଏମ ଫୁଲବାଣୀ, ହିସାବ ରକ୍ଷକ ଅନୁଗ୍ରହ ସଚିନ ଜାଠେ, ଭାରପ୍ରାପ୍ତ ଗ୍ରାମ ପଞ୍ଚାୟତ ଅଧିକାରୀ ଚିତ୍ତ ରଞ୍ଜନ ଦିଗାଲ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ତାଲିମ ଦାତା କୈଳାଶ ଚନ୍ଦ୍ର ପାଢ଼ୀ ତାଲିମ ପ୍ରଦାନ କରିଥିଲେ।

## ଅଲି କ୍ଲବ ମିସ୍ ଆଣ୍ଡ ମିଷ୍ଟର ଟିନ୍ ଇଣ୍ଡିଆ ୨୦୨୩

## ଫାଇନାଲରେ ସେଞ୍ଚୁରିଆନର ସୁନେନା ସାହୁ

ପାରଳାଖେମୁଣ୍ଡି,୨୧।୭ (ଗିରିଧାରୀ ପରିଛା)



୨୫ ତମ ଅଲି କ୍ଲବ ମିସ୍ ଆଣ୍ଡ ମିଷ୍ଟର ଟିନ୍ ଇଣ୍ଡିଆ ୨୦୨୩ ଫାଇନାଲରେ ସେଞ୍ଚୁରିଆନ ପବ୍ଲିକ ସ୍କୁଲର ସୁନେନା ସାହୁ ସ୍ଥାନ ପାଇଛନ୍ତି। ସୁନେନା ଏହି ପ୍ରତିଯୋଗିତା ପାଇଁ ମାର୍ଚ୍ଚରେ ପଞ୍ଜୀକରଣ କରି ଭୁବନେଶ୍ୱରରେ ଆୟୋଜିତ ହୋଇଥିବା ଅଡିଶନରେ ଭାଗ ନେଇଥିଲେ। ଜୁନ ୨୨ ତାରିଖରେ ଏହାର ଫଳାଫଳ ପ୍ରକାଶ ପାଇଲା ପରେ ସେ ସେମି ଫାଇନାଲରେ ନୂଆଦିଲ୍ଲୀରେ ଯୋଗ ଦେଇଥିଲେ। ସେଠାରେ ସୁନେନା ସେମି ଫାଇନାଲରେ ଉତ୍ତୀର୍ଣ୍ଣ ହୋଇ ଆସନ୍ତା ଅଗଷ୍ଟ ୯ ତାରିଖରେ ଫାଇନାଲ ରାଉଣ୍ଡ ପାଇଁ ବିବେଚିତ ହୋଇଛନ୍ତି। ଯୁକ୍ତ ୨ରେ ପଢୁଥିବା ସୁନେନା ସେଞ୍ଚୁରିଆନ ପବ୍ଲିକ ସ୍କୁଲର ଜଣେ ମେଧାବୀ ଛାତ୍ରୀ। ତାଙ୍କ ପିତାଙ୍କ ନାମ ସରୋଜ କୁମାର ସାହୁ ଏବଂ ମାତା ସୁପ୍ରଭା ମିଶ୍ର। ପିତା ଦୋକାନ କରିଥିବା ବେଳେ ମା'ସୁପ୍ରଭା ପୋଲିସ ବିଭାଗରେ କାର୍ଯ୍ୟରତ । ସୁନେନା ଜଣେ ଭଲ ମଡେଲ ସହ ଅଭିନେତ୍ରୀ ହେବାକୁ ଚାହୁଁଛନ୍ତି ଏବଂ ଭବିଷ୍ୟତରେ ଫେମିନା ମିସ୍ ଇଣ୍ଡିଆରେ ମଧ୍ୟ ରହିବାକୁ ଚାହୁଁଛନ୍ତି ବୋଲି କହିଛନ୍ତି । ସେ ବାଲ୍ୟକାଳରୁ ଫ୍ୟାଶନ ପ୍ରତି ରୁଚି ରଖିଥିବାରୁ ବିଭିନ୍ନ ପ୍ରତିଯୋଗିତାରେ ସଫଳ ହୋଇଥିବାର ମଧ୍ୟ ଜଣାଇଛନ୍ତି ।

## ୩୦ ବର୍ଷ ତଳେ ନିଖୋଜ ଆଗ୍ନିକଙ୍କ ପରିବାରକୁ ପେନ୍‌ସନ ପ୍ରଦାନ


ପ୍ରାପ୍ୟ ପ୍ରଦାନ କରାଯାଉଛି ।

ଛତ୍ରପୁର,୨୧।୭(ସନ୍ତୋଷ ପାଢ଼ୀ)

ଛତ୍ରପୁର ଅଗ୍ନିଶମ ସେବା କେନ୍ଦ୍ରରୁ ୧୯୯୩ରେ ନିଖୋଜ ହୋଇଯାଇଥିବା ଆଗ୍ନିକ ନୃସିଂହ ଚରଣ ପଟ୍ଟନାୟକଙ୍କ ପରିବାରକୁ ତାଙ୍କର ପ୍ରାପ୍ୟ ୧୯ ଲକ୍ଷ ଟଙ୍କା ସହ ପରିବାର ପେନସନ ପ୍ରଦାନ କରାଯାଇଛି। ଏଥିଲାଗି ଛତ୍ରପୁରସ୍ଥିତ ଜିଲା କୋଷାଗାରଠାରେ ଏକ ବର୍ଣ୍ଣାଢ଼୍ୟ କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି, ବ୍ରହ୍ମପୁର ସ୍ୱତନ୍ତ୍ର କୋଷାଗାର ଅଧିକାରୀ ହରିଶ୍ଚନ୍ଦ୍ର ପ୍ରଧାନ, ଦକ୍ଷିଣାଞ୍ଚଳ ଅଗ୍ନିଶମ ଅଧିକାରୀ ବିଚିତ୍ର କୁମାର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା କୋଷାଗାର ଅଧିକାରୀ ସୁଶ୍ରୀ ଅଳକାନନ୍ଦା ତ୍ରିପାଠୀ ଏଥିରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଜିଲା କୋଷାଗାର ତରଫରୁ ଉତ୍କର୍ଷ ଜନସେବା ଲାଗି ଜିଲାର

### ୪ ଜଣଙ୍କୁ ଉତ୍କର୍ଷ ସେବା ସମ୍ମାନ

୪ଜଣ କୃତୀ ଅଧିକାରୀ ଯଥା ଦିବାକର ବେହେରା (କୋଦଳା), ଜ୍ଞାନୀଲ କୁମାର ଖଟେଇ (ପୁରୁଷୋତ୍ତମପୁର), ଶ୍ରୀମତୀ ଜାନକୀ ପଟ୍ଟନାୟକ (ଛତ୍ରପୁର) ଓ କେ. ସୋମେସୁ (ଚିକିଟି)ଙ୍କୁ ଉପଢୌକନ ସହ ଉତ୍କର୍ଷ ସେବା ସମ୍ମାନ-୨୦୨୩ ପ୍ରଦାନ କରାଯାଇଥିଲା। ଅତିରିକ୍ତ ଜିଲା କୋଷାଗାର ଅଧିକାରୀ ସତ୍ୟଜିତ୍ ମହାନ୍ତି ଏବଂ ବରିଷ୍ଠ ଗାଣିତିକ ରବୀନ୍ଦ୍ର ନାଥ ସାହୁ ମଞ୍ଚ ପରିଚାଳନା କରିଥିଲେ। ଜିଲାର ସମସ୍ତ ଟ୍ରେଜେରୀ ଅଧିକାରୀ ଓ କର୍ମଚାରୀମାନେ ଏଥିରେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବା ଲାଗି ସନ୍ତୋଷ କୁମାର ଦାଶ, ରଶ୍ମିରଞ୍ଜନ ପାଇକ, ଜିତେନ୍ଦ୍ର ସେଠୀ ପ୍ରମୁଖ ସହଯୋଗ କରିଥିଲେ।

## ଭୋଟର ତାଲିକା ସଂଶୋଧନ ତାଲିମ କାର୍ଯ୍ୟକ୍ରମ

ଧରାକୋଟ,୨୧।୭(ବିଷ୍ଣୁକେଶରୀ ଆଚରୀ): ଆସନ୍ତା ସାଧାରଣ ନିର୍ବାଚନ ପାଇଁ ସରକାରୀ ସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଛି। ଗୁରୁବାର ବ୍ଲକ ବୈଠକ ଗୃହରେ ବୁଥ୍ ସ୍ତରୀୟ ଅଧିକାରୀମାନଙ୍କ ଭୋଟର ତାଲିକା ସଂଶୋଧନ ପାଇଁ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଡିଓ ଡେନିସ ବେହେରା, ଅତିରିକ୍ତ ବିଡିଓ ସୁଶୀଲ ପଟ୍ଟନାୟକ ଓ କଲ୍ୟାଣ ଅଧିକାରୀ ଅନିଲ ପ୍ରଧାନ ଉପସ୍ଥିତ ରହି ୧୧ ଜଣ ସୁପରଭାଇଜର ଓ ୧୧୦ଜଣ ବିଏଲ୍‌ଓଙ୍କୁ ନିର୍ବାଚନ ସମ୍ପର୍କିତ ତାଲିମ ପ୍ରଦାନ କରିଥିଲେ। ଜୁଲାଇ ୨୧ ତାରିଖଠାରୁ ଅଗଷ୍ଟ ୨୧ ମଧ୍ୟରେ ଘରକୁ ଘର ଯାଇ ସର୍ଭେକରି ସମସ୍ତ ଭୋଟରଙ୍କ ନିର୍ଭୁଲ୍ ବିବରଣୀ ସଂଗ୍ରହ କରାଯିବ। ପ୍ରମୁଖ ବ୍ୟକ୍ତିମାନଙ୍କ ତଥ୍ୟ ସଂଗ୍ରହ ସହ ୧୮ ବର୍ଷରୁ ଅଧିକ ବୟସର ଯୁବକଙ୍କ ନାମ ତାଲିକାଭୁକ୍ତ କରିବା, ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ନାମ ତାଲିକାରୁ ବାଦ୍ ଦେବା ଏବଂ ଆବଶ୍ୟକ ଅନୁଯାୟୀ ସଂଶୋଧନ କରିବା ପାଇଁ ତାଲିମ ପ୍ରଦାନ କରାଯାଇଥିଲା।

## ରୋଗୀ କଲ୍ୟାଣ ସମିତି ବୈଠକ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଆସିକା,୨୧।୭(ସୁରେନ୍ଦ୍ର ନାଥ ସାହୁ)

ଆସିକା ବ୍ଲକ ବାଲିସିରାସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶୁକ୍ରବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଛି। ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକ ଅଧ୍ୟକ୍ଷା ତ୍ରିବେଣୀ ନାହାକ, ବିଡିଓ ଫକୀର ଚରଣ ପରିଡା, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ମଧୁସୂଦନ ବାରିକ, ଯୁବନେତା ନଚିକେତା ସ୍ୱାଇଁ, ବିପିଏମ ସାଗରିକା ମିଶ୍ର, ସରପଞ୍ଚ ଦଇତାରି ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ । ବୈଠକରେ ଡାକ୍ତର ଓ ନର୍ସ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହି ଡାକ୍ତରଖାନାରେ ୧୨ଜଣ ଡାକ୍ତରଙ୍କ ଜାଗାରେ ମାତ୍ର ୨ଜଣ ଅଛନ୍ତି। ସେହିପରି ୬ ଜଣ ନର୍ସଙ୍କ ଜାଗାରେ ୩ଜଣ ଥିବାରୁ ରୋଗୀ ସେବାରେ ବାଧା ଉପୁଜୁଥିବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ତୁରନ୍ତ ଡାକ୍ତର, ନର୍ସ ନିଯୁକ୍ତି, ଦୀର୍ଘଦିନ ଧରି ନିର୍ମାଣ ହୋଇ ରହିଥିବା ଅସ୍ତ୍ରୋପଚାର ଗୃହ ଓ ପ୍ରସୂତି ଗୃହକୁ ଡାକ୍ତରଖାନାକୁ ହସ୍ତାନ୍ତର, ରୋଗୀ ଓ ସମ୍ପର୍କୀୟଙ୍କ ନିମନ୍ତେ ଶୌଚାଳୟ ଏବଂ ଡାକ୍ତରଖାନା ପରିସରରେ ପାଣି ଜମି ରହୁଥିବାରୁ ଏହି ସମସ୍ୟାର ସମାଧାନ ଦିଗରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ଚଳିତବର୍ଷର ରୋଗୀ କଲ୍ୟାଣ ସମିତିର ବ୍ୟୟ ଅଟକଳର ଅନୁମୋଦନ କରାଯିବା ସହ କାୟାକଳ୍ପ ଯୋଜନାରେ ସ୍ୱାସ୍ଥ୍ୟ କର୍ମୀଙ୍କୁ ପୁରସ୍କୃତ କରାଯାଇଥିଲା।

## କେନାଲରେ ଭାସି ଶିଶୁପୁତ୍ର ମୃତ

ଛତ୍ରପୁର,୨୧।୭(ସନ୍ତୋଷ ପାଢ଼ୀ )

ଗଞ୍ଜାମ ଜିଲା ଛତ୍ରପୁର ଥାନା ଅନ୍ତର୍ଗତ ବଳରାମପୁର ଗ୍ରାମର ୪ ବର୍ଷୀୟ ବାଳକଙ୍କ କେନାଲରେ ବୁଡ଼ି ମୃତ୍ୟୁ ଘଟିଛି। ସେ ହେଲେ ବଳରାମପୁର ଗ୍ରାମର ମନୋଜ ପ୍ରଧାନଙ୍କ ପୁଅ ଚନ୍ଦନ। ପ୍ରାୟ ୩ ଘଣ୍ଟା ପରିଶ୍ରମ ପରେ ଛତ୍ରପୁର ଅଗ୍ନିଶମ ବିଭାଗ କର୍ମଚାରୀ ମାନେ କେନାଲରୁ ମୃତ ଦେହ ଉଦ୍ଧାର କରିଛନ୍ତି । ପୋଲିସ ଛତ୍ରପୁର ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଘର ନିକଟରେ ଥିବା କେନାଲ ନିକଟକୁ ଯାଇଥିବା ବେଳେ ଗୋଡ଼ ଖସି ଭାସି ଯାଇଥିଲା ।

## କାଦୁଅରେ ଚାଲିଲେ ଗର୍ଭବତୀ

ଅଡବା,୨୧।୭(ଇମ୍ରାନ ଖାନ)

ଗଜପତିରେ ପୁଣି ଜନନୀ ଯନ୍ତ୍ରଣା। ନଦୀରେ ପୋଲ କିମ୍ବା ଗାଁକୁ ଯିବାକୁ ଭଲ ରାସ୍ତା ନଥିବାରୁ ପାହଞ୍ଚି ପାରିଲାନି ଆମ୍ବୁଲାନ୍ସ। ଖାବଡା କାଦୁଅ ପଚପଚ ରାସ୍ତାରେ ଚାଲି ଡାକ୍ତରଖାନାରେ ପହଞ୍ଚିଲେ ଗର୍ଭବତି । ଏହା ଦେଖିବାକୁ ମିଳିଛି ଗଜପତି ଜିଲା ମୋହନା ବ୍ଲକ୍ ଗରଡମା ପଞ୍ଚାୟତ ରାଜଖମା ଗାଁରେ। ରାଜଖମା ଗାଁର ପୂଜା ପାତ୍ରଙ୍କ ପ୍ରସବ ଯନ୍ତ୍ରଣା ହେବାରୁ ପରିବାର ଲୋକେ ଆମ୍ବୁଲାନ୍ସକୁ ଫୋନ୍ କରିଥିଲେ। ଆମ୍ବୁଲାନ୍ସ ଗାଁକୁ ପହଞ୍ଚି ନପାରି ପଦାସାହି ନିକଟରେ ରହିଯାଇଥିଲା। ପଦାସାହି ଆଉ ରାଜଖମା ଗାଁ ମଧ୍ୟରେ ଗଦାପୁର ନଦୀ ରହିଛି। ହେଲେ ନଦୀ ଉପରେ ପୋଲଟିଏ ନଥିବାରୁ କାଠପୋଲ ନିର୍ମାଣ କରି ଦୈନିକ କାମରେ ଯାତାୟାତ କରନ୍ତି ଗ୍ରାମବାସୀ। ତା'ପରେ ରାଜଖମା ଗାଁ ଯାଏ ଅଛି କାଦୁଅ ରାସ୍ତା। ସେହି କାଠପୋଲ ଓ କାଦୁଆ ରାସ୍ତାରେ ପ୍ରାୟ ଦୁଇ କିମି ଆସିବା ପରେ ପଦାସାହିରେ ଥିବା ଆମ୍ବୁଲାନ୍ସ ନିକଟରେ ଗର୍ଭବତୀ ପହଞ୍ଚିଥିଲେ। ସେଠାରୁ ଆମ୍ବୁଲାନ୍ସରେ ଗର୍ଭବତୀଙ୍କୁ ବ୍ରାହ୍ମଣିଗାଁ ଡାକ୍ତରଖାନାକୁ ନିଆଯାଇଥିଲା। ତେବେ ଏହି ଅଞ୍ଚଳର ବିକାଶ ଦିଗରେ ସରକାର ଦୃଷ୍ଟି ଦେବାକୁ ଦାବି କରିଛନ୍ତି ଅଞ୍ଚଳବାସୀ।


କାଦୁଅରେ ଚାଲି ଚାଲି ଆସୁଛନ୍ତି ଗର୍ଭବତୀ ମହିଳା

## ବିଦ୍ୟାଳୟ ପରିସରରେ ପଶିଲା ବର୍ଷାଜଳ

- ଦାରିଙ୍ଗବାଡ଼ିରେ ଲଘୁଚାପ ବର୍ଷା
- ମଧ୍ୟାହ୍ନଭୋଜନ ପାଇଁ ସମସ୍ୟା

ଦାରିଙ୍ଗବାଡ଼ି,୨୧।୭(ଅରୁଣ ସାହୁ)

ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ଲଘୁଚାପଜନିତ ଲଗାଣ ବର୍ଷା ଲାଗି ରହିଥିବା ବେଳେ ଗୁରୁବାର ମଧ୍ୟାହ୍ନରେ କିଛି ସମୟ ପ୍ରବଳ ବର୍ଷା ହୋଇଥିଲା। ଫଳରେ ଉକ୍ତ ବ୍ଲକ ସିମନବାଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମୁଖ୍ୟ ଫାଟକ ଦେଇ ଯାଇଥିବା ପଞ୍ଚାୟତ ରାସ୍ତାକଡ଼ରେ ଥିବା ଡ୍ରେନ୍‌ରୁ ବର୍ଷାଜଳ ନିଷ୍କାସନ ହୋଇପାରି ନ ଥିଲା। ବର୍ଷା ଜଳ ସିଧା ବିଦ୍ୟାଳୟ ପରିସରରେ ପଶି ଆଣ୍ଠୁଏ ଲେଖାଏ ପାଣି ଜମା ହୋଇ ଲହଡା ଭାଙ୍ଗିଥିଲା। ଠିକ୍ ସେହି ସମୟରେ ମଧ୍ୟାହ୍ନଭୋଜନ ପାଇଁ ଛୁଟି ହୋଇଥିବା ବେଳେ ଡାଇନିଂ ରୁମ୍ ନ ଥିବାରୁ ଛାତ୍ରୀଛାତ୍ରୀମାନଙ୍କୁ ଝିପିଝିପି ବର୍ଷାରେ ଗୋଟିଏ ସ୍ଥାନ ବଦଳରେ ସ୍ଥାନ ଅଭାବରୁ ବୁଲି ବୁଲି ଖୋଲା ପଡିଆ, ଶ୍ରେଣୀ ପିଣ୍ଡାରେ ଖାଇବାକୁ ପଡିଛି। ବର୍ଷାରେ ଛାତ୍ରୀଛାତ୍ରଙ୍କ ଖାଦ୍ୟରେ ଆହୁରି ବର୍ଷାଜଳ ପଡିବା ଦେଖିବାକୁ ମିଳିଛି । ସେହିପରି ଯେଉଁଠି ମଧାନ୍ନଭୋଜନ ରୋଷେଇ କରାଯାଉଛି ସେଠୁ ଅନ୍ୟ ଏକ ପିଣ୍ଡାରେ ଛାତ୍ରୀଛାତ୍ରଙ୍କୁ ଖାଦ୍ୟ ପରଷାଯାଉଥିଲା । ଫଳରେ ରୋଷେୟାମାନେ ମଧ୍ୟ ବର୍ଷାରେ ଖାଦ୍ୟ ପରଷିଛନ୍ତି। ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ପ୍ରାୟ ୨୬୮ ଛାତ୍ରୀଛାତ୍ର ପଢୁଥିବା ବେଳେ ସେମାନଙ୍କ ପାଇଁ ୪ଟି ପକ୍କାଘର ଶ୍ରେଣୀ କୋଠା ରହିଥିବା ବେଳେ ଅନ୍ୟ କଚ୍ଚା ୩ଟି ଶ୍ରେଣୀ ଗୃହ ରହିଛି ଏବଂ ଅନ୍ୟ କିଛି ଶ୍ରେଣୀଗୃହ ଅତି ପୁରାତନ ହୋଇଥିବାରୁ ତାକୁ ବ୍ୟବହାର କରାଯାଉନାହିଁ। କଚ୍ଚା ଶ୍ରେଣୀ ଗୃହରେ ବର୍ଷା ପାଣି ଗଳୁଥିବା ବେଳେ ପିଲାଙ୍କ ବହି ଓଦା ହେଇଯାଉଥିବା ଛାତ୍ରୀଛାତ୍ରମାନେ କହିଛନ୍ତି । ସେମାନଙ୍କ ଖେଳ ପଡିଆ ସମେତ ପକ୍କା ଶ୍ରେଣୀଗୃହ, ଡାଇନିଂ ହଲ୍, ଲାଇବ୍ରେରି, କମ୍ପ୍ୟୁଟର ଶିକ୍ଷା ଆଦି ଆବଶ୍ୟକ ରହିଥିବା ଛାତ୍ରୀଛାତ୍ରମାନେ କହିଛନ୍ତି। ଦୀର୍ଘ ଦିନ ହେଲା ଶ୍ରେଣୀ ଗୃହର ମରାମତି ହେଉ ନ ଥିବାରୁ ପାଣି ଗଳୁଥିବା ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି। ଏ ସମସ୍ୟା ନେଇ ପ୍ରଶାସନକୁ ଜଣାଯାଇଛି। ଉକ୍ତ ବିଦ୍ୟାଳୟ ଶୀଘ୍ର ରୂପାନ୍ତରଣ କାର୍ଯ୍ୟ କରାଯିବ ଏଥିପାଇଁ ପ୍ରଶାସନ ପକ୍ଷରୁ ପ୍ରୟାସ ଚାଲିଥିବା ପ୍ରଧାନ ଶିକ୍ଷକ ବିଦେଶୀ ନାୟକ କହିଛନ୍ତି। ବିଦ୍ୟାଳୟର ପୁରାତନ ଛାତ୍ର ବରୁଣ କୁମାର ବେହେରା କହିଛନ୍ତି , ବିଦ୍ୟାଳୟଟି ୧୩୫ ବର୍ଷ ପୁରୁଣା କିନ୍ତୁ ତେଣୁ ଉକ୍ତ ବିଦ୍ୟାଳୟର ଶୀଘ୍ର ବିକାଶ କରିବା ସହ ଛାତ୍ରୀଛାତ୍ରଙ୍କୁ ମୌଳିକ ସୁବିଧା ଯୋଗାଇଦେବାକୁ ସେ ଦାବି କରିଛନ୍ତି।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ସରପଞ୍ଚଙ୍କ ସ୍ୱାମୀଙ୍କୁ ମାଡ଼ ଅଭିଯୋଗ

ଯାଜପୁର ଟାଉନ/ଯାଜପୁର ସଦର, ୨୧।୭ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି/ସମର ବିଜୟ ଶରଣ): ଯାଜପୁର ସଦର ଥାନା ଅଧୀନ ବରୁଆଁ ପଞ୍ଚାୟତର ସରପଞ୍ଚଙ୍କ ସ୍ୱାମୀଙ୍କୁ ମାଡ଼ ମରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗ ଆଧାରରେ ଘଟଣାର ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ମୁତାବକ, ପଞ୍ଚାୟତର ସେକ୍ ସାଜାନ ଓ ସେକ୍ ଲୋକମାନ୍ଙ୍କ ମଧ୍ୟରେ ଜମିବାଡ଼ି ବିବାଦକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏହାର ସମାଧାନ ପାଇଁ ଗତ ୧୭ ତାରିଖ ରାତି ୮ଟାରେ ଏକ ବୈଠକ ଡକାଯାଇଥିଲା। ବୈଠକରେ ସରପଞ୍ଚଙ୍କ ସ୍ୱାମୀ ସେକ୍ ଗୋଲାମ ଅଲି ଓ ଗ୍ରାମବାସୀଙ୍କ ସହ ଉଭୟ ପକ୍ଷ ବସି ଆଲୋଚନା କରୁଥିଲେ। ଏହି ସମୟରେ ସରପଞ୍ଚଙ୍କ ସ୍ୱାମୀ ଅଶ୍ଳୀଳ ଭାଷା ପ୍ରୟୋଗ କରିବାରୁ ଉପସ୍ଥିତ ଥିବା ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର କେତେଜଣ ଲୋକ ଏହାର ପ୍ରତିବାଦ କରିଥିଲେ। ଫଳରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ କଥା କଟାକଟି ଓ ଧସ୍ତାଧସ୍ତି ହୋଇଥିଲା। ପରେ ଏହା ଗଣ୍ଡଗୋଳର ରୂପ ନେଇଥିଲା। ଫଳରେ ସରପଞ୍ଚଙ୍କଙ୍କୁ କେତେଜଣ ଲୋକେ ପ୍ଲାଷ୍ଟିକ୍ ଚୌକିରେ ମାଡ଼ ମାରିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଏହି ଘଟଣାର କିଛି ସମୟ ପରେ ସରପଞ୍ଚଙ୍କ ଶତାଧିକ ସମର୍ଥକ ଅଭିଯୋଗକାରିଣୀ ସାମା ବିବିଙ୍କ ଘରେ ପହଞ୍ଚି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଢେଲାପଥର ପକାଇଥିଲେ। ଏଥିସହିତ ସାମା ବିବିଙ୍କ ଦିଅର, ଯାଆ ଓ ଶ୍ୱଶୁରଙ୍କୁ ମାରଧାର କରିଥିଲେ। ପରେ ତାଙ୍କ ଶ୍ୱଶୁରଙ୍କୁ ଥାନାକୁ ନେଇଯାଇଥିଲେ। ଉଭୟଙ୍କ ପକ୍ଷରୁ ଥାନାରେ ଏତଲା ରୁଜୁ ହୋଇଥିବାବେଳେ ସେକ୍ ଗୋଲାମ ଅଲିଙ୍କ ପକ୍ଷରୁ ହୋଇଥିବା ଏତଲା ଅନୁସାରେ ମାମଲା ନଂ.୧୯୦/୨୩ ରୁଜୁ ହୋଇଛି। ଅପରପକ୍ଷ ଅନ୍‌ଲାଇନ୍‌ରେ ଏତଲା ପ୍ରଦାନ କରିଥିଲେ ମଧ୍ୟ ମାମଲା ରୁଜୁ କରାଯାଇନାହିଁ।

# ମୌଳିକ ସୁବିଧା ମିଳୁନି




ଚୋରଦାରୁ ଗୋପବନ୍ଧୁ ଛକ ମୁଖ୍ୟ ରାସ୍ତାକଡ଼ ଡ୍ରେନ୍‌ରେ ଅଳିଆ ପଡ଼ିଛି। ଯାଜପୁରରୋଡ୍ ବସଷ୍ଟାଣ୍ଡ ରାସ୍ତାରେ ଡ୍ରେନ୍ ପୋତି ହୋଇଯାଇଛି।

ଯାଜପୁରରୋଡ୍, ୨୦।୭ (ପବିତ୍ର ମହାନ୍ତି)

**ବ୍ୟାସନଗର ପୌର ପରିଷଦ**

- ପରିମଳ ଓ ଡ୍ରେନେଜ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ
- ମଶା ଉପଦ୍ରବରେ ସହରବାସୀ ଅତିଷ୍ଠ

ଯାଜପୁର ଜିଲାର ୨ ପୌର ପରିଷଦ ମଧ୍ୟରୁ ଶିଳ୍ପ ସମୃଦ୍ଧ କଳିଙ୍ଗନଗର ମୁଖଶାଳା ଭାବେ ପରିଚିତ ବ୍ୟାସନଗର ପୌର ପରିଷଦ ଅନ୍ୟତମ। ଦିନକୁଦିନ ବ୍ୟାସନଗର ସହରର କଳେବର ବୃଦ୍ଧି ପାଇବା ସହ ଲୋକ ସଂଖ୍ୟା ବଢ଼ିଚାଲିଛି। ୨୬ ୱାର୍ଡକୁ ନେଇ ଗଠିତ ଏହି ପୌର ପରିଷଦ ସ୍ୱଚ୍ଛତାରେ ଦୁଇଦୁଇ ଥର ରାଜ୍ୟସ୍ତରରେ ପୁରସ୍କୃତ ହୋଇଥିଲେ ମଧ୍ୟ ବାସ୍ତବ ଚିତ୍ର କିନ୍ତୁ ଓଲଟା। ସରକାରୀ ଖାତାରେ ଏହାର ଲୋକ ସଂଖ୍ୟା ୪୫ ହଜାର ହୋଇଥିଲାବେଳେ ପ୍ରକୃତ ପକ୍ଷେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଏହି ସହରରେ ବସବାସ କରୁଛନ୍ତି। ଜନସାଧାରଣଙ୍କଠାରୁ ବିଭିନ୍ନ ଟିକସ ପୌର ପରିଷଦ ଆଦାୟ କରୁଥିବାବେଳେ ମୌଳିକ ସୁବିଧା ଯୋଗାଇବାରେ ବିଫଳ ହୋଇଛି।

ସହରର ରାସ୍ତାଠାରୁ ଆରମ୍ଭ କରି ଆଲୋକ, ପରିମଳ ବ୍ୟବସ୍ଥା ସବୁ ଫେଲ୍‌ମାରିଛି। ବର୍ଜ୍ୟ ଜଳ ନିଷ୍କାସନ ପୌର କର୍ତ୍ତୃପକ୍ଷଙ୍କ ପାଇଁ ଚ୍ୟାଲେଞ୍ଜ ପାଲଟିଛି। ମୁଖ୍ୟ ରାସ୍ତାରେ ଥିବା ଡ୍ରେନ୍‌ଗୁଡ଼ିକ ବହୁସ୍ଥାନରେ ଭାଙ୍ଗିଯିବା ସହ ପୋତି ହୋଇପଡ଼ିଛି। କେଉଁଠି ଅଳିଆ ଆବର୍ଜନା ଦ୍ୱାରା ତ କେଉଁଠି ଗୁଳ୍ମଲତା ଘାସରେ ଡ୍ରେନ ପରିପୂର୍ଣ୍ଣ। ଖୋଦ ପୌର ଓ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଡ୍ରେନ୍ ପୋତି ହୋଇପଡ଼ିଛି। ବର୍ଷା ଦିନେ ପୌର ଓ ତହସିଲ କାର୍ଯ୍ୟାଳୟ ମଧ୍ୟରେ ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ଜମିରହିବା ଦ୍ୱାରା କର୍ମଚାରୀ ଏବଂ ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ଦିନ ପୂର୍ବରୁ ଡ୍ରେନ୍ ସଫା କରିବାର ନିୟମ ଥିଲେ ସୁଦ୍ଧା ତାହା ସମ୍ଭବ ହେଉନାହିଁ। ଫଳରେ ବର୍ଜ୍ୟ ନିଷ୍କାସନରେ ବାଧା ଉପୁଜୁଛି। ସାମାନ୍ୟ ବର୍ଷା ହେଲେ ବର୍ଜ୍ୟ ବର୍ଷାଜଳ ସହ ମିଶି ରାସ୍ତା ଉପରେ ଜମି ରହି ଦୁର୍ଗନ୍ଧ ସୃଷ୍ଟି କରୁଛି। ଅନେକ ସ୍ଥାନରେ ଡ୍ରେନ୍‌ଗୁଡ଼ିକ ଉପରେ ସ୍ଲାବ ନ ଥିବାରୁ ବୁଲା ଗୁରୁ ଓ ଛୋଟ ପିଲା ଡ୍ରେନରେ ପଡ଼ି ଆହତ ହେଉଛନ୍ତି। ବହୁ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି।

ଅନ୍ୟପକ୍ଷରେ ନିୟମିତ ଡ୍ରେନ୍ ସଫା ନ ହେବା ଦ୍ୱାରା ବର୍ଜ୍ୟଦ୍‌ଜଳ ଜମିରହି ମଶା ବଂଶ ବୃଦ୍ଧିପାଉଛି। ଠିକ୍ ସମୟରେ ଡ୍ରେନରେ ମଶା ତେଲ ପକାଯାଉନାହିଁ। ଯାହାକି ସହରରେ ମଶା ବଂଶ ବୃଦ୍ଧିର ଆଉ ଏକ କାରଣ। ରାତି ଅପେକ୍ଷା ଦିନରେ ମଶା ସହରବାସୀଙ୍କୁ ଅସ୍ତବ୍ୟସ୍ତ କରିପକାଉଛନ୍ତି। ସହରରେ ଆଗକୁ ଏଡିସ୍ ମଶାଙ୍କ ବଂଶ ବୃଦ୍ଧିକୁ ଏଡାଇ ଦିଆଯାଇ ନ ପାରେ। ଫଳରେ ଡେଙ୍ଗୁ ପରି ମାରାତ୍ମକ ଜ୍ୱର ବ୍ୟାପିବାର ଆଶଙ୍କା ଦେଖାଦେଇଛି। ପୌର ପରିଷଦରେ ପରିମଳ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଥିବାବେଳେ ଏ ବାବଦରେ ମାସକୁ ବିପୁଳ ଟଙ୍କା ବିଲ କରି ନେଉଥିବା ଏକ ଠିକା ସଂସ୍ଥାକୁ ୩ ବର୍ଷ ଧରି ଅନୁକମ୍ପା ଦେଖାଇବା ପଛରେ କ'ଣ ସ୍ୱାର୍ଥ ଅଛି ତାହା ସହରବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସହରର ଡ୍ରେନେଜ୍ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ରାଜ୍ୟ ସରକାରଙ୍କ ସହରୀକରଣ ଉନ୍ନୀତ ଯୋଜନାରେ ୫୦୦କୋଟି ଟଙ୍କା ମଞ୍ଜୁର ହୋଇଥିଲେ ସୁଦ୍ଧା ତାହା ଖର୍ଚ୍ଚ ନ ହୋଇ ପଡ଼ିରହିଛି। ତେଣୁ ଜିଲାପାଳ ଓ ନଗର ଉନ୍ନୟନ ବିଭାଗ ଦୃଷ୍ଟି ଦେଇ ତୁରନ୍ତ ସମସ୍ୟାର ସମାଧାନ କରିବାକୁ ସହରର ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

**ଏମାନେ ଯାହା କହନ୍ତି...**

### ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରାଯିବ



ଦିଲ୍ଲୀର ଏକ ଘରୋଇ ସଂସ୍ଥାକୁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଛି ଓ ଜିଲାପାଳଙ୍କ ଅଧକ୍ଷତାରେ ଡିପିଆର୍ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି। ସହରର ବର୍ଜ୍ୟଜଳ ସହର ବାହାରକୁ ନିଷ୍କାସନ ହେବାରେ ପ୍ରତିବନ୍ଧକ ରହିଛି। ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯାଇ ସମସ୍ୟାର ସମାଧାନ କରାଯିବ।

**-ତରୁଣ କୁମାର ମହାପାତ୍ର, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ**

### ସ୍ୱେରେଜ ସିଷ୍ଟମ ହେଲେ ସମସ୍ୟାର ସମାଧାନ ହୋଇପାରେ



ପୂର୍ବରୁ ରେଲଲାଇନ କଡ଼ରେ ଥିବା ଖାଲୁଆ ସ୍ଥାନଦେଇ ସହରର ବର୍ଜ୍ୟ ଜଳ ନିଷ୍କାସନ ହେଉଥିଲା। ବର୍ତ୍ତମାନ ସେ ସୁବିଧା ଆଉନାହିଁ। ସବୁଆଡ଼େ ଘର, ରାସ୍ତା ନିର୍ମାଣ ଫଳରେ ଜଳ ନିଷ୍କାସନରେ ବାଧା ସୃଷ୍ଟି ହୋଇଛି। ଅନ୍ୟ ବଡ଼ ସହର ପରି ଏଠାରେ ସ୍ୱେରଜ ସିଷ୍ଟମ କରାଯାଇ ବର୍ଜ୍ୟ ଓ ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା ପାଇଁ ପଦକ୍ଷେପ ନିଆଗଲେ ସମସ୍ୟାର ସମାଧାନ ହୋଇପାରେ।

**-ରସାନନ୍ଦ ମହାନ୍ତି, ପୂର୍ବତନ ନଗରପାଳ, ବ୍ୟାସନଗର ପୌର ପରିଷଦ**

### ଡ୍ରେନ୍‌ଗୁଡ଼ିକ ଠିକ୍ ସମୟରେ ସଫା କରାଯାଉନାହିଁ



ଡ୍ରେନ୍ ଠିକ୍ ସମୟରେ ସଫା କରାଯାଉନାହିଁ। ବହୁସ୍ଥାନରେ ଡ୍ରେନ୍ ଉପରେ ଘୋଡ଼ଣି (ସ୍ଲାବ) ରହୁ ନ ଥିବାରୁ ବାହାର ଅଳିଆ ଡ୍ରେନ ମଧ୍ୟରେ ପଡ଼ି ଜାମ ହେଉଛି। ମୁଖ୍ୟ କଥା ହେଲା ରାସ୍ତା ଉଚ୍ଚା ହେବା ଦ୍ୱାରା ବର୍ଷାଦିନେ ଜଳ ନିଷ୍କାସନ ନ ହୋଇପାରି ଘର ଓ ବ୍ୟବସାୟିକ ସ୍ଥାନରେ ପ୍ରବେଶ କରୁଛି। ପୌର ପରିଷଦ ଏବାବଦରେ ପଦକ୍ଷେପ ନେଉନାହିଁ।

**-କିଷାନ କୁମାର ବରାଳ, ବ୍ୟବସାୟୀ, ବ୍ୟାସନଗର**

### ଜଳ ନିଷ୍କାସନ ଉପରେ ଗୁରୁତ୍ୱ ଦିଆଯାଉନାହିଁ



ଦିନକୁ ଦିନ ସହରର ଅଭିବୃଦ୍ଧି ଘଟୁଛି, ଲୋକସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ହେଲେ ସହରର ଜଳ ନିଷ୍କାସନ ଉପରେ ଗୁରୁତ୍ୱ ଦିଆଯାଉନାହିଁ। ପୌର ପରିଷଦର ନିର୍ବାଚିତ ପ୍ରତିନିଧିମାନେ ପ୍ରଥମ ବୈଠକରୁ ସହରର ମୁଖ୍ୟ ସମସ୍ୟା ଡ୍ରେନେଜ ବ୍ୟବସ୍ଥା ଉପରେ ଆଲୋଚନା କରି ନିଷ୍ପତ୍ତି ନେବା ପରିବର୍ତ୍ତେ ସୌନ୍ଦର୍ଯ୍ୟକରଣ ଓ ଶିଳାନ୍ୟାସରେ ବ୍ୟସ୍ତ ରହୁଛନ୍ତି। ସହରର ଜଳ ନିଷ୍କାସନ ପାଇଁ ସ୍ୱେରଜ ବ୍ୟବସ୍ଥା କରାଗଲେ ସମସ୍ୟା ରହିବ ନାହିଁ।

**-ରାକେଶ କୁମାର ରାଉତ, କ୍ରୀଡ଼ାବିତ ଓ ବ୍ୟବସାୟୀ, ବ୍ୟାସନଗର**

## ନରସିଂହପୁର-ମାଝିପାଟଣା ବନ୍ଧ ରାସ୍ତା ଶୋଚନୀୟ



ଗର୍ତ୍ତ ଯୋଗୁ ରାସ୍ତାରେ ବର୍ଷାପାଣି ଜମି ରହିଛି।

କାଏମା, ୨୧।୭ (ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ବ୍ଲକ୍ ଅଧୀନ ଉତ୍ତରପ୍ରତାପ ପଞ୍ଚାୟତର ନରସିଂହପୁରଠାରୁ ମାଝିପାଟଣା ପର୍ଯ୍ୟନ୍ତ ବନ୍ଧ ରାସ୍ତା ଶୋଚନୀୟ ହୋଇପଡ଼ିଛି। ରାସ୍ତାର ବିଭିନ୍ନ ସ୍ଥାନରୁ ପିଚୁ ଉଠିଯାଇ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ସାମାନ୍ୟ ବର୍ଷାହେଲେ ଗର୍ତ୍ତଗୁଡ଼ିକରେ ପାଣି ଜମି ରହୁଛି। ନିମ୍ନମାନର କାମ କରାଯାଇଥିବାରୁ ରାସ୍ତା ନିର୍ମାଣର ଅଳ୍ପ ଦିନ ମଧ୍ୟରେ ଏଭଳି ଅବସ୍ଥା ସୃଷ୍ଟି ହୋଇଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏହି ରାସ୍ତା ଉପରେ ଚଇନୁହୁଡ଼ା, ମାଝି ପାଟଣା, ଅଲଣିସାହୁ ପାଟଣା, ସ୍ୱାଇଁ ସାହି ଓ ରାଏପଡ଼ା ଆଦି ଗ୍ରାମବାସୀ ନିର୍ଭର କରନ୍ତି। ରାସ୍ତା ଦେଇ ଛୋଟ ପିଲା ସ୍କୁଲ୍‌କୁ ଯିବାକୁ ଭୟ କରୁଛନ୍ତି। ସେମାନେ ଅପରିଷ୍କାର ପାଣିରେ ପଶି ଯାଉଥିବାରୁ ବିଭିନ୍ନ ପ୍ରକାର ଚର୍ମ ରୋଗରେ ଆକ୍ରାନ୍ତ ହେଉଛନ୍ତି। ରାସ୍ତାରୁ ପ୍ରତ୍ୟେକ ଗ୍ରାମକୁ ସଂଯୋଗ କରୁଥିବା ଗଡ଼ାଣିଗୁଡ଼ିକ ଭାଙ୍ଗିଗଲାଣି। ଏପରି କି ଗାଁରୁ ଗାଡ଼ି ଓ ସାଇକଲ ବାହାରିବା ପାଇଁ ସମସ୍ୟା ସୃଷ୍ଟି ହେଉଛି। ରାସ୍ତାର ଅବସ୍ଥା ଏପରି ହୋଇଥିଲେ ମଧ୍ୟ ମରାମତି ପାଇଁ କୌଣସି ପଦକ୍ଷେପ ନିଆଯାଇନାହିଁ। ଫଳରେ ଏହାକୁ ନେଇ ଜନ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ତୁରନ୍ତ ରାସ୍ତା ମରାମତି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ନିମାଇଁ ମଳିକଙ୍କୁ ପଚାରିବାରେ ସେ କହିଛନ୍ତି, ବେଦିପୁରରୁ ଜନକ ରାସ୍ତା କାମ ହେବାନେଇ ଟେଣ୍ଡର ହୋଇଛି ବୋଲି ଧର୍ମଶାଳା ବିଧାୟକଙ୍କଠାରୁ ଶୁଣିବାକୁ ପାଇଛନ୍ତି। ହେଲେ କେବେ କାମ ହେବ ତାହା ଜାଣିନାହାନ୍ତି।

## ରିଲ୍ସବେଳେ ବାଇକ୍‌ରୁ ଖସି ୪ ନାବାଳକ ଗୁରୁତର

ଧର୍ମଶାଳା, ୨୧।୭ (ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ଥାନା ଅନ୍ତର୍ଗତ ବ୍ରାହ୍ମଣୀ ନଦୀବନ୍ଧର ଭଲୁଖାଇ ନିକଟରେ ଶୁକ୍ରବାର ଅପରାହ୍ନରେ ରିଲ୍ସ କରୁଥିବାବେଳେ ୪ ନାବାଳକ ଦୁର୍ଘଟଣାର ଶିକାର ହୋଇ ଗୁରୁତର ହୋଇଛନ୍ତି। ସ୍ଥାନୀୟ ଅଞ୍ଚଳର ଏହି ନାବାଳକମାନେ ଏକ ବାଇକରେ ବସି ନଦୀବନ୍ଧରେ ରିଲ୍ସ କରୁଥିବାବେଳେ ହଠାତ୍ ବାଇକଟି ଭାରସାମ୍ୟ ହରାଇ ବନ୍ଧ ତଳକୁ ଖସି ପଡ଼ିଥିଲା। ଫଳରେ ନାବାଳକ ଚହଟା ଗ୍ରାମର ସେକ୍ ସଫିକ, ପିର ମହମ୍ମଦ, ମୁନା ଓ ଧର୍ମଶାଳା ବଜାର ଅଞ୍ଚଳର ସେକ ଜାଫର ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଜଣକ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାଯାଇଛି।

## ଧର୍ମଶାଳା ଲାୟନ୍ସ କ୍ଲବ ଉଦ୍‌ଘାଟିତ

କାଏମା, ୨୧।୭ (ଶିବପ୍ରସାଦ ମହାନ୍ତି)




ଲାୟନ୍ସ କ୍ଲବ୍ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ।

ଧର୍ମଶାଳା ବ୍ଲକ ଉତ୍ତରପ୍ରତାପ ପଞ୍ଚାୟତ ନରସିଂହପୁରସ୍ଥିତ ଶ୍ରୀଦଧିବାମନଜୀଉ ସଂସ୍କୃତ ମହାବିଦ୍ୟାଳୟ ପରିସରରେ କଳିଙ୍ଗନଗର ଲାୟନ୍ସ କ୍ଲବ୍ ଆନୁକୂଲ୍ୟରେ ଧର୍ମଶାଳ ଲାୟନ୍ସ କ୍ଲବ୍ ଉଦ୍‌ଘାଟିତ ହୋଇଯାଇଛି। ଲାୟନ ବିଶ୍ୱଜିତ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଉଦ୍‌ଘାଟକ ଭାବେ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଲାୟନ ଶରତ ଚନ୍ଦ୍ର ପ୍ରଧାନ ଯୋଗଦେଇ କ୍ଲବ୍‌କୁ ଉଦ୍‌ଘାଟନ କରିବା ସହିତ କ୍ଲବ୍‌ର କାର୍ଯ୍ୟଧାରା ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଲାୟନ ପ୍ରଫୁଲ୍ଲ କୁମାର ସାମଲ ଯୋଗଦେଇ ନୂତନ ଭାବେ ଏକ କ୍ଲବ ଗଠନ କରାଗଲେ ସେଥିରେ ୨୦ ସଦସ୍ୟ ରହିବା ସହିତ କ୍ଲବ୍‌ର ନୀତି, ନିୟମ ପାଳନ କରିବାକୁ ପଡ଼ିଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଲାୟନ ପ୍ରଲୁଭ ଜେନା ଓ ଲାୟନ କଳ୍ପନା ପଣ୍ଡା ପ୍ରମୁଖ ଯୋଗଦେଇ ଲାୟନ୍ସ କ୍ଲବ ଜଣେ ବ୍ୟକ୍ତିଙ୍କ ବ୍ୟକ୍ତିତ୍ୱକୁ ଆକର୍ଷଣୀୟ କରିବା ସହିତ ଗୋଟିଏ ଅଞ୍ଚଳର ବିକାଶରେ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହିଅବସରରେ ଧର୍ମଶାଳା ଲାୟନ୍ସ କ୍ଲବ ସଭାପତିଭାବେ ଅବସରପ୍ରାପ୍ତ ଅଧକ୍ଷ ତଥା ସାହିତ୍ୟିକ ଡ. ଚିତ୍ତରଞ୍ଜନ ମହାନ୍ତି, ସମ୍ପାଦକ ଭାବେ ଡ. କୃଷ୍ଣଚନ୍ଦ୍ର ପାତ୍ର ଓ କୋଷାଧକ୍ଷ ଭାବେ ସିଦ୍ଧାର୍ଥ ସ୍ୱୟଂଦୀପ୍ତ ମହାନ୍ତିଙ୍କୁ ମନୋନୀତ କରଯାଇଥିଲା।

ଲାୟନ୍ସ କ୍ଲବ ସେବାରେ ବିଶ୍ୱାସ କରେ। ଏହି ଆଧାରରେ ଧର୍ମଶାଳାରେ ଲାୟନ୍ସ କ୍ଲବ କାର୍ଯ୍ୟକରିବ ବୋଲି ସଭାପତି ଡ. ମହାନ୍ତି କହିଥିଲେ। ସେହିପରି ଲାୟନ୍ସ କ୍ଲବ ବିଶ୍ୱସ୍ତରର ଏକ ଅଗ୍ରଣୀ ସଂଗଠନ। ଏହି ସଂଗଠନ ଧର୍ମଶାଳାରେ ଶୁଭାରମ୍ଭ କରାଯାଇଥିବାରୁ ଅଞ୍ଚଳର ବୁଦ୍ଧିଜୀବୀ ଏଥିରେ ସାମିଲ ହେବାକୁ ସମ୍ପାଦକ ଡ. ପାତ୍ର ନିବେଦନ କରିଥିଲେ। ଅଧ୍ୟାପିକା ସୁଜାତା ଦାସ ସୂଚନା ପ୍ରଦାନ କରିଥିଲେ। ପ୍ରାରମ୍ଭର ଛାତ୍ରୀଛାତ୍ରଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଲାୟନ ବିଷ୍ଣୁଚରଣ ନାୟକ, ସୁମନ କଲ୍ୟାଣ ବେହେରା, ପ୍ରଶାନ୍ତ କୁମାର ପଣ୍ଡା, ମଧୁସ୍ମିତା ପଣ୍ଡା ଓ ଅର୍ପିତା ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କୋଷାଧକ୍ଷ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ସାମାଜିକ କର୍ମୀଙ୍କ ସାଙ୍ଗଠନିକ ବୈଠକ

ରସୁଲପୁର, ୨୧।୭ (ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଅଧୀନ ରାହାମ୍ବା ପଞ୍ଚାୟତର ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ମନ୍ଦିର ପ୍ରାଙ୍ଗଣରେ ସାମାଜିକ କର୍ମୀମାନଙ୍କ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ତଥା ଅଂଶୁମାନ ମେମୋରିଆଲ ଟ୍ରଷ୍ଟର ସମ୍ପାଦକ ହିମାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଧର୍ମଶାଳା ନିର୍ବାଚନମଣ୍ଡଳୀରେ ଲଘୁ ଖଣିଜ ଜାତ ଦ୍ରବ୍ୟ ଲୁଟ୍, ଉନ୍ନୟନ ନାଁରେ ସରକାରୀ ଅର୍ଥ ହଡ଼ପ ଓ ସରକାରୀ ଯୋଜନାର ସୁଷମ ବଣ୍ଟନରେ ବିଫଳତା ଯୋଗୁ ଯୋଗ୍ୟ ଲୋକଙ୍କୁ ବିଭିନ୍ନ ଯୋଜନାରୁ ସୁଫଳ ମିଳି ପାରୁ ନ ଥିବା ଭଳି ଘଟଣା ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଭରି ଦେଇଛି। ଧର୍ମଶାଳା ମାଟିରୁ ଏ ସବୁ ଅନିତି, ଦୁର୍ନୀତିକୁ ହଟାଇବା ପାଇଁ ଲୋକଙ୍କୁ ଏକଜୁଟ ହେବାକୁ ପଡ଼ିବ ବୋଲି ସାହୁ ଆହ୍ୱାନ କରିଛନ୍ତି। ଧର୍ମଶାଳାର ବିକାଶ ଓ ସ୍ୱାଭିମାନକୁ ବଞ୍ଚାଇବା ପାଇଁ ସେ ଲଢ଼େଇର ସାରଥି ହେବାକୁ ପ୍ରସ୍ତୁତ ବୋଲି ଜନସାଧାରଣଙ୍କୁ ଆଶ୍ୱାସନା ଦେଇଛନ୍ତି। ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲାପରିଷଦ ସଭାପତି ନରେଶ ଚନ୍ଦ୍ର ମହାନ୍ତି, ଯୁବନେତା ପ୍ରକାଶ ସାମଲ ଓ ଅମୂଲ୍ୟ ରାଉତ ପ୍ରମୁଖ ଯୋଗଦେଇ ଧର୍ମଶାଳା ନିର୍ବାଚନମଣ୍ଡଳୀରେ ଥିବା ନାନା ସମସ୍ୟା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ବୈଠକରେ ଶତାଧିକ ସାମାଜିକ କର୍ମୀ ଯୋଗଦେଇ ବକ୍ତବ୍ୟ ଛଳରେ ଧର୍ମଶାଳାର ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ କାର୍ଯ୍ୟଧାରାକୁ ସମାଲୋଚନା କରିଥିଲେ। ବୈଠକରେ ଉପସ୍ଥିତ ଥିବା କର୍ମୀଙ୍କ ମଧ୍ୟରୁ ଅଧିକାଂଶ ବିଜୁ ଜନତା ଦଳର ସମର୍ଥକ ବୋଲି ଜଣାପଡ଼ିଛି। ଦଳ ଭିତରେ ଥିବା ଅସନ୍ତୋଷକୁ ବିରୋଧ କରି କର୍ମୀମାନେ ଏଭଳି ମେଳି କରୁଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି।



ବୈଠକରେ ଯୋଗ ଦେଇଥିବା ସାମାଜିକ କର୍ମୀମାନେ।

## ୨ ଥର ଉନ୍ମୋଚନ ହେଲା ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି



ବିଧାୟକ ପ୍ରତିମୂର୍ତ୍ତି ଉନ୍ମୋଚନ କରୁଛନ୍ତି।



ଗ୍ରାମବାସୀ ମୁହଁରେ ଗାମୁଛା ବାନ୍ଧି ନୀରବ ପ୍ରତିବାଦ କରୁଛନ୍ତି।



ଘଟଣାସ୍ଥଳରେ ପୋଲିସ ଫୋର୍ସ ମୁତୟନ କରାଯାଇଛି।

ବାଲିଚନ୍ଦ୍ରପୁର, ୨୧।୭ (ଗିରିଜା ପ୍ରସାଦ ସାହୁ)

- ସରପଞ୍ଚ, ସମିତିସଭ୍ୟଙ୍କୁ ଡକାଯାଇ ନ ଥିବାରୁ ବିବାଦ
- ଗ୍ରାମବାସୀଙ୍କ ପରେ ଉନ୍ମୋଚନ କଲେ ବିଧାୟକ
- ଗ୍ରାମରେ ଚାପା ଉତ୍ତେଜନା, ପୋଲିସ ଫୋର୍ସ ମୁତୟନ

ବଡ଼ଚଣା ବ୍ଲକ ଅଧୀନ ଗୋପାଳପୁରସ୍ଥିତ କଳାଶ୍ରୀ ଗୋପାଳପୁର ନୋଡାଲ ଉପ୍ରା ବିଦ୍ୟାଳୟରେ ଶୁକ୍ରବାର ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନକୁ ନେଇ ବିବାଦ ସୃଷ୍ଟି ହୋଇଛି। ଫଳରେ ପ୍ରତିମୂର୍ତ୍ତିକୁ ୨ଥର ଉନ୍ମୋଚନ କରାଯାଇଛି। ଉକ୍ତ ପ୍ରତିମୂର୍ତ୍ତିକୁ ବିଧାୟକ ଅମର ପ୍ରସାଦ ଶତପଥୀ ଉଦ୍‌ଘାଟନ କରିବାରଥିଲା। ମାତ୍ର ବିଦ୍ୟାଳୟ ପିରଚାଳନା କମିଟିରେ କଳାଶ୍ରୀ ଗୋପାଳପୁର ସରପଞ୍ଚ, ସମିତିସଭ୍ୟ ସଦସ୍ୟ ଥିଲେ ମଧ୍ୟ ସେମାନଙ୍କୁ ଡକାଯାଇ ନ ଥିଲା। ତାଙ୍କ ଅଗୋଚରରେ କାର୍ଯ୍ୟକ୍ରମ ହେଉଥିବା ଜାଣିବାପରେ ଗ୍ରାମବାସୀଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଫଳରେ ଭାଜପା ନେତା ଇଂ. ଯଶୋଦୀପ୍ତ ସାମଲଙ୍କ ତତ୍ତ୍ୱାବଧାନରେ ଶତାଧିକ ଗ୍ରାମବାସୀ ବିଦ୍ୟାଳୟରେ ପହଞ୍ଚି ପ୍ରତିବାଦ ପୂର୍ବକ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଏଥିରେ ପଞ୍ଚାୟତ ଭାଜପା ସଭାପତି ଉତ୍ତମ ଚରଣ ଦାସ, ସରପଞ୍ଚଙ୍କ ପ୍ରତିନିଧି ଚିନ୍ମୟ କୁମାର ଶାନ୍ତି, ନାଏବ ସରପଞ୍ଚ ଲକ୍ଷ୍ମୀଧର ସାହୁ, ଅଜୟ ପାଢ଼ୀ, ସୌମ୍ୟରଞ୍ଜନ ଓଝା, ଅଜୟ ସେଠୀ ଓ ପ୍ରଶାନ୍ତ ବେହେରା ପ୍ରମୁଖ ଗ୍ରାମବାସୀ ଯୋଗଦେଇଥିଲେ। ପୋଲିସ ବାହିନୀ ଓ ଗ୍ରାମବାସୀଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ପ୍ରତିମୂର୍ତ୍ତି ଉନ୍ମୋଚନ ପରେ ପୋଲିସ ସେମାନଙ୍କୁ ଠେଲି ବିଦା କରିଥିବା ଦେଖାଯାଇଥିଲା।

ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ପରେ ସେମାନେ ମୁହଁରେ ଗାମୁଛା ବାନ୍ଧି ଗାନ୍ଧୀ ନୀତିରେ ବିଦ୍ୟାଳୟ ଫାଟକ ସମ୍ମୁଖରେ ନୀରବ ପ୍ରତିବାଦ କରିଥିଲେ। ବିଦ୍ୟାଳୟ ଆଗରେ ପୋଲିସ ଛାଉଣି ହୋଇଥିଲା। ମଧ୍ୟାହ୍ନରେ ଏସ୍‌ଡିପିଓଙ୍କ ନେତୃତ୍ୱରେ ବଡ଼ଚଣା, ବାଲିଚନ୍ଦ୍ରପୁର ଓ ବୈରୀ ଥାନା ଅଧିକାରୀଙ୍କ ସମେତ ଏକ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯିବାପରେ ବିଧାୟକ ଶତପଥୀ ପହଞ୍ଚି ଉକ୍ତ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ପରେ ବିଦ୍ୟାଳୟର ଏକ ପ୍ରକୋଷ୍ଠରେ ପରିଚାଳନା କମିଟି ସଭାପତି ବିଶ୍ୱଜିତ୍ ମହାନ୍ତିଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସିଆର୍‌ସିସି ଗିରିଜା ପ୍ରସାଦ ମିଶ୍ରଙ୍କ ସଞ୍ଚାଳନାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ବିଧାୟକ ଶତପଥୀ, ସମ୍ମାନିତ ଅତିଥି ଭାବେ ବଡ଼ଚଣା ମଣ୍ଡଳ ଶିକ୍ଷାଧିକାରୀ ସବିତା ସାହୁ, ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ସଦସ୍ୟ ଅରବିନ୍ଦ ସାମଲ, ଯତୀନ୍ଦ୍ର ପ୍ରସାଦ ନାୟକ, ସରପଞ୍ଚ କିଶୋର ଚନ୍ଦ୍ର ବେହୁରା, ନିରଞ୍ଜନ ସେନାପତି ଓ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ସାମଲ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ। ବ୍ଲକ ବିଜେଡି ସାଧାରଣ ସମ୍ପାଦକ ବିପିନ ବିହାରୀ ଜେନା ଧନ୍ୟବାଦ ଦେଇଥିଲେ।

ଏ ସମ୍ପର୍କରେ ସରପଞ୍ଚ ଗୋଦାବରୀ ଶାନ୍ତିଙ୍କ ପ୍ରତିନିଧି ଚିନ୍ମୟ ଶାନ୍ତିଙ୍କୁ ପଚାରିବାରେ ସେ କହିଛନ୍ତି, ସରପଞ୍ଚ, ସମିତିସଭ୍ୟ ବିଦ୍ୟାଳୟ ପରିଚାଳନା କମିଟିରେ ସଭ୍ୟ ଅଛନ୍ତି। ହେଲେ ସେମାନଙ୍କୁ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଯାଇ ନ ଥିବାରୁ ଆମେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହିତ ନୀରବ ପ୍ରତିବାଦ କରିଥିଲୁ। ପୋଲିସ ଉପସ୍ଥିତିରେ ପରବର୍ତ୍ତୀ ପର୍ଯ୍ୟାୟରେ ବିଧାୟକ ଆସି ପୁଣି ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ବିଧାୟକ ଶତପଥୀଙ୍କୁ ପଚାରିବରେ ସେ ବିଦ୍ୟାଳୟ ପରିଚାଳନା କମିଟିଠାରୁ ଏକଥା ବୁଝିବାକୁ କହିଥିଲେ। ଏ ସମ୍ପର୍କରେ ବିଦ୍ୟାଳୟ ପରିଚାଳନା କମିଟିର ପ୍ରତିକ୍ରିୟା ମିଳି ପାରିନାହିଁ।

### ରାଜକନିକା ଥାନା ନୂଆ ଆଇଆଇସିଙ୍କ ଦାୟିତ୍ୱ ଗ୍ରହଣ

କେନ୍ଦ୍ରାପଡ଼ା,(ଜଗନ୍ନାଥ ଧଳ): କେନ୍ଦ୍ରାପଡ଼ା ଜିଲା ରାଜକନିକା ଥାନାରେ ବୁଧବାର ନୂତନ ଥାନା ଅଧିକାରୀ ଭାବେ ଦିଲୀପ କୁମାର ଧଳ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ସେ ପୁରୀ ଜିଲା ବ୍ରହ୍ମଗିରି ଥାନାରେ ଥିଲେ। ବିଦାୟୀ ଆଇଆଇସି ବିଲ୍ୱମଙ୍ଗଳ ସେଠୀଙ୍କ ସ୍ଥାନରେ ଧଳ ଯୋଗଦାନ କରିଛନ୍ତି। ସେହିପରି ଏସ୍ଆଇ ଭାବେ ଚନ୍ଦ୍ରିକା ମହାପାତ୍ର ନୂତନ ଭାବେ ଯୋଗଦାନ କରିଛନ୍ତି। ଏହା ପୂର୍ବରୁ ସେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଥିଲେ।

## ସଂକ୍ଷେପରେ

### ୭ ନଂ. ୱାର୍ଡବାସୀଙ୍କ ପକ୍ଷରୁ ସରପଞ୍ଚଙ୍କୁ ୪ ଦଫା ଦାବିପତ୍ର

ରାଜନଗର,୨୧।୭ (ଭାସ୍କର ରାଉତରାୟ) ରାଜନଗର ବ୍ଲକ ରାଜନଗର ଗ୍ରାମକୁ ରାଜ୍ୟ ସରକାର ଆଦର୍ଶ ଗ୍ରାମ ରୂପେ ମାନ୍ୟତା ଦେଇଛନ୍ତି। ସରକାରୀ ବିଭାଗର ସମସ୍ତ କାର୍ଯ୍ୟାଳୟ ଏହି ପଞ୍ଚାୟତ ଅଧୀନରେ ଥିବା ବେଳେ ପଞ୍ଚାୟତର ୭ନଂ. ୱାର୍ଡବାସୀ ୪ ଦଫା ଦାବିପତ୍ର ଗୁରୁବାର ରାଜନଗର ସରପଞ୍ଚ ସୁଶ୍ରୀ ସଙ୍ଗୀତା ମିଶ୍ରଙ୍କୁ ପ୍ରଦାନ କରିଛନ୍ତି। ଏଠାରେ ପ୍ରବାହିତ ହଂସୁଆ ନଦୀ ପାର୍ଶ୍ୱରେ ଏହି ୭ ନଂ. ୱାର୍ଡଟି ଅବସ୍ଥିତ। ୱାର୍ଡବାସୀ ସଦା ସର୍ବଦା ହଂସୁଆ ନଦୀ ଉପରେ ନିର୍ଭର କରିଥାନ୍ତି। ଏବେ କୁମ୍ଭୀରମାନଙ୍କ ଉପଦ୍ରବ ନଦୀ କୂଳିଆ ଲୋକଙ୍କ ନିଦ ହଜାଇ ଦେଇଛି। ୱାର୍ଡବାସୀ କିପରି ନିରାପଦରେ ନଦୀରେ ଗାଧୋଇବେ ଓ ଅନ୍ୟ କାର୍ଯ୍ୟ କରିବା ପାଇଁ ସୁରକ୍ଷିତ ବାଥିଙ୍ଗ ଘାଟ ନିର୍ମାଣ, ଏହି ୱାର୍ଡର ଜଳ ନିଷ୍କାସନ ପାଇଁ ନିର୍ମାଣ କରାଯାଇଥିବା ଖୋଲା ଡ୍ରେନ ଉପରେ ସ୍ଲାପ ନିର୍ମାଣ, ଡ୍ରେନପାଣି ସ୍ଥାୟୀ ନିଷ୍କାସନ କରି ସିଧା ନଈକୁ ଛଡ଼ାଯିବା ପାଇଁ ବ୍ୟବସ୍ଥା ଏବଂ ସରକାରଙ୍କ ପକ୍ଷରୁ ବିଭିନ୍ନ ଗାଁର ଯୁବକ ସଂଘ, ମଠ, ମନ୍ଦିର ନିର୍ମାଣ ପାଇଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଥିବା ବେଳେ ୭ ନଂ. ୱାର୍ଡବାସୀଙ୍କୁ ତୁରନ୍ତ ଏହି ସୁବିଧା ଯୋଗାଇ ଦେବାକୁ ୱାର୍ଡର ବାଇଧର ସେଠୀ, ସତ୍ୟରଞ୍ଜନ ସେଠୀ, ଅମର ସେଠୀ, ଲିଟନ ସେଠୀ, ପବିତ୍ର ସେଠୀ, ପ୍ରଦୀପ ସେଠୀ, ଅଭୟ ସେଠୀ, ଦେବଦତ ସେଠୀ, ଗୋଲେଖ ସେଠୀ, ଦୀପକ କୁମାର ସେଠୀ, ନିରଞ୍ଜନ ସେଠୀ ପ୍ରମୁଖ ସରପଞ୍ଚ ମିଶ୍ରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚ ମିଶ୍ରଙ୍କୁ ପଚାରିବାରେ ଦାବିପତ୍ର ପାଇଛୁ। ଖୁବ୍‌ଶୀଘ୍ର ସେମାନଙ୍କ ସମସ୍ୟାର ସମାଧାନ କରାଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ

**କେନ୍ଦ୍ରାପଡ଼ା, ୨୧।୭(ଜଗନ୍ନାଥ ଧଳ):** କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଓଲାଭର ପଞ୍ଚାୟତ ବାଲିସାହି ଗାଁର ଦୁର୍ଗାଚରଣ ପାଲଙ୍କ ସହଧର୍ମିଣୀ ଅବଳା(୮୫)ଙ୍କର ବୁଧବାର ପରଲୋକ ହୋଇଛି। ତାଙ୍କର ବାର୍ଦ୍ଧକ୍ୟଜନିତ ମୃତ୍ୟୁ ହୋଇଥିବା ପରିବାର ସୂତ୍ରରୁ ଜଣାପଡିଛି। ସେ ଜଣେ ଧର୍ମାନୁରାଗୀ, ପରୋପକାରୀ, ମେଳାପି, ମିଷ୍ଟଭାଷୀ, ଅମାୟିକ ମହିଳା ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପରଲୋକ ଖବରପାଇ ପଞ୍ଚାୟତର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାଲିସାହିସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପୁଅ ଓଲାଭର ରାଧାନାଥ ରଥ ହସ୍ପିଟାଲର କାର୍ଯ୍ୟରତ ଫାର୍ମାସିଷ୍ଟ ଅମର ପାଲ, ବୋହୂ, ଝିଅ, ଜ୍ୱାଇଁ , ନାତୁଣୀନାତି ପ୍ରମୁଖ ଉପସ୍ଥିତ ଥିଲେ। ଗାଁ ଶ୍ମଶାନରେ ତାଙ୍କର ସଂସ୍କାର କରାଯାଇଛି। ତାଙ୍କ ପୁଅ ଅମର ମୁଖାଗ୍ନି ଦେଇଥିଲେ।

# ବିପଦସଙ୍କୁଳ ଅବସ୍ଥାରେ ଲୁଣାନଦୀ ବନ୍ଧ

ଡେରାବିଶ, ୨୧।୭
(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅଧୀନ ଲୁଣାନଦୀର ବାମପାର୍ଶ୍ୱ ନଦୀବନ୍ଧଟି ସମ୍ପୂର୍ଣ୍ଣ ବିପଦସଙ୍କୁଳ ଅବସ୍ଥାରେ ରହିଛି। ବ୍ଲକ ଅଧୀନ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ପ୍ରସିଦ୍ଧ ଶୈବପୀଠ ଖଲାରେଶ୍ୱର ମନ୍ଦିରଠାରୁ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ବେଲମାଳ ମଠ ଯାଏ ୨ କି.ମି. ନଦୀବନ୍ଧଟି ଦୁର୍ବଳ ସହ ବିପଦସଙ୍କୁଳ ଅବସ୍ଥାରେ ରହିଛି। କେନ୍ଦ୍ରାପଡ଼ା ଜଳ ସମ୍ପଦ ବିଭାଗ ଅଧୀନରେ ଏହି ନଦୀବନ୍ଧ ରହିଛି।

ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ବେପରୁଆ ମନୋଭାବ ପାଇଁ ବନ୍ୟା ସମୟରେ ନଦୀବନ୍ଧରେ ଏହି ସ୍ଥାନରେ ଘାଇହେବାର ବହୁ ସମ୍ଭାବନା ସୃଷ୍ଟି କରିଥିବା ଅମ୍ବିକା ପ୍ରସାଦ ରଥ କହିଛନ୍ତି। ରଥଙ୍କ ସୂଚନା ଅନୁଯାୟୀ, ୨୦୧୧ରେ ହୋଇଥିବା ବଡ଼ଧରଣର ବନ୍ୟାରେ ବେଲମାଳ ମଠଠାରେ ଘଳିଆ ସୃଷ୍ଟି ହୋଇଥିଲା, ଯାହାକି ଏକ ବଡ଼ଧରଣର ଘାଇ ହୋଇ ବ୍ଲକ ଅଞ୍ଚଳର ୧୦ଟି ପଞ୍ଚାୟତରେ ବନ୍ୟା ଜଳ ପ୍ରବେଶ କରିଥାନ୍ତା। ତତ୍କାଳୀନ ବିଧାୟକ ବେଦପ୍ରକାଶ ଅଗ୍ରୱାଲଙ୍କ ଉପସ୍ଥିତିରେ ଜଳ ସମ୍ପଦ ବିଭାଗ ପକ୍ଷରୁ ପର୍ଯ୍ୟାପ୍ତ ପରିମାଣର



ଖଲାରେଶ୍ୱର ଶିବ ମନ୍ଦିରଠାରୁ ହରିଅଙ୍କର ବେଲମାଳ ମଠ ଯାଏ ୨ କିମି ଲୁଣା ନଦୀବନ୍ଧଟି ଦୁର୍ବଳ ଅବସ୍ଥାରେ ରହିଛି।

ବାଲିବସ୍ତା ପକାଇ ସୃଷ୍ଟି ହୋଇଥିବା ଘଳିଆକୁ ବନ୍ଦକରି ଦିଆଯାଇଥିଲା। ପରେ ଏହି ଦୁର୍ବଳ ଥିବା ନଦୀବନ୍ଧକୁ ମରାମତି ନାମରେ ନିମ୍ନମାନର କାର୍ଯ୍ୟ କରାଗଲା ବୋଲି ରଥ କହିଛନ୍ତି। ଅପରପକ୍ଷରେ ଲୁଣାନଦୀ ବନ୍ଧର ଦକ୍ଷିଣ ପାର୍ଶ୍ୱର ପାଣିଓଲା ଗ୍ରାମ ନିକଟରେ ଜଳ ସମ୍ପଦ ବିଭାଗ ପକ୍ଷରୁ ପଥର ପ୍ୟାକିଂ କରାଯିବା ଫଳରେ ନଦୀର ଜଳ ପ୍ରବାହ ପ୍ରଖର ହେବା ସହ ବାମପାର୍ଶ୍ୱ ନଦୀବନ୍ଧର ବେଲମାଳ ମଠ ନିକଟରେ ମାଡ଼ ହେଉଛି। ପରବର୍ତ୍ତୀ ଅବସ୍ଥାରେ ଏହି ଦୁର୍ବଳ ନଦୀବନ୍ଧର ସୁଦୃଢ଼ୀକରଣ କାର୍ଯ୍ୟରେ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଥିଲେ ମଧ୍ୟ ଅଞ୍ଚଳବାସୀଙ୍କ ପ୍ରତି ଥିବା ବିପଦ ଟଳି ନାହିଁ ବୋଲି ବିଜୟ ଦାସ କହିଛନ୍ତି। କେବଳ ଖଲାରେଶ୍ୱରଠାରୁ ବେଲମାଳ ମଠ ନୁହେଁ ଦାନପୁର ପଞ୍ଚାୟତ ଗହଗା ଘାଟଯାଏ ଏହି ନଦୀବନ୍ଧଟି ଜଳ ସମ୍ପଦ ବିଭାଗର ଦୃଷ୍ଟି ଆଢୁଆଳରେ ଥିବାରୁ ବନ୍ୟା ବିପତ୍ତିର ସମ୍ଭାବନା ଯଥେଷ୍ଟ ରହିଥିବା ଆରତ ଜେନା ଓ ପ୍ରଭାତ ଜେନା କହିଛନ୍ତି। ଦୁର୍ବଳ ନଦୀବନ୍ଧ ସାଙ୍ଗକୁ ବେଆଇନ ଭାବେ ଏହି ନଦୀବନ୍ଧରେ ଦୈନିକ ଶହଶହ ଟ୍ରିପ୍ ବାଲି ବୋଝେଇ ହାଇୱାର ଯାତାୟାତ କରୁଛି ; ଯାହାକି ବନ୍ଧକୁ ଆହୁରି ଦୁର୍ବଳ କରି ପକାଇଛି। ତେବେ ବେଆଇନ ଭାବେ ବାଲିଘାଟରୁ ବନ୍ଧ ଦେଇ ଯାଉଥିବା ହାଇୱା ସମ୍ପର୍କରେ ଡେରାବିଶ ତହସିଲଦାର ଅକ୍ଷୟ କୁମାର ପରିଡାଙ୍କୁ ପଚାରିବାରୁ ନଦୀରେ ଅଧିକ ଜଳ ଥିବାରୁ ବାଲି ଉତ୍ତୋଳନ ବନ୍ଦ ରହିଛି। ଖୁବ୍‌ଶୀଘ୍ର ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିବି ବୋଲି ସେ କହିଛନ୍ତି। କେନ୍ଦ୍ରାପଡ଼ା ଜଳ ସମ୍ପଦ ଅଧୀନରେ ଥିବା ଛତା ଉପଖଣ୍ଡ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ରାୟଙ୍କୁ ପଚାରିବାରେ

- ପ୍ରଶାସନ, ଜଳ ସମ୍ପଦ ବିଭାଗର ବେପରୁଆ ମନୋଭାବ
- ବନ୍ୟା ଆଶଙ୍କା ନେଇ ୧୦ ପଞ୍ଚାୟତବାସୀ ଆତଙ୍କିତ
- ତୁରନ୍ତ ନଦୀବନ୍ଧ ମରାମତି ଦାବିକଲେ ଅଞ୍ଚଳବାସୀ

ଏହି ନଦୀବନ୍ଧର ସୁଦୃଢ଼ୀକରଣ ପାଇଁ ଟିଏସି (ଟେକ୍ନିକାଲ୍ ଆଡଭାଇଜରି କମିଟି)କୁ ପ୍ରସ୍ତାବ ଦିଆଯାଇଛି। କମିଟି ଏହି ବନ୍ଧ ପାଇଁ ଅର୍ଥ ମଞ୍ଜୁର କଲେ ବର୍ଷାଦିନ ପରେ ବନ୍ଧ ମରାମତି କାର୍ଯ୍ୟ ଆରମ୍ଭ ହେବ। ତେବେ ବେଲମାଳ ମଠ ନିକଟରେ ଦୁର୍ବଳ ଥିବା ନଦୀବନ୍ଧ ପ୍ରତି ବିପଦ ଥିବା ବିଷୟରେ ପଚାରିବାରୁ ବର୍ତ୍ତମାନ ବିଭାଗୀୟ ସ୍ତରରେ ବନ୍ଧ କାର୍ଯ୍ୟ କରିବା ପାଇଁ ବ୍ୟବସ୍ଥା ନାହିଁ, ତେବେ କୌଣସିଠାରେ ନଦୀବନ୍ଧ ଦୁର୍ବଳ ନାହିଁ ବୋଲି ସେ କହିଛନ୍ତି। ତେବେ ଚଳିତବର୍ଷ ଆସିବାକୁ ଥିବା ବନ୍ୟା ଜଳ ପୂର୍ବରୁ ଯଦି ଦୁର୍ବଳ ନଦୀବନ୍ଧକୁ ମରାମତି କରା ନ ଯାଏ ଅଞ୍ଚଳବାସୀଙ୍କ ପକ୍ଷରୁ ଆନ୍ଦୋଳନ ତୀବ୍ର କରାଯିବ ବୋଲି ରଥ ଚେତାବନୀ ଦେଇଛନ୍ତି।

### ରାଜନଗର ବ୍ଲକ ବିଜେଡିର ପଞ୍ଚାୟତ ପର୍ଯ୍ୟବେକ୍ଷକ ନିଯୁକ୍ତି

ରାଜନଗର,୨୧।୭
( ଭାସ୍କର ରାଉତରାୟ)

ତୃଣମୂଳ ସ୍ତରରେ ବିଜେଡି ସଙ୍ଗଠନକୁ ମଜଭୁତ କରିବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଏବଂ ବିକାଶର ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳର ମନ୍ତ୍ରୀ, ବିଧାୟକ, ଏମ୍‌ପି ଓ କର୍ମକର୍ତ୍ତାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେନ୍ଦ୍ରାପଡ଼ା ଜିଲା ବିଜେଡି ପର୍ଯ୍ୟବେକ୍ଷକ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଜିଲାର ସମସ୍ତ ବିଧାୟକ ଓ କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେବା ପରେ ଦଳୀୟ କର୍ମକର୍ତ୍ତା ସକ୍ରିୟ ହୋଇଛନ୍ତି। ବିଧାୟକ ଧ୍ରୁବ ସାହୁଙ୍କ ପରାମର୍ଶକ୍ରମେ ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ ରାଜନଗର ବ୍ଲକର ବିଭିନ୍ନ ପଞ୍ଚାୟତରେ ବିଜେଡି ସଙ୍ଗଠନକୁ ଅଧିକ ସକ୍ରିୟ ଓ ମଜଭୁତ କରିବାକୁ ପଞ୍ଚାୟତସ୍ତରୀୟ ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛନ୍ତି। ୩ଟି ଜୋନର ଜୋନାଲ ଅବଜରଭର ଭାବେ ୩୦ ନଂ. ଜୋନରୁ ସୁରେନ୍ଦ୍ର ପ୍ରସାଦ ରାଉତ, ୩୧ନଂ. ଜୋନରୁ ନିରଞ୍ଜନ ରାଉତ, ୩୨ନଂ. ଜୋନରୁ ଲକ୍ଷ୍ମୀଧର ବାରିକଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିଭଳି ବ୍ଲକର ୨୯ଟି ପଞ୍ଚାୟତରେ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି।

# ପିଣ୍ଡାରୁ ଓହ୍ଲାଇଲେ କାଦୁଅ



ଏଣ୍ଡର ପଞ୍ଚାୟତ ମହାନ୍ତି ସାହି ରାସ୍ତାଟି କାଦୁରେ ଭର୍ତ୍ତି।

ଡେରାବିଶ, ୨୧।୭
(ବେବର୍ତ୍ତା ଅଜୟ ଦାସ)

ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ଗ୍ରାମ ମଧ୍ୟକୁ ରାସ୍ତା ନାହିଁ। ମୁନ୍ଦାଏ ବର୍ଷା ହେଲେ ସାହି ଭିତର ରାସ୍ତାଟି ପାଣି କାଦୁଅରେ ଭର୍ତ୍ତି ହୋଇଯାଉଛି। ଏଭଳି ଘଟଣା ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ ମହାନ୍ତି ସାହି ଗାଁ ୧୩ ନଂ. ୱାର୍ଡରେ। ଏହି ୱାର୍ଡରେ ଥିବା ୧୫ରୁ ଊର୍ଦ୍ଧ୍ୱ ପରିବାର ଅର୍ଦ୍ଧ ଶତାବ୍ଦୀରୁ ଊର୍ଦ୍ଧ୍ୱ ସମୟ ଧରି ସମସ୍ୟା ଭିତରେ ଥିବାବେଳେ ଏହି ଗାଁକୁ ରାସ୍ତାଟିଏ ନିର୍ମାଣ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ସରପଞ୍ଚଙ୍କଠାରୁ ଜିଲାପାଳଙ୍କ ଯାଏ ବାରମ୍ବାର ଗୁହାରି କଲେଣି। ହେଲେ ସେ ଦିଗରେ ପ୍ରଶାସନିକ ପଦକ୍ଷେପ ଶୂନ। ପିଣ୍ଡାରୁ ଓହ୍ଲାଇଲେ କାଦୁଅରେ ଗୋଡ଼

**ଏଣ୍ଡର ପଞ୍ଚାୟତ ୧୩ ନଂ. ୱାର୍ଡବାସୀଙ୍କ ପାଇଁ ରାସ୍ତା ସାଜିଛି ବାଧକ**

ପଡ଼େ। ଗାଁରୁ ବାହାରକୁ ଯିବାକୁ ହେଲେ କାଦୁଅ ମଧ୍ୟରେ ଚାଲି ଚାଲି ୫୦୦ ଫୁଟ ଯାଏ ଗଲେ ଗାଁ ରାସ୍ତାଟି ସଂଯୋଗ କରିଥିବା ୮ ନଂ. କେନାଲ ବନ୍ଧ ରାସ୍ତା ଦେଇ ବାହାରକୁ ଯିବାକୁ ପଡ଼େ। ଏଥିସହ ଯଦିଦି ଅସରା ବର୍ଷା ହୋଇଗଲା ଗ୍ରାମ ମଧ୍ୟରେ ଥିବା ପରିବାରର ସଦସ୍ୟମାନେ କେବଳ ଘର ଭିତରେ ଅଟକି ରହୁଅନ୍ତି ବୋଲି ପୂର୍ବତନ ସରପଞ୍ଚ ରଜନୀକାନ୍ତ ମହାନ୍ତି କହିଛନ୍ତି। ଗାଁରେ ରହୁଥିବା ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭକରି ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ପାଇଁ ଏହି ରାସ୍ତାଟି ବାଧକ ସାଜିଥିବା ରଜନୀକାନ୍ତ କହିଛନ୍ତି। ଏ ବିଷୟରେ ଜିଲାପାଳଙ୍କ ଜନଶୁଣାଣି ଶିବିରଠାରୁ ଆରମ୍ଭକରି ପଞ୍ଚାୟତରେ ଅନୁଷ୍ଠିତ ହେଉଥିବା ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ମଧ୍ୟ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ରାସ୍ତା ନିର୍ମାଣ ପାଇଁ ପ୍ରଶାସନିକ ଅଧିକାରୀଙ୍କ ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ରହିଯାଇଛି। କେବଳ ସେତିକି ନୁହେଁ , ଗାଁରେ କୌଣସି ପୁଅ କିମ୍ବା ଝିଅର ବିବାହ ଉତ୍ସବ ବେଳେ ଯଦି ବର୍ଷା ହୋଇଗଲା ତେବେ ଗାଁକୁ ଆସୁଥିବା ବର, ଗାଁରୁ ବାହାରୁଥିବା ବରକନ୍ୟାଙ୍କ ପାଇଁ ଏହି ରାସ୍ତାଟି ବିରାଟ ପ୍ରତିବନ୍ଧକ ସାଜିଥାଏ। ଏ ସମ୍ପର୍କରେ ବିଡିଓ ଦାସରଥି ଜେନାଙ୍କୁ ପଚାରିବାରେ ଏଭଳି ସମସ୍ୟା ଉପରେ ତାଙ୍କ ନିକଟରେ କୌଣସି ଖବର ନ ଥିଲା। ତେବେ ଖୁବ୍‌ଶୀଘ୍ର ସେ ଗ୍ରାମକୁ ଯାଇ ଅନୁଧ୍ୟାନ କରିବା ପରେ ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

### ମେଧାବୀ ଛାତ୍ର ଗୁଲ୍‌ସନଙ୍କୁ କେସିସିଏଲ୍ ପକ୍ଷରୁ ଆର୍ଥିକ ସହାୟତା

ଆଳି, ୨୧।୭ (ବନମାଳୀ ସେନାପତି )

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ସିଙ୍ଗିରି ପଞ୍ଚାୟତ ରାଉତା ଗ୍ରାମର ମେଧାବୀ ଛାତ୍ର ଗୁଲ୍‌ସନ ମଥାନଙ୍କୁ କେନ୍ଦ୍ରାପଡ଼ା କ୍ରେଡିଟ୍ କୋ ଅପରେଟିଭ ସୋସାଇଟି(କେସିସିଏଲ୍)ର ସଭାପତି ପ୍ରମୋଦ ସାହୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ଏହି ସହାୟତା ରାଶି ଆଳି ଶାଖା ପକ୍ଷରୁ ପ୍ରଦାନ କରାଯାଇଛି। ସୂଚନା ଅନୁଯାୟୀ, ରାଉତା ଗ୍ରାମର ସ୍ୱର୍ଗତ ଗଣେଶ୍ୱର ମଥାନଙ୍କ ପୁଅ ଗୁଲସନ ଚଳିତବର୍ଷ ଜେଇ ମେନ୍ ପରୀକ୍ଷାରେ ୯୮ ପ୍ରତିଶତ ମାର୍କ ରଖିଥିବା ବେଳେ ଉଚ୍ଚଶିକ୍ଷା ନିମନ୍ତେ ତାଙ୍କ ନିକଟରେ ଅର୍ଥ ନ ଥିଲା। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ହେବା ପରେ କେସିସିଏଲ୍‌ର ସଭାପତି ସାହୁ ବୁଧବାର ସକାଳେ ଗୁଲ୍‌ସନଙ୍କ ନିକଟରେ ପହଞ୍ଚି ତାଙ୍କ ପାଠପଢ଼ା ବିଷୟରେ ଆଲୋଚନା କରିଥିଲେ। ଏଥିସହ ଗୁଲ୍‌ସନଙ୍କ ମା’ ଓ ଆଳି ଶାଖା ପରିଚାଳକ ନିଗମ ସୁନ୍ଦରରାୟଙ୍କ ଉପସ୍ଥିତିରେ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ଦେଇଥିଲେ। ଏହି ସମୟରେ ତୁଷାର ଜେନା, ଅଞ୍ଜନ ମଲ୍ଲିକ ଓ ଚିରଞ୍ଜୀବି ପଲାଇ ପ୍ରମୁଖ ଉପସ୍ଥିତ ଥିଲେ।

### ଜମ୍ବୁ-ମାର୍ଶାଘାଇ କେନାଲ ରାସ୍ତାକୁ କ୍ୟାବିନେଟ ମଞ୍ଜୁରୀ

ମାର୍ଶାଘାଇ,୨୧।୭
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ )

କେନ୍ଦ୍ରାପଡ଼ା ଜିଲାର ମାର୍ଶାଘାଇ-ଜମ୍ବୁ କେନାଲ ୨୪ କିମି ରାସ୍ତାର ପ୍ରଶସ୍ତୀକରଣ ଓ ଦୃଢ଼ୀକାରଣ ପାଇଁ ରାଜ୍ୟ କ୍ୟାବିନେଟରେ ଅନୁମୋଦନ ମିଳିଛି। ଏହାକୁ ନେଇ ଶୁକ୍ରବାର ସନ୍ଧ୍ୟାରେ ମାର୍ଶାଘାଇ ଜଳ ନିକାଶନ ବଙ୍ଗଳା ପରିସରରେ ମାର୍ଶାଘାଇ, ମହାକାଳପଡ଼ା ଓ ପଟ୍ଟାମୁଣ୍ଡାଇ ବ୍ଲକର ବିଜେଡି ନେତୃବୃନ୍ଦ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ସମବାୟ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସେମାନେ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି ଯେ, ଏହି ସଡ଼କ ପ୍ରକଳ୍ପ ମାର୍ଶାଘାଇଠାରୁ ଗୋବରୀ ନଦୀ ନିକଟ ଜମ୍ବୁ ପର୍ଯ୍ୟନ୍ତ ୨୪ କିମି ରାସ୍ତା ୨ ଥାକିଆ ହେବ। ପାରାଦୀପ, ହୁକିଟୋଲା ଓ ଲାଇଟ ହାଉସକୁ ଯିବା ପାଇଁ ନିକଟସ୍ଥ ପଟ୍ଟାମୁଣ୍ଡାଇ, ରାଜନଗର, ମହାକାଳପଡ଼ା ଓ ମାର୍ଶାଘାଇ ବ୍ଲକର ଲୋକମାନେ ଏହ ରାସ୍ତା ଉପରେ ନିଭରଶୀଳ। ଏହି ରାସ୍ତାର ଉନ୍ନତ କରଣ ଯୋଗୁ ଟ୍ରାଫିକ ସମସ୍ୟାକୁ ହ୍ରାସ ସହ କେନ୍ଦ୍ରାପଡ଼ା ଜିଲାର ଆର୍ଥିକ ବିକାଶ ଘଟଇବ। ଏହି ରାସ୍ତା ନିର୍ମାଣ ପାଇଁ ୧୦୪ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ୨୧ ମାସ ମଧ୍ୟରେ କାର୍ଯ୍ୟ ଶେଷ ପାଇଁ ଲକ୍ଷ୍ୟ ରଖା ଯାଇଛି। ସମ୍ମିଳନୀରେ ମାର୍ଶାଘାଇ ବ୍ଲକ ଅଧକ୍ଷା ମଧୁସ୍ମିତା ସାମଲ, ମହାକାଳପଡ଼ା ବ୍ଲକ ଅଧକ୍ଷା କଳ୍ପନା ରାଉତ, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପଟ୍ଟାମୁଣ୍ଡାଇ ପୌରପାଳିକା ଅଧକ୍ଷ ହେମନ୍ତ ସାହୁ, ମାର୍ଶାଘାଇ ବ୍ଲକ ବିଜେଡି ସଭାପତି ସଞ୍ଜୟ ଲେଙ୍କା, ଜିଲା ବିଜୁ କୃଷକ ସେଲ ଅଧକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଜିଲା ଉପସଭାପତି ଗଙ୍ଗାଧର ପରିଡା, ଜିଲା ପରିଷଦ ସଭ୍ୟ ପ୍ରତାପ ମଲିକ, ବିଜୟ ଜେନା, ଶର୍ମିଷ୍ଠା ନାୟକ, ସୁରଭି ଜେନା ଓ ଅଶୋକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ ବିଜେଡିର ନେତାମାନେ।

# ଶୌଚାଳୟ ଗୋଟେ ପାଖରେ ତାଲା, ଅନ୍ୟପଟେ ମେଲା

କେନ୍ଦ୍ରାପଡ଼ା, ୨୧।୭(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ଶୌଚାଳୟ ଗୋଟେ ପାଖରେ ତାଲା ପଡିଥିବା ବେଳେ ଅନ୍ୟ ପଟେ ମେଲା ପଡ଼ିଛି। ବ୍ଲକର ୨୯ଟି ପଞ୍ଚାୟତରୁ ସବୁଦିନ ବିଭିନ୍ନ ପଞ୍ଚାୟତରୁ ଲୋକମାନେ ଭିନ୍ନ ଭିନ୍ନ କାର୍ଯ୍ୟ ନେଇ ବ୍ଲକ କାର୍ଯ୍ୟାଳୟକୁ ଆସିଥାନ୍ତି। ସେମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ବ୍ଲକ ପରିସରରେ ମହିଳାପୁରୁଷମାନଙ୍କ ପାଇଁ ଶୌଚାଳୟ କରାଯାଇଛି। ହେଲେ ଏହି ଶୌଚାଳୟର ଦୃଶ୍ୟ ଦେଖିଲେ ଯେ କେହି ଆଶ୍ଚର୍ଯ୍ୟ ହେବେ। ବ୍ଲକ ପରିସରରେ ଥିବା ଶୌଚାଳୟ ଭିତରେ କୁଢ କୁଢ ମଦ ବୋତଲ ଗଡିବା ସହ ଦୁର୍ଗନ୍ଧରେ ନାକ




ପ୍ରଶାସନିକ ଅଧିକାରୀ ବ୍ୟବହାର ପାଇଁ ଶୌଚାଳୟକୁ ତାଲା ପକାଇ ରଖିଛନ୍ତି।

ଫାଟି ପଡୁଛି। ଶୌଚାଳୟ ସାମ୍ନାରେ ଥିବା ଅନ୍ୟ ଏକ ଶୌଚାଳୟରେ ତାଲା ଝୁଲୁଛି। ଏଥିରୁ ସ୍ପଷ୍ଟ ବାରି ହୋଇ ପଡୁଛି କି, ଖୋଲାଥାଇ ମଦ ବୋତଲ ଗଡୁଥିବା ଶୌଚାଳୟଟି ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଥିବାବେଳେ ଅନ୍ୟଗୁଡ଼ିକ ସରକାରୀ ବାବୁମାନଙ୍କ ପାଇଁ ସୁରକ୍ଷିତ ରଖାଯାଇଛି। ସବୁଠୁ ବଡ଼କଥା ହେଉଛି ରାଜ୍ୟ ସରକାର ଲୋକଙ୍କ ସୁବିଧା ପାଇଁ ଅର୍ଥ ବ୍ୟୟ କରୁଛନ୍ତି। ହେଲେ ଏଠାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଯଦି ଲୋକମାନେ ସୁବିଧା ପାଇବା ବଦଳରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ତେବେ ଏଠି ଏ ଶୌଚାଳୟ କାହା ଉଦ୍ଦେଶ୍ୟରେ କରା ଯାଇଛି। ଏ ସମ୍ପର୍କରେ ବିଡିଓ ରବିନାରାୟଣ ଆଚାର୍ଯ୍ୟଙ୍କୁ ପଚାରିବାରେ କ’ଣ ହୋଇଛି କ’ଣ ନାହିଁ ତଦନ୍ତ କଲା ପରେ ପଦକ୍ଷେପ ନେବେ ବୋଲି ସେ କହିଛନ୍ତି ।



ଖୋଲା ପଡ଼ିଥିବା ଶୌଚାଳୟ ମଦ ବୋତଲ, ଆବର୍ଜନାରେ ପୂର୍ଣ୍ଣ।

# ଧାନମଣ୍ଡି ପଞ୍ଜୀକରଣ ପାଇଁ ପ୍ରଶାସନର ତତ୍ପରତା

## କ୍ଷେତରେ ପାଣି ନାହିଁ

କେନ୍ଦ୍ରାପଡ଼ା, ୨୧।୭(ଜଗନ୍ନାଥ ଧଳ)

ଶ୍ରାବଣ ମାସ ଅଧା ହେଲାଣି ଧାନ କ୍ଷେତରେ ପାଣି ନାହିଁ, ତଳି ମାଟିରୁ ଉଠିପାରୁନି। ମାଟି କାଦୁଅ ହେଉନି, ଚାଷ ଜମିକୁ ଚାଷୀ ଯିବାକୁ ଇଚ୍ଛା କରୁନାହାନ୍ତି। ଯେତିକି ଚାଷୀଙ୍କ ତଳି ରୁଆ ପାଇଁ ହୋଇଥିଲା ତାହା ପୁଣି ଧୀରେ ଧୀରେ ମଉଳିବାକୁ ବସିଲାଣି। କେନାଲରେ ପାଣି ନାହିଁ ଧାନ କ୍ଷେତ ଫାଟି ଆଁ କରିଛି। ଚାଷୀ ମୁଣ୍ଡରେ ହାତ ଦେଇ ବସିଥିବା ବେଳେ ଏବେ ସମବାୟ ବିଭାଗ ଖରିଫ ଧାନମଣ୍ଡି ପାଇଁ ପଞ୍ଜୀକରଣ କରିବାକୁ ଚାଷୀଙ୍କୁ ଭେଳକି ଲଗାଉଛନ୍ତି ବୋଲି ଚାଷୀମାନେ ଅଭିଯୋଗ କରୁଛନ୍ତି।

କୃଷକ ନେତା ବିଜୟ ଦାସ କହିଛନ୍ତି, ପଟ୍ଟାମୁଣ୍ଡାଇର ଉଡିକଣ ଭେଡ଼ା ଆମ ଅଞ୍ଚଳର ଭାତହାଣ୍ଡି। ମାତ୍ର ଚଳିତବର୍ଷ ମୌସୁମୀ ବର୍ଷାର ଲୁଚକାଳି ଖେଳ ସାଙ୍ଗକୁ କେନାଲ ପାଣି ନ ଦେବା ଚାଷୀଙ୍କ ଚିନ୍ତା ବଢ଼ାଇ ଦେଲାଣି। ମାତ୍ର ସମବାୟ ସମିତି ଏବେ ଖରିଫ ଧାନ ବିକ୍ରି ପାଇଁ ପଞ୍ଜୀକରଣ ନିମନ୍ତେ ତତ୍ପରତା ଦେଖାଉଛନ୍ତି। ଚାଷ କାର୍ଯ୍ୟ ପାଇଁ ତରତର ଚାଷୀ ଏ ପଞ୍ଜୀକରଣ ଭେଳିକିରେ ସମୟ ଦେବ ବା କେମିତି ବୋଲି ସେ ପ୍ରଶ୍ନ କରିଛନ୍ତି। ଚାଷୀ ସହଦେବ ଦାସ କହିଛନ୍ତି,



ପଟ୍ଟାମୁଣ୍ଡାଇରେ ପାଣି ଅଭାବରୁ କାଦୁଅ ହୋଇଥିବା ଜମିରେ ଧାନ ତଳୁ ରୁଆ ହୋଇ ପାରି ନ ଥିବା ବେଳେ ଅନ୍ୟ କ୍ଷେତ ପଡ଼ିଆ ପଡ଼ିଛି।

ଚଳିତବର୍ଷର ଖରିଫ ଚାଷ ପାଇଁ ଚାଷୀ ତଳି ପକାଇ ବର୍ଷାକୁ ଅପେକ୍ଷା କରିଛନ୍ତି। ଅନେକ ସ୍ଥାନରେ ତଳି ନଷ୍ଟ ହୋଇ ପୁଣି ତଳି ପକାଯାଉଛି। ଚାଷୀ ଜମିରେ ଧାନ ବୁଣି ଦେଇଛନ୍ତି। କିଛିଦିନ ଅଳ୍ପ ବର୍ଷା ହେବା ଯୋଗୁ କେତେକ ଜମିରେ ତଳି ପୁଣି ଜୀବନ ଫେରି ପାଇବା ଭଳି ଦେଖାଦେଇଛି। ଶୁଣାଯାଉଛି ପଟ୍ଟାମୁଣ୍ଡାଇ କେନାଲରେ ପାଣି ଛଡ଼ା ହୋଇଛି। ମାତ୍ର ଗୋବାରୀ ସମ୍ପ୍ରସାରିତ କେନାଲରେ ପହଞ୍ଚି ନାହିଁ। ଦିନେ କି ଦୁଇଦିନ ପରେ ପାଣି ପହଞ୍ଚିବ। ଚାଷୀ କ୍ଷେତ କାର୍ଯ୍ୟରେ ଲାଗିପଡ଼ିବ ନାଁ ଧାନ ବିକ୍ରି ଲାଗି ପଞ୍ଜୀକରଣ କରିବାକୁ ସମବାୟ ସମିତି ଦୌଡ଼ିବ। ଚାଷୀ ଦାଶରଥି ସାହୁ କହିଛନ୍ତି, ଶ୍ରାବଣରେ ଜମି ଫାଟି ଆଁ କରିଛି। ନିଅଣ୍ଟିଆ ବର୍ଷା ସାଙ୍ଗକୁ ପଟ୍ଟାମୁଣ୍ଡାଇ କେନାଲରେ ପାଣି ଆସୁନାହିଁ। ପାଖାପାଖି ୪୦ ପ୍ରତିଶତ ଜମିରେ ଏଯାଏ ଧାନ ଚାଷ ଆରମ୍ଭ ହୋଇପାରିନାହିଁ। ଯେଉଁଠି ବି ତଳି ଉଠିଛି ହଳଦିଆ ପଡ଼ି ଗଲାଣି। ପୂର୍ବବର୍ଷଗୁଡ଼ିକରେ ଜୁନରେ ଧାନତଳି ରୁଆ ଉପଯୋଗୀ ହୋଇ ଯାଉଥିଲା। ଜୁଲାଇ ଶେଷ ଅଗଷ୍ଟରେ ରୁଆପୋତା କାର୍ଯ୍ୟ ସରି ଯାଉଥିଲା। ଏ ବର୍ଷ ଅଞ୍ଚଳରେ ରୁଆପୋତା କଥା ଛାଡନ୍ତୁ ଆବଶ୍ୟକ ତଳି ପଡ଼ି ପାରିନାହିଁ। କୃଷି ବିଭାଗ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ ନ କରି ଆରାମରେ କାର୍ଯ୍ୟାଳୟରେ ଆସି ସମୟକୁ ଅପେକ୍ଷା କରୁଛନ୍ତି। କେତେବେଳେ ସମୟ ହେବ ଘରକୁ ପଳେଇବେ। ଗୋଟିଏ ପଟେ ଚାଷୀ ଚାଷ କାର୍ଯ୍ୟ ପାଇଁ ମୁଣ୍ଡରେ ହାତ ଦେଇ ଚିନ୍ତାରେ ରହିଥିବା ବେଳେ ଆଉ ଗୋଟିଏ ପଟେ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ରରେ ଧାନମଣ୍ଡିରେ ନାମ ପଞ୍ଜୀକରଣ କରିବାକୁ କୁହାଯାଉଛି। ପ୍ରଶାସନ କ୍ଷେତରେ ଧାନ ଗଛ ଦେଖିନାହିଁ ଏଭଳି ସ୍ଥିତିରେ ନାମ ପଞ୍ଜୀକରଣ କଣ କରିବ ସେହି ଚିନ୍ତା ଏବେ ଘାରିଛି। ସୁଚନାନୁଯାୟୀ, ପ୍ରଶାସନ ପକ୍ଷରୁ ଚଳିତ ଆର୍ଥିକ ବର୍ଷ ଖରିଫ ଚାଷ ୨୦୨୩-୨୪ ପାଇଁ ୧୫ ଜୁଲାଇଠାରୁ ଧାନ ମଣ୍ଡିରେ ନାମ ପଞ୍ଜୀକରଣ ଆରମ୍ଭ ହୋଇଯାଇଛି। ଯାହା ଆସନ୍ତା ଅଗଷ୍ଟ ୧୬ ଯାଏ ଚାଲିବ। ସମବାୟ ସମିତି ଦ୍ୱାରା ଧାନ କ୍ରୟ କରିବାର ବ୍ୟବସ୍ଥା କରାଯାଇଛି। ତେଣୁ ଚାଷୀଙ୍କୁ ସେଠାରେ ଯାଇ ଧାର୍ଯ୍ୟ ସମୟ ମଧ୍ୟରେ ନିଜର ନାମ ପଞ୍ଜୀକରଣ କରିବାକୁ କୁହାଯାଇଛି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକରୀ ପ୍ରଶାନ୍ତ ଗନ୍ତାୟତଙ୍କୁ ପଚାରିବାରେ ବର୍ତ୍ତମାନ ରଜ୍ୟ ସରକାର ସ୍ଥିର କରିଥିବା ସମୟ ସୀମା ମଧ୍ୟରେ ଚାଷୀ ଧାନ ବିକ୍ରି କରିବା ନିମନ୍ତେ ନାମ ପଞ୍ଜୀକରଣ କରିବାକୁ ପଡ଼ିବ। ଯଦି ସେପରି କିଛି ଅସୁବିଧା ଜଣାପଡ଼େ ତାରିଖ ଅବଧି ବଢ଼ାଇ ଦିଆଯାଇ ପାରେ ବୋଲି ସେ କହିଥିଲେ।

## ସଂକ୍ଷେପରେ

### ବିପଦସଙ୍କୁଳ ବିଦ୍ୟୁତ୍ ଖୁଣ୍ଟ ପ୍ରତି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ପଡୁ



**ଖଣ୍ଡପଡ଼ା,୨୧।୭(ଅଜୟ କୁମାର ମହାରଣା):** ଖଣ୍ଡପଡା ସହରର ଜନ ଗହଳିପୂର୍ଣ୍ଣ ରଥଗଡ଼ା ଛକ ରାସ୍ତାପାର୍ଶ୍ୱରେ ଅବସ୍ଥିତ ଏକ ପୁରୁଣା ଲୁହା ବିଦ୍ୟୁତ୍ ଖଣ୍ଟ ବିପଦ ଶଙ୍କୁଳ ଅବସ୍ଥାରେ ରହିଛି। କାଳକ୍ରମେ କଳଙ୍କି ଲାଗି ବିଦ୍ୟୁତ ଖୁଣ୍ଟର ମୂଳ ନଷ୍ଟ ହୋଇଯାଇଛି। ଏବେ ବିଦ୍ୟୁତ୍ ଖୁଣ୍ଟଟି ନିକଟରେ ଥିବା ଏକ ଜଳଖିଆ ଦୋକାନର ଛାତ ଉପରକୁ ଢଳି ରହିଛି। ଏହି ବିଦ୍ୟୁତ ଖୁଣ୍ଟ ଯୋଗୁ ନିକଟ ଭବିଷ୍ୟତରେ ଅଘଟଣ ଘଟିବାର ଆଶଙ୍କା ରହିଛି। ବିଦ୍ୟୁତ ବିତରକ କମ୍ପାନୀ(ଟିପିସିଓଡିଏଲ) କର୍ତ୍ତୃପକ୍ଷ ଉକ୍ତ ବିଦ୍ୟୁତ ଖୁଣ୍ଟ ପ୍ରତି ଦୃଷ୍ଟି ଦେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଖଣ୍ଡପଡ଼ା ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଆଦିତ୍ୟ କୁମାର ଦାଶଙ୍କୁ ପଚାରିବାରେ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି ସେ କହିଛନ୍ତି।

### ମୁକୁଳା ପଡିଛି ଟ୍ରାନ୍ସଫର୍ମର, ବିଦ୍ୟୁତ୍ ଆଘାତରେ ବଳଦ ମୃତ

**ଦଶପଲ୍ଲା, ୨୧।୭ (ପ୍ରକାଶ କୁମାର ପାଣି):** ଦଶପଲ୍ଲା ବ୍ଲକ କୁଲୁରୁକୁମ୍ପା ପଞ୍ଚାୟତ ଜାମୁସାହି ହାଇସ୍କୁଲ ନିକଟରେ ଥିବା ଏକ ମୁକୁଳା ଟ୍ରାନ୍ସଫର୍ମରରେ ଲାଗି ଗୁରୁବାର ସନ୍ଧ୍ୟାରେ ଗୋଟିଏ ବଳଦର ମୃତ୍ୟୁ ଘଟିଛି। ବଳଦ ମୃତ୍ୟୁ ସମ୍ପର୍କରେ ଗ୍ରାମବାସୀ ବିଦ୍ୟୁତ ବିଭାଗକୁ ଅବଗତ କରାଇଥିଲେ। ଏହି ମୁକୁଳା ଟ୍ରାନ୍ସଫର୍ମର ନିକଟରେ ଜାମୁସାହି ହାଇସ୍କୁଲର ବହୁ ଛାତ୍ରୀଛାତ୍ର ଚଳପ୍ରଚଳ କରୁଥିବାବେଳେ, ଖେଳପଡିଆ ଟି ପାଖରେ ଥିବାରୁ ଛୋଟଛୋଟ ପିଲାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ମୃତ ବଳଦର ମାଲିକ ପାର୍ବତୀ ନାଏକ ଜଣେ ଅସହାୟ ଗରିବ, ନିରାଶ୍ରୟ ମହିଳା ହୋଇଥିବାବେଳ ତାଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ସ୍ଥାନୀୟ ବାସିନ୍ଦାମାନେ ଦାବି କରିଛନ୍ତି।

### ବନ୍ଧୁକ ଦେଖାଇ ୨ ଭାଇଙ୍କୁ ଉଠାଇନେଲେ ଦୁର୍ବୃତ୍ତ

**ଗଞ୍ଜାମ,୨୧।୭(ବିଦ୍ୟାଧର ସାହୁ):** ଗଞ୍ଜାମ ଥାନା ଅଧିନ ପୁଇଁତୋଳା ଛକର ଏକ ଢ଼ାବା ନିକଟରେ ଚା'ପାନ ଦୋକାନ କରିଥିବା ୨ ଦୁଇଭାଇ କୃଷ୍ଣ ଚନ୍ଦ୍ର ସାହୁ ଏବଂ ପଞ୍ଚୁ ସାହୁଙ୍କୁ ଶୁକ୍ରବାର ରାତିରେ କେହି ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଉଠାଇ ନେଇଛନ୍ତି। ଦୁଇଟି କାରରେ ପ୍ରାୟ ୨ ଜଣ ଦୋକାନ ପାଖକୁ ଆସି କେହି କିଛି ବୁଝିବା ପୂର୍ବରୁ ବନ୍ଧୁକ ଦେଖାଇ ୨ଭାଇଙ୍କୁ ଗାଡ଼ିରେ ନେଇଯାଇଛନ୍ତି। ଏ ନେଇ ପରିବାର ଲୋକେ ତୁରନ୍ତ ଗଞ୍ଜାମ ଥାନାରେ ଅଭିଯୋଗ କରିଥିଲେ। ଅନ୍ୟପଟେ ଏହାକୁ ବିରୋଧ କରି ଅନ୍ୟ ଦୋକାନୀମାନେ ୧୬ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡି ମୋଟର ଅଟକି ରହିଛି। ଖବରପାଇ ଗଞ୍ଜାମ ଥାନା ଆଇଆଇସି ସନ୍ତୋଷ କୁମାର ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପୋଲିସ ଆସିବା ପରେ ସ୍ଥାନୀୟ ଅଞ୍ଚଳବାସୀ ପ୍ରବଳ ହୋହଲା କରିଥିଲେ।

### କର୍ମସଂସ୍ଥାନ କର୍ମଶାଳା

**ଆସିକା,୨୧।୭(ସୁରେନ୍ଦ୍ରନାଥ ସାହୁ):** ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ଶୁକ୍ରବାର ଯୋଗ୍ୟତା ନିରୂପଣ ଓ କର୍ମସଂସ୍ଥାନ କର୍ମଶାଳା ଅନୁଷ୍ଠିତ ହୋଇଥିଲା। କଲେଜ ଅଧ୍ୟକ୍ଷ ଡ. ଜିବାନନ୍ଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାର୍ଯ୍ୟକ୍ରମ ଉପଦେଷ୍ଟା ଡ. ସନ୍ତୋଷ କୁମାର ଚୌଧୁରୀ, ବିଶ୍ୱ ବ୍ୟାଙ୍କ ପ୍ରକଳ୍ପର ଉପଦେଷ୍ଟା ପ୍ରଫେସର ବିଘ୍ନରାଜ ପାଢ଼ୀ, ଏକ ଘରୋଇ ଅର୍ଥଲଗାଣକାରୀ ସଂସ୍ଥାର ମାନବ ସମ୍ବଳ ଅଧିକାରୀ ସୁବାସ ଚନ୍ଦ୍ର ରାଓ ପ୍ରମୁଖ ଯୋଗ ଦେଇ ଛାତ୍ରୀଛାତ୍ର ଶିକ୍ଷା ପରେ ସେମାନଙ୍କ ଯୋଗ୍ୟତା ମୁତାବକ ଆତ୍ମନିର୍ଭରଶୀଳ ଯୋଜନାରେ ରହିଥିବା କର୍ମ ସଂସ୍ଥାନ ସମ୍ପର୍କରେ ଆଲୋଚନା କରିଥିଲେ।

# ୨ ବର୍ଷ ହେଲା ଗଛମୂଳେ ପଢ଼ୁଛନ୍ତି ଶିଶୁ

## ରାଜକନିକା ବ୍ଲକ ଖୁଣ୍ଟା ଅଙ୍ଗନୱାଡି କେନ୍ଦ୍ର

**କେନ୍ଦ୍ରାପଡ଼ା, ୨୧।୭(ଜଗନ୍ନାଥ ଧଳ)**

ଶିଶୁମାନେ ଅଙ୍ଗନୱାଡି କେନ୍ଦ୍ରକୁ ଆକୃଷ୍ଟ ହୋଇ ପାଠ ପଢ଼ିବାକୁ ଯିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା କରୁଛନ୍ତି। ଅର୍ଥ ଖର୍ଚ୍ଚ କରି ସ୍ମାର୍ଟ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କରାଯାଉଛି। ହେଲେ କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଖୁଣ୍ଟା ଅଙ୍ଗନୱାଡି କେନ୍ଦ୍ରରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ଏହି କେନ୍ଦ୍ର ୨ବର୍ଷ ହେବ ଗଛମୂଳେ ଚାଲିଛି। ଏଠାରେ ଶିଶୁମାନେ ପାଠ ପଢ଼ିବା ସହ ମଧ୍ୟାହ୍ନଭୋଜନ କରୁଛନ୍ତି।

ସୂଚନାଯୋଗ୍ୟ, ଖୁଣ୍ଟା ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ୩ ବର୍ଷ ତଳୁ ଭାଙ୍ଗିଗଲାଣି। ଏହି ଭଙ୍ଗା ଘରେ ବର୍ଷେ ଅଙ୍ଗନୱାଡି କେନ୍ଦ୍ର ଚାଲିଥିଲା। ୨ବର୍ଷ ତଳେ ଏହି ଗୃହ ଛାତ ଫାଟି ସିମେଣ୍ଟ ପ୍ଲାଷ୍ଟର ଗଳୁଛି। କାନ୍ଥ ଫାଟି ଆଁ କରିଛି। ଏପଟେ ଶ୍ରେଣୀ ଗୃହ କବାଟ ଖୋଲୁନି ୨ ବର୍ଷ ହେବ। ଘରଟି ସମ୍ପୂର୍ଣ୍ଣ ବିପଦ ସଙ୍କୁଳ ଅବସ୍ଥାରେ ଥିବାରୁ ସେଠାକୁ କୋମଳମତି ଶିଶୁମାନଙ୍କୁ ଛାଡ଼ିବାକୁ ଅଭିଭାବକମାନେ ଭୟ କରୁଛନ୍ତି। ଫଳରେ ୨ ବର୍ଷ ହେବ ଗଛ ମୂଳରେ ଶିଶୁମାନଙ୍କର ଅଙ୍ଗନୱାଡି କେନ୍ଦ୍ର ଚାଲୁଥିବା ଖୁଣ୍ଟା ଗ୍ରାମବାସୀ କହିଛନ୍ତି। ଏହି ଗଛମୂଳେ ଖରା, ବର୍ଷା ଓ ଶୀତରେ ୩୫ ଜଣ ଶିଶୁ ପାଠ ପଢ଼ୁଛନ୍ତି। ଯଦି ବର୍ଷା ହୁଏ ତେବେ ଓଦା ହୋଇ ଶିଶୁମାନେ ପାଖରେ ଥିବା ସ୍କୁଲ ବାରଣ୍ଡାକୁ ଦୌଡ଼ିଥାନ୍ତି। ଦୌଡ଼ି ଯିବା ବାଟରେ ମଧ୍ୟ କିଛି ଶିଶୁ ଆହତ ହେଉଥିବା ଅଭିଭାବକ ଅସନ୍ତୋଷ ପ୍ରକାଶ କରିବା ସହ ଅଭିଯୋଗ ଆଣିଛନ୍ତି। ଯଦି କେବେ ସକାଳୁ ବର୍ଷା ହେଲା ସେଦିନ ଅଙ୍ଗନୱାଡି କେନ୍ଦ୍ରର ପାଠ ପଢ଼ା ବନ୍ଦ ରହିଥାଏ। ଗଛ ମୂଳରେ ପାଠ ପଢୁଥିବା ସମୟରେ ଗଛରୁ ପକ୍ଷୀ ମଳ ପଡ଼ିବା ସହ ସାପ ଗଳୁ ଥିବା ଅଭିଭାବକ ସୁବାସ ଚନ୍ଦ୍ର ମଲିକ, କୈଳାସ ମଲିକ, କଲ୍ୟାଣୀ ନାୟକ, କବିତା ମଲିକ, କୁସୁମ ଦାସ, ମନୋରମା ପଢ଼ିହାରୀ, ସରସ୍ୱତୀ ନାୟକ, ମୁରଲୀ ଧର ବିଶ୍ୱାଳ, ରମେଶ ଚନ୍ଦ୍ର ଜେନା, କନକଲତା ନାୟକ, ମନୋରମା ନାୟକ, ମମତା ନାୟକ, ରେବତୀ ନାୟକ, ପ୍ରିୟଙ୍କା ପଢ଼ିହାରୀ, ସୁଶୀଳା ନାୟକ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଆମେ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କେହି ଆମକଥା ଶୁଣୁନାହାନ୍ତି। ଯଦି ତୁରନ୍ତ ଅଙ୍ଗନୱାଡି କେନ୍ଦ୍ର ଗୃହ ଯୋଗାଇ ଦିଆ ନ ଯାଏ ତେବେ ଆମେ ରାସ୍ତାକୁ ଓହ୍ଲାଇବୁ ବୋଲି ଅଭିଭାବକମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଅଙ୍ଗନୱାଡି କର୍ମୀ ଦମୟନ୍ତୀ ରାଉତଙ୍କୁ ପଚାରିବାରେ ଦୀର୍ଘ ୨ ବର୍ଷ ହେବ କେନ୍ଦ୍ରର ଗୃହ ସମ୍ପୂର୍ଣ୍ଣ ଭାଙ୍ଗି ଗଲାଣି, ଛାତ ଫାଟି ସିମେଣ୍ଟ କଂକ୍ରିଟ ଖଣ୍ଡ ଖସୁଛି। ଘରେ ସାପ, କବାଟ ଖୋଲୁନି, ଘର ଛାତ ଦାବିଯାଇଛି। ଏ ସମ୍ପର୍କରେ ସୁପରଭାଇଜର ଓ ସିଡିପିଓଙ୍କୁ ବାରମ୍ବାର ଜଣାଇଥିଲେ ବି କେହି ଶୁଣୁନାହାନ୍ତି। ଯଦି କେନ୍ଦ୍ର ବାରଣ୍ଡାରେ ଶିଶୁମାନଙ୍କୁ ପାଠ ପଢ଼ାଇବି ଛାତ ଭାଙ୍ଗି ପଡ଼ିଲେ କେତେବେଳେ କାହାର ଜୀବନ ଚାଲିଯିବ। ସେଥିପାଇଁ ୨ ବର୍ଷ ହେବ ଗଛ ମୂଳରେ ଶିଶୁମାନଙ୍କୁ ନେଇ ପାଠ ପଢ଼ାଉଛି। ଏ ସମ୍ପର୍କରେ ସିଡିପିଓ ମିଲିମିତା ପଣ୍ଡାଙ୍କୁ ପଚାରିବାରେ ଅଳ୍ପ ଦିନ ହେବ ରାଜକନିକା ବ୍ଲକରେ କାର୍ଯ୍ୟରେ ଯୋଗ ଦେଇଛି। ଏ ସମ୍ପର୍କରେ ଆପଣଙ୍କଠାରୁ ଜାଣିଲି। କ'ଣ ହେଇଛି ବୁଝିବା ପରେ ଯାହା କିଛି ପଦକ୍ଷେପ ଗ୍ରହଣ କରିବି ବୋଲି ସେ କହିଛନ୍ତି।

# ଚକ୍ରଧରପ୍ରସାଦରେ ଚାରା ରୋପଣ



ଗାଁର ଯୁବକମାନେ ଚାରା ରୋପଣ କରିବାକୁ ଯାଉଛନ୍ତି।

**ଭାପୁର,୨୧।୭ (ଭରତ କୁମାର ବେହେରା)**

ଭାପୁର ବ୍ଲକର ପ୍ରଗତି ଫାଉଣ୍ଡେଶନ ପକ୍ଷରୁ ଚକ୍ରଧରପ୍ରସାଦ ପଞ୍ଚାୟତରେ ବ୍ୟାପକ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତର ଉତ୍ସାହି ଯୁବଗଣ ନିକଟସ୍ଥ ଦୁର୍ଗାପୁର ସ୍ଥାୟୀ ନର୍ସରୀରୁ ଶାଳ, ଶିଶୁ, ଅଁଳା, ହରିଡ଼ା, କୃଷ୍ଣଚୂଡ଼ା, କଦମ୍ବ, ନିମ୍ବ, ବରଗଛ ଆଦି ଚାରା ଆଣି ଚକ୍ରଧରପ୍ରସାଦ ପଞ୍ଚାୟତରୁ ରାଜସୁନାଖଳା ଦେଇ ଯାଇଥିବା ରାସ୍ତାର ୨ପାର୍ଶ୍ୱ ଏବଂ ଚକ୍ରଧର ପ୍ରସାଦରୁ ବେଗୁନିଆକୁ ସଂଯୋଗ କରୁଥିବା ରାସ୍ତା କଡ଼ରେ ଚାରା ରୋପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଚକ୍ରଧରପ୍ରସାଦ ସରପଞ୍ଚ ବିଜୟ କୁମାର କର, ପ୍ରଗତି ଫାଉଣ୍ଡେଶନର ଅଧ୍ୟକ୍ଷ ପ୍ରଦୀପ କୁମାର ପ୍ରଧାନ, ସିୱାଇଏସ୍‌ଡବ୍ଲୁର ସମ୍ପାଦକ ନିତ୍ୟରଞ୍ଜନ ଦାଶ, ସୁଶାନ୍ତ ବେହେରା, ରଞ୍ଜିତ ଖୁଣ୍ଟିଆ ପ୍ରମୁଖ ଚାରା ରୋପଣ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏଭଳି କାର୍ଯ୍ୟକ୍ରମ ବ୍ଲକର ବିଭିନ୍ନ ସ୍ଥାନରେ ସପ୍ତାହ ବ୍ୟାପୀ ଚାଲିବ ବୋଲି ଫାଉଣ୍ଡେଶନର ଅଧ୍ୟକ୍ଷ ପ୍ରଦୀପ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

# ହାଇକୋର୍ଟ ବିଚାରପତିଙ୍କ ରଣପୁର ନୂଆ କୋର୍ଟ ବିଲ୍ଡିଂ ପରିଦର୍ଶନ



ହାଇକୋର୍ଟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ ଓ ଅନ୍ୟମାନେ ରଣପୁରରେ ନୂଆ କୋର୍ଟ ବିଲ୍ଡିଂ କାର୍ଯ୍ୟ ତଦାରଖ କରୁଛନ୍ତି।

**ରଣପୁର, ୨୧।୭ (ସୁକାନ୍ତ କିଶୋର ଡ଼ାକୁଆ )**

ନୟାଗଡ଼ ଜିଲା ରଣପୁର ବିଜ୍ଞାପିତ ଅଞ୍ଚଳର ଜେଲ ଛକରେ କରାଯାଉଥିବା କୋର୍ଟର ନୂଆ ବିଲ୍ଡିଂ କାର୍ଯ୍ୟ ପ୍ରାୟ ୪ କୋଟି ବ୍ୟୟରେ ଚାଲିଥିବା ବେଳେ ଏହାର କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି କାର୍ଯ୍ୟକୁ ତୁରନ୍ତ ସାରିବା ପାଇଁ ନିର୍ଦ୍ଦେଶ ଥିବା ବେଳେ ରଣପୁର ବିଚାର ବିଭାଗୀୟ ଅଧିକାରୀ ଗୌରୀଶଙ୍କର ପଣ୍ଡା ତଦାରଖ କରୁଛନ୍ତି। ଶୁକ୍ରବାର ହାଇକୋର୍ଟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡଙ୍ଗୀ, ବିଲ୍ଡିଂ କମିଟି ରେଜିଷ୍ଟ୍ରାର, ଖୋର୍ଦ୍ଧା ଜିଲା ଜଜ୍ ଓ ନୟାଗଡ଼ ଜିଲା ଜଜ୍ ଆନନ୍ଦ ମୋହନ ମହାରଣା ଉକ୍ତ ବିଲ୍ଡିଂ କାର୍ଯ୍ୟ ପରିଦର୍ଶନରେ ଆସିଥିଲେ। ସେମାନେ କାର୍ଯ୍ୟର ତଦାରଖ କରିବା ଶୀଘ୍ର ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଚଳିତ ମାସ ଶେଷ ସୁଦ୍ଧା ଏହି କୋର୍ଟ ବିଲ୍ଡିଂ ଉଦ୍‌ଘାଟିତ ହେବ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି। ରଣପୁର ବାର ଆସୋସିଏଶନର ସମସ୍ତ ଆଇନଜୀବୀ ଏହି କାର୍ଯ୍ୟ ଅନୁଧ୍ୟାନ କରିବା ସହ ଆସନ୍ତା ୨୫ ତାରିଖ ସୁଦ୍ଧା ସମସ୍ତ କାର୍ଯ୍ୟ ସାରିବାକୁ ଠିକାଦାର, କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଶିଶୁଲେଖକ କର୍ମଶାଳା

**ରମ୍ଭା,୨୧।୭(ବନବାସୀ ସେଠୀ):** ଗଞ୍ଜାମ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଆର.ନୂଆଗାଁ, ରମ୍ଭା କ୍ଲଷ୍ଟରରେ ବିଦ୍ୟାଳୟସ୍ତରୀୟ ଶିଶୁ ଲେଖକ କର୍ମଶାଳା ଆୟୋଜିତ ହୋଇଛି। ଛାମୁସାହି ପ୍ରାଥମିକ ବିଦ୍ୟାଳୟରେ ହୋଇଥିବା ୯୧ତମ କର୍ମଶାଳାରେ ଶୁଭଶ୍ରୀ ପ୍ରଧାନ, ବବୁଲ ବିଶ୍ୱାଳ, ରାକ୍ଷୀ ଜେନା, ସୂର୍ଯ୍ୟ ନାରାୟଣ ମହାରଣା, ମଧୁସ୍ମିତା ସାହୁ, ପାୟଲ ବେହେରା ଆଦି ଛାତ୍ରୀଛାତ୍ରମାନେ ଗଦ୍ୟ ପଠନ, ପଦ୍ୟ ଆବୃତ୍ତି ଓ ଲିଖନରେ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ସେହିପରି ୯୨ତମ କର୍ମଶାଳା ଲକ୍ଷ୍ମୀପୁର ସେବାଶ୍ରମ ପ୍ରାଥମିକ ବିଦ୍ୟାଳୟ ଆୟୋଜନ କରିଥିଲା। ସେଥିରେ ସାଇନାଥ ବେହେରା, କାଜଲ ବେହେରା, ବିବେକ ବେହେରା ପ୍ରମୁଖ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଗୋଷ୍ଠୀ ଶିକ୍ଷାଧିକାରୀ ଭାଗୀରଥି ବେହେରା, ବିଆରସିସି ବିଜୟ ଚନ୍ଦ୍ର ବେହେରା, ପାଲୁର ସିଆରସିସି ଦେବ ହରି ବେହେରା କର୍ମଶାଳାକୁ ପରିଦର୍ଶନରେ ଯାଇଥିଲେ। ରମ୍ଭା ସିଆରସିସି ରବୀନ୍ଦ୍ର ପଣ୍ଡା, ଛାମୁସାହି ପ୍ରାଥମିକ ବିଦ୍ୟାଳୟ ସଭାପତି ଅନୀତା ମହାରଣା, ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜନା ଦେବୀ ଓ ଲକ୍ଷ୍ମୀପୁର ସେବାଶ୍ରମ ବିଦ୍ୟାଧର ଜାଲି ଆଦି ଆୟୋଜନରେ ସହଯୋଗ କରିଥିଲେ।

# ବୋମାମାଡ଼ ଘଟଣାରେ ଜଣେ ଗିରଫ

**ଦଶପଲ୍ଲା, ୨୧।୭ (ପ୍ରକାଶ କୁମାର ପାଣି)**

ଦଶପଲ୍ଲା ଥାନା ଅନ୍ତର୍ଗତ ଟାକରାଠାରେ ଗୁରୁବାର ରାତିରେ ବୋମାମାଡ ଘଟଣାରେ ପୋଲିସ ଜଣକୁ ଶୁକ୍ରବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ଟାକେରା ଗ୍ରାମର ଶ୍ରୀନିବାସ ବେହେରା ( ୪୧ )। ଗୁରୁବାର ରାତି ପ୍ରାୟ ୧୧ରେ ଟାକେରାଠାରେ ବୋମାମାଡ଼ ହୋଇଥିଲା। ଏଥିରେ ୨ ଜଣ ବ୍ୟକ୍ତି ଗୁରୁତର ହୋଇଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ବୋମାମାଡ଼ ହୋଇଥିବା ଜଣାପଡ଼ିଛି। ସ୍ଥାନୀୟ ଅଧିବାସୀଙ୍କ କହିବା ଅନୁଯାୟୀ, ଟାକରା ଅଞ୍ଚଳର ଶ୍ରୀନିବାସ ପୂର୍ବ ବିବାଦକୁ କେନ୍ଦ୍ରକରି ଶକ୍ତିକାନ୍ତ ଷଡ଼ଙ୍ଗୀଙ୍କ ଦୋକାନକୁ ଏକ ବୋମା ମାଡ଼ କରିଥିଲେ। ଭୟରେ ସେ ଶକ୍ତିକାନ୍ତ ଗୋପାଳପୁରସ୍ଥିତ ଘରକୁ ପଳାଇ ଆସୁଥିବା ବେଳେ ଶ୍ରୀନିବାସ ପିଛା କରି ଘର ଉପରକୁ ବୋମା ଫିଙ୍ଗି ଥିଲେ। ଏଥିରେ ଶକ୍ତିକାନ୍ତ ଓ ତାଙ୍କ ଭାଇ ସୁଶାନ୍ତ ଗୁରୁତର ହୋଇଛନ୍ତି। ଶ୍ରୀନିବାସଙ୍କୁ ସ୍ଥାନୀୟ ଲୋକେ କାବୁ କରିଥିଲେ। ଖବରପାଇ ଆଇଆଇସି ମୁକେଶ କୁମାର ବେହେରା ପହଞ୍ଚି ଶ୍ରୀନିବାସଙ୍କୁ ଥାନାକୁ ଆଣିଥିଲେ। ଅନ୍ୟପକ୍ଷେ ଆହତଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର ଦଶପଲ୍ଲା କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ଶ୍ରୀନିବାସଙ୍କୁ ଦଶପଲ୍ଲା ଜେଲକୁ ପଠାଇ ଦିଆଯାଇଛି।

# ଗୁଣ୍ଠୁଣି ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ



ବିଦ୍ୟାଳୟର ପ୍ରତିଷ୍ଠା ଦିବସରେ ଛାତ୍ରୀଛାତ୍ରମାନେ ନୀଳକଣ୍ଠେଶ୍ୱର ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରି ଫେରୁଛନ୍ତି।

**ଖଣ୍ଡପଡା,୨୧।୭(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ ଅଧୀନ ଗୁଣ୍ଠୁଣି ପଞ୍ଚାୟତସ୍ଥିତ ନୀଳକଣ୍ଠେଶ୍ୱର ଉଚ୍ଚ ବିଦ୍ୟାଳୟର ୩୨ତମ ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶ୍ୟାମ ସୁନ୍ଦର ରାଉତଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପରିଚାଳନା କମିଟିର ସଦସ୍ୟାସଦସ୍ୟ, ସ୍ଥାନୀୟ ପଞ୍ଚାୟତ ଲୋକ ପ୍ରତିନିଧି ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇଥିଲେ। ଏ ଅବସରରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ରମାନେ ସ୍ଥାନୀୟ ଅଞ୍ଚଳର ଆରାଧ୍ୟ ପ୍ରଭୁ ଶ୍ରୀନୀଳକଣ୍ଠେଶ୍ୱର ଦେବଙ୍କ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ପରେ ବିଦ୍ୟାଳୟ ଶ୍ରେଣୀ ଗୃହରେ ଆୟୋଜିତ ସାଧାରଣ ସଭାରେ ଅନୁଷ୍ଠାନର ସାମଗ୍ରୀକ ବିକାଶ ନେଇ ଆଲୋଚନା ହୋଇଥିଲା। ୫-ଟି ରୂପାନ୍ତରଣ ଯୋଜନାରେ ଉକ୍ତ ବିଦ୍ୟାଳୟ ଅନ୍ତର୍ଭୁକ୍ତ ହୋଇଥିବାରୁ ପଞ୍ଚାୟତବାସୀ ଖୁସି ବ୍ୟକ୍ତ କରିଛନ୍ତି।

# ଯୁବକଙ୍କୁ ଆକ୍ରମଣ, ଜଣେ ଗିରଫ

**ବ୍ରହ୍ମପୁର,୨୧।୭(ସୁବାସ ଚନ୍ଦ୍ର ପାଢ଼ୀ)**

ଜଣେ ଯୁବକଙ୍କୁ ଆକ୍ରମଣ ଅଭିଯୋଗରେ ଗୋଷାଣୀନୂଆଗାଁ ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ରାଉତପେଟା ସାହିର ଆଶିଷ କୁମାର ମହାରଣା। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଡ଼ିମ୍ପୀରା ବାଉରୀ ସାହିର ଜୀବନ ଦାସ ତାଙ୍କ ସାଙ୍ଗ ସହ ଏପ୍ରିଲ ୨୩ରେ ଷ୍ଟେଶନ ରୋଡ଼ ନିକଟରେ ଥିବା ଏକ ହୋଟେଲରୁ ଖାଇ ଘରକୁ ଫେରୁଥିଲେ। ରାସ୍ତାରେ କେତେଜଣ ଯୁବକ ଜୀବନଙ୍କୁ ଅଟକାଇଥିଲେ। ସେ ଏହାର ପ୍ରତିବାଦ କରିବାରୁ ସେମାନେ ଆକ୍ରମଣ କରିବା ସହ ଖଣ୍ଡା ଦେଖାଇ ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ ଥାନାରେ ଜୀବନଙ୍କ ଅଭିଯୋଗ କରିଥିଲେ।

# ଅବସରର ୭ ମାସ ପରେ ବି ମିଳିନି ସହାୟତା

## ଡ୍ୟୁଟିରେ ଥିବା ବେଳେ ଗୋଡ଼ କଟିଲା



ଗୋଡ ହରାଇଥିବା ଗଣେଶ ଓ ତାଙ୍କ ପୁଅ।

**ଛତ୍ରପୁର,୨୧।୭(ସନ୍ତୋଷ ପାଢ଼ୀ)**

୩୪ ବର୍ଷ ସରକାରୀ ବସ୍‌ରେ ହେଲପର ଭାବେ କାମ କରି ନିରବିଚ୍ଛିନ୍ନ ସେବା ଯୋଗାଇଲେ। ଅବସର ନେବାକୁ ୩ ମାସ ଥିବା ସମୟରେ ଏକ ବଡ଼ ଦୁର୍ଘଟଣାରୁ ସହକର୍ମୀଙ୍କୁ ବଞ୍ଚାଇବାକୁ ଯାଇ ନିଜ ଗୋଡ଼ ହରାଇ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି ଗଞ୍ଜାମ ଜିଲା ଚମାଖଣ୍ଡି ଗ୍ରାମର ଗଣେଶ ସାହୁ। ଅନ୍ୟର ସେବାରେ ନିଜକୁ ନିୟୋଜିତ କରିଥିବା ମଣିଷଟି ଆଜି ସବୁଦିନ ପାଇଁ ଅସହାୟ ପାଲଟିଯାଇଛନ୍ତି। କେବଳ ଏତିକିରେ ଗଣେଶଙ୍କ ଦୁଃଖ ସରିନି। ଚାକିରିରୁ ଅବସର ନେବାର ୭ ମାସ ପରେ ବି ମିଳିଥିବା ପ୍ରତିଶ୍ରୁତି ଅନୁଯାୟୀ ସହାୟତା ମିଳିନି।

ରାଜ୍ୟ ସଡ଼କ ପରିବହନ ନିଗମରେ ହେଲ୍‌ପର ଭାବେ କାମ କରୁଥିବା ଗଣେଶ ତିନି ମାସ ତଳେ ଅବସର ନେଇଛନ୍ତି। ହେଲେ ଅବସର ନେବା ପୂର୍ବରୁ ଗତ ଡିସେମ୍ବରରେ ଡ୍ୟୁଟିରେ ଥିବା ସମୟରେ ଦୁର୍ଘଟଣା ଘଟିଲା। ବସ ଚକା ତଳେ ପଡି ତାଙ୍କର ଗୋଡ଼ କଟିଗଲା। ଚିକିତ୍ସା ପାଇଁ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କଲେ। ଚିକିତ୍ସିତ ହେଉଥିବା ସମୟରେ ଚାକିରିରୁ ଅବସର ନେଲେ। ସେ ସମୟରେ ରାଜ୍ୟ ସଡ଼କ ପରିବହନ ନିଗମ ପକ୍ଷରୁ ଆର୍ଥିକ ସହାୟତା ପାଇଁ ମିଳିଥିବା ପ୍ରତିଶ୍ରୁତି ଏବେ ପ୍ରତାରଣା ପାଲଟିଛି। ଘରେ ଯନ୍ତ୍ରଣାର ଜୀବନ ଜିଉଁଛନ୍ତି ଗଣେଶ। ସେପଟେ ୨୭ ବର୍ଷୀୟ ପୁଅ ଜନ୍ମରୁ ଦିବ୍ୟାଙ୍ଗ। ପୁଅ ଆଉ ସ୍ୱାମୀଙ୍କ ସେବା କରି ରୋଗିଣୀ ସ୍ତ୍ରୀଙ୍କ ଦିନଯାଉଛି। ପୁଅ ପାଇଁ ମେଡିକାଲରେ ଟଙ୍କା ଖର୍ଚ୍ଚ ହେଉଛି। ଏପଟେ ସାମୀଙ୍କ ଏଭଳି ଅବସ୍ଥା। କେମିତି ପରିବାର ସମ୍ଭାଳିବେ ତାକୁ ନେଇ ଚିନ୍ତାରେ ସ୍ତ୍ରୀ। କମ୍ପାନୀ ପକ୍ଷରୁ ସହାୟତା ମିଳିବା ଦୂରର କଥା, ଏ ପର୍ଯ୍ୟନ୍ତ ୩ ମାସର ଦରମା ଟଙ୍କା ମଧ୍ୟ ମିଳିଲାନି। ଦିବ୍ୟାଙ୍ଗ ପୁଅକୁ ମିଳୁଥିବା ୭୦୦ ଟଙ୍କା ଭତ୍ତା ଏବଂ ସ୍ୱାମୀଙ୍କ ପେନସନ ବାବଦ ୩୮୦୦ ଟଙ୍କା ଏପରି ମୋଟ ୪୫୦୦ ଟଙ୍କା ଚିକିତ୍ସା ସମୟରେ ହୋଇଥିବା ଋଣ ପରିଶୋଧ ଏବଂ ମେଡ଼ିସିନ ବାବଦକୁ ଖର୍ଚ୍ଚ ହେଇଯାଉଛି ବୋଲି ସ୍ତ୍ରୀ ମଞ୍ଜୁଲତା ସାହୁ କହିଛନ୍ତି। ଏଭଳି ସ୍ଥିତିରେ ଗଣେଶଙ୍କ ପରିବାରକୁ ସାହାର୍ଯ୍ୟ କରିବାକୁ ଚମାଖଣ୍ଡି ସରପଞ୍ଚ ସରପଞ୍ଚ ମନୋଜ ରେଡ୍ଡି ଅନୁରୋଧ କରିଛନ୍ତି ।

# ନୟାଗଡ଼ ଜିଲାର ଘରୋଇ ବିଦ୍ୟାଳୟ ବନ୍ଦ




ଘରୋଇ ଶିକ୍ଷାନୁଷ୍ଠାନ ଶିକ୍ଷକମାନେ ନୟାଗଡ଼ରେ ଧାରଣା ଦେଇଛନ୍ତି।

**ନୟାଗଡ଼, ୧୯।୭(ଲୋକନାଥ ମିଶ୍ର)**

ଓଡ଼ିଶା ରାଜ୍ୟ ଘରୋଇ ବିଦ୍ୟାଳୟ ମହାସଂଘ ଡାକରାରେ ନୟାଗଡ଼ ଜିଲାର ସମସ୍ତ ଘରୋଇ ବିଦ୍ୟାଳୟ ଶୁକ୍ରବାର ବନ୍ଦ ରହିଛି। ଘରୋଇ ବିଦ୍ୟାଳୟ ପ୍ରତି ରାଜ୍ୟ ସରକାରଙ୍କର ବୈମାତୃକ ମନୋଭାବ, ମନମୁଖୀ କାର୍ଯ୍ୟକ୍ରମ ଓ ଘରୋଇ ବିଦ୍ୟାଳୟ ମାରଣ ନୀତି ବିରୋଧରେ ଅଲ ଓଡ଼ିଶା ପ୍ରାଇଭେଟ ସ୍କୁଲ ଆସୋସିଏଶନ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମଜିଠାରେ ରାଜ୍ୟସ୍ତରୀୟ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଘରୋଇ ବିଦ୍ୟାଳୟର ୪ ଦଫା ସମ୍ବଳିତ ଏକ ଦାବିପତ୍ର ନେଇ ନୟାଗଡ଼ ଜିଲାର ଘରୋଇ ବିଦ୍ୟାଳୟ ମହାସଂଘର କାର୍ଯ୍ୟକର୍ତ୍ତାମାନେ ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କ ମାଧ୍ୟମରେ ସରକାର ନିକଟକୁ ପଠାଇ ଦେଇଛନ୍ତି।

# ଡ୍ରେସ୍ ଦୋକାନୀଙ୍କୁ ବୋମାମାଡ଼ ଘଟଣା, ୭ ଗିରଫ

## ୨ ବାଇକ୍ ସହ ବନ୍ଧୁକ ଓ ଗୁଳି ଜବତ



ଗିରଫ ଅଭିଯୁକ୍ତ।

**ବୁଗୁଡ଼ା,୨୧।୭(କାଳି ଚରଣ ଦାଶ)**

ବୁଗୁଡ଼ା ମେଡିକାଲ ଛକର ଜଣେ ଡ୍ରେସ ଦୋକାନୀଙ୍କୁ ବୋମା ମାଡ଼ କରିବା ଘଟଣାରେ ପୋଲିସ ଶୁକ୍ରବାର ୭ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ବୁଗୁଡ଼ା ଥାନା ଅନ୍ତର୍ଗତ ବୀର ଧନଞ୍ଜୟପୁର ଶାସନ ଗ୍ରାମର ଶିବ ଶଙ୍କର ପ୍ରଧାନ, କୃଷ୍ଣ ଶରଣପୁର ଗ୍ରାମର କାଳିଆ ପ୍ରଧାନ, କୈଳାଶ ନଗର ଗ୍ରାମର ସନ୍ତୋଷ ନାୟକ, ଖୋଲଖାଳି ଦଣ୍ଡାସିବଞ୍ଚାର ଗ୍ରାମର କାହ୍ନୁ ଚରଣ ନାୟକ, କୋଦଳା ଥାନା ଅନ୍ତର୍ଗତ ମଠ ବ୍ରହ୍ମପୁର ଗ୍ରାମର ଗୌତମ ଗୁରୁ, ଓଡ଼ନଇ ଗ୍ରାମର ବସନ୍ତ ଜେନା ଓ ଧନଞ୍ଜୟପୁର ଗ୍ରାମର ଗୋବିନ୍ଦ ବାରିକ। ପୋଲିସ ଏମାନଙ୍କ ଠାରୁ ଗୋଟିଏ ଦେଶୀ ବନ୍ଧୁକ, ୩ ଗୁଳି, ୨ ଜୀବନ୍ତ ବୋମା, ମୋବାଇଲ ଓ ସିମ ଜବତ କରିଛି। ଏ ନେଇ ବୁଗୁଡା ଥାନାରେ ନଂ. ୫୧୫/୨୩ରେ ଏକ ମାମଲା ରୁଜୁ ହୋଇଛି। ପ୍ରକାଶ ଯେ, ଗତ ୭ ତାରିଖ ଦିନ ବୁଗୁଡ଼ା ମେଡିକାଲ ଛକରେ ଡ୍ରେସ ଦୋକାନ କରିଥିବା ବି ଦିଲେଶ୍ୱର ପାତ୍ରଙ୍କୁ ମାଷ୍ଟର ମାଇଣ୍ଡ ଶିବ ଶଙ୍କର ଦଶ ଲକ୍ଷ ଟଙ୍କା ବଟି ମାଗିଥିଲା। ସେ ଟଙ୍କା ଦେବାକୁ ମନା କରିବାରୁ ତାଙ୍କୁ ୧୫ ତାରିଖ ମଧ୍ୟ ରାତ୍ରିରେ ଶିବ ନେତୃତ୍ୱରେ ସନ୍ତୋଷ, କାହ୍ନୁ ସହ ଆଉ ଜଣେ ଯୁବକ ୨ଟି ବାଇକରେ ଆସି ଦିଲେଶ୍ୱରଙ୍କ ଦୋକାନକୁ ଲକ୍ଷ୍ୟ କରି ଦୁଇଟି ବୋମା ଫିଙ୍ଗି ଥିଲେ। ତେବେ ଲକ୍ଷ୍ୟଭ୍ରଷ୍ଟ ହୋଇ ପଡୋଶୀ ଔଷଧ ଦୋକାନରେ ବୋମା ବାଜିବାରେ ଔଷଧ ଦୋକାନର ସାମାନ୍ୟ କ୍ଷତି ହୋଇଥିଲା। ଏ ନେଇ ଡ୍ରେସ ଦୋକାନ ମାଲିକ ବି ଦିଲ୍ଲେଶ୍ୱର ପାତ୍ର ବୁଗୁଡା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଟିମ ପ୍ରଥମେ ଜାଲ ସିମ ଯୋଗାଇଥିବା ମୋବାଇଲ ଦୋକାନୀ ଗୌତମଙ୍କୁ ଧରିବା ପରେ ଗୁରୁବାର ବାକି ୬ ଜଣ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିଲେ। ସିମ ଯୋଗାଇବାରେ ସହଯୋଗ କରିଥିବା ଏଜେଣ୍ଟ ଗୋବିନ୍ଦ, ଡିସ୍ଟ୍ରିବ୍ୟୁଟର ବସନ୍ତ ଏହି ଜାଲରେ ଛନ୍ଦି ହୋଇଥିବା ବେଳେ ଶିବଠାରୁ ବୋମା ଆଣି ରଖିଥିବା କାଳିଆଠାରୁ ୨ ଟି ବୋମା, ସନ୍ତୋଷଠାରୁ ଦେଶୀ ବନ୍ଧୁକ ସହ ଗୋଟିଏ ଗୁଳି ଏବଂ ଶିବ ଶଙ୍କରଠାରୁ ୨ଟି ଗୁଳି ପୋଲିସ ଜବତ କରିଥିଲା। ଚଢ଼ାଉରେ ଏମ୍. ସନ୍ତୋଷ, ବସନ୍ତ ଉପାଧ୍ୟାୟ, ଅଜୟ ମଲିକ, ଏସିଆ ଶବର, ରଜନୀକାନ୍ତ ସେଠି ସାମିଲ ଥିଲେ।

# ମହାନଦୀ ପାଣିକୁ ଡରିଲେଣି ଦ୍ୱୀପାଞ୍ଚଳର ୧୩ ଗାଁ

କେନ୍ଦ୍ରାପଡ଼ା, ୨୧।୭ (ଜଗନ୍ନାଥ ଧଳ)

- କରାଣ୍ଡିଆ ଆଡ଼ିବନ୍ଧ ଅଧାରୁ ଅଟକିଛି
- ଲୁଣା ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ଧ ବହୁ ସ୍ଥାନରେ ଦୁର୍ବଳ
- ବର୍ଷ ବର୍ଷ ଧରି ମୌଳିକ ସମସ୍ୟା ଲାଗି ରହିଛି

କେନ୍ଦ୍ରାପଡ଼ା ଜିଲାରେ ଶୁକ୍ରବାର ରାତିରୁ ମୌସୁମୀ ବର୍ଷାର ପ୍ରଭାବ ପଡ଼ିଛି। ଲଗାଣ ବର୍ଷା ଲାଗି ରହିଛି। ଉପରମୁଣ୍ଡରେ ଅଧିକ ବର୍ଷା ହେଲେ ହୀରାକୁଦର ଗେଟ ଖୋଲା ଯିବ। ଜିଲାର ଲୁଣା ଓ କରାଣ୍ଡିଆ ଦ୍ୱୀପାଞ୍ଚଳରେ ଥିବା ୧୩ ରାଜସ୍ୱ ଗ୍ରାମବାସୀଙ୍କ ସ୍ୱାଭାବିକ ଜୀବନଯାତ୍ରା ବ୍ୟାହତ ହେବ ବୋଲି ଏପରି ଆଶଙ୍କା ସ୍ଥାନୀୟ ଲୋକ ପ୍ରକାଶ କରିଛନ୍ତି। ବର୍ଷ ବର୍ଷ ଧରି ମୌଳିକ ସମସ୍ୟାର ସମାଧାନ ପାଇଁ ଲଢୁଥିବା ବେଳେ ଲୁଣା ନଦୀର ଦକ୍ଷିଣ ପାର୍ଶ୍ୱ ବନ୍ଧ ବହୁ ସ୍ଥାନରେ ଦୁର୍ବଳ ଥିବାରୁ ବନ୍ୟା ଆଶଙ୍କା କରିଛନ୍ତି। ସେହିପରି କରାଣ୍ଡିଆ ଆଡ଼ିବନ୍ଧର ମରାମତି ଅଧାରୁ ଥିବାରୁ ଯାତାୟାତରେ ବାଧା ସୃଷ୍ଟି ହେବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ମତ ଦେଇଛନ୍ତି।

ଏ ସମ୍ପର୍କରେ ଆୟତପୁରର ପିନାକୀ ସାମନ୍ତରାୟ କହିଛନ୍ତି, ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ଏହି ୧୩ ଗାଁ ଅବହେଳିତ ଅବସ୍ଥାରେ ଅଛି। ଏ ନେଇ ଦ୍ୱୀପାଞ୍ଚଳବାସୀ ବାରମ୍ବାର ରାଜନେତା ଓ ପ୍ରଶାସକଙ୍କ ଦ୍ୱାରସ୍ଥ ହେଉଥିଲେ ମଧ୍ୟ ଅଦ୍ୟାବଧି ସୁଫଳ ମିଳିନାହିଁ। ସହରଠାରୁ ମାତ୍ର ୧୦ କିଲୋମିଟର ଦୂରରେ ଥିବା ଏହି ଦ୍ୱୀପାଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳଯୋଗାଣ ଆଦି ମୌଳିକ ସମସ୍ୟା ଲାଗି ରହିଛି। ଦ୍ୱୀପାଞ୍ଚଳର ୧୩ ଗ୍ରାମ ଏବେ ୩ ବ୍ଲକ ଅଧୀନସ୍ଥ ୫ ପଞ୍ଚାୟତରେ ଅଛି। ମାର୍ଶାଘାଇ ବ୍ଲକ ଆଇତିପୁର ପଞ୍ଚାୟତର ଆଇତିପୁର, ବଳରାମପୁର, ବାଲିସିଂ, ଜଳପୋକ ପଞ୍ଚାୟତ ଅଧୀନରେ ଡିହଜଳପୋକ, ପକ୍ଷଟ, କଣିବାଙ୍କ ସହ ଡେରାବିଶ ବ୍ଲକର ବସୁପୁର ପଞ୍ଚାୟତ ଅଧୀନରେ ଡିହବସୁପୁର ଓ ଇନ୍ଦାଲୋ ପଞ୍ଚାୟତ ଅଛି। ସେହିପରି ଏଠାରେ ଗରଦପୁର ବ୍ଲକସ୍ଥ ବଙ୍ଗାଳପୁର ପଞ୍ଚାୟତର


ବର୍ଷା ପରେ ଲୁଣାନଦୀ ବନ୍ଧ କାଦୁଅରେ ପରିପୂର୍ଣ୍ଣ।

ସାନସଲାର, ଶିଶୁଆ ଓ ସଠିଲୋ ଗ୍ରାମ ରହିଛି। ଏହି ୧୩ ରାଜସ୍ୱ ଗ୍ରାମର ଗୋଟିଏ ପାର୍ଶ୍ୱରେ କରାଣ୍ଡିଆ ନଦୀ ଓ ଅନ୍ୟ ପାର୍ଶ୍ୱରେ ଲୁଣାନଦୀ ପ୍ରବାହିତ ହେଉଛି। ସଠିଲୋ ନିକଟରୁ ଏହି ଦ୍ୱୀପାଞ୍ଚଳ ଆରମ୍ଭ ହୋଇ ଡିହବଳରାମପୁରରେ ଶେଷ ହୋଇଛି। ଗ୍ରାମବାସୀଙ୍କ ମୁଖ୍ୟ ଜୀବିକା ପନିପରିବା ଚାଷ ହୋଇଥିବା ବେଳେ ଜଳସେଚନ ଓ ଉଠାଜଳସେଚନ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ବିଭିନ୍ନ ପ୍ରକଳ୍ପ ଶେଷ ହୋଇ ନ ଥିବା ସେ କହିଛନ୍ତି। ସାମାଜିକ କର୍ମୀ ରମେଶ ଚନ୍ଦ୍ର ବାରିକ କହିଛନ୍ତି, ବେଆଇନ ବାଲି ଚାଲାଣ ନଦୀ ବନ୍ଧକୁ ଦୁର୍ବଳ କରିଛି। କରାଣ୍ଡିଆ ନଦୀ ଉପରେ ଏକ ପଥର ଆଡ଼ିବନ୍ଧ ନିର୍ମାଣ ଅଧାରେ ଅଟକିଛି। ଲୁଣାନଦୀର ବାମ ପାର୍ଶ୍ୱ ସୁଦୃଢ଼ ହେଉଥିବା ବେଳେ ଦକ୍ଷିଣପାର୍ଶ୍ୱ ବନ୍ଧର ବହୁ ସ୍ଥାନ ଦୁର୍ବଳ ଅଛି। ମହାନଦୀ ସିଷ୍ଟମରେ ବନ୍ୟାଜଳ ପ୍ରବାହିତ ହେଲେ ଦ୍ୱୀପାଞ୍ଚଳବାସୀଙ୍କ ପାଇଁ ବିପଦ ଘନେଇ ଆସୁଛି। ସେହିପରି ଡିହବଳରାମପୁର ଗ୍ରାମର ରମେଶ ଚନ୍ଦ୍ର ସାହାଣୀ କହିଛନ୍ତି, ଦ୍ୱୀପାଞ୍ଚଳରେ ଲୁଣାନଦୀ ବାମ ପାର୍ଶ୍ୱ ବନ୍ଧର ଲମ୍ବ ୫ କିଲୋମିଟର। ଏଥିରୁ ପ୍ରଥମ ୨ କିଲୋମିଟର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ବେଳେ ଅବଶିଷ୍ଟ ବନ୍ଧ ଜଳସମ୍ପଦ ବିଭାଗ ଅଧୀନରେ ଅଛି। ବିଭିନ୍ନ ସମୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନଦୀବନ୍ଧ ନିର୍ମାଣ ପାଇଁ ଟେଣ୍ଡର ହେଉଥିଲେ ମଧ୍ୟ ପ୍ରକଳ୍ପ ଅଧାପନ୍ତରିଆ ରହୁଛି। ଅପରପକ୍ଷରେ ଜଳସେଚନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ସେହିପରି ଏହି ଦ୍ୱୀପାଞ୍ଚଳରେ ମୌଳିକ ସୁବିଧା ମିଳୁ ନ ଥିବା ଗ୍ରାମବାସୀ ମତ ଦେଇଛନ୍ତି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଉମେଶ କୁମାର ସେଠୀଙ୍କୁ ପଚାରିବାରେ ଚିହ୍ନଟ ହୋଇଥିବା ଦୁର୍ବଳ ନଦୀବନ୍ଧର ମରାମତି ହୋଇଛି। ସମ୍ଭାବ୍ୟ ବନ୍ୟାରେ ସ୍ଥାନୀୟ ଅଞ୍ଚଳର କ୍ଷତି ନ ହେବା ପାଇଁ ବିଭାଗୀୟ ବ୍ୟବସ୍ଥା ହୋଇଥିବା ସେ କହିଛନ୍ତି।

# ଅଦାଲତ କାର୍ଯ୍ୟ କାଗଜବିହୀନ ହେଲେ ନ୍ୟାୟିକ ପ୍ରକ୍ରିୟାରେ ସ୍ୱଚ୍ଛତା ଆସିବ: ମୁଖ୍ୟ ବିଚାରପତି


କୁଜଙ୍ଗ ବାର୍ ଆସୋସିଏଶନର ବାର୍ଷିକ ଉତ୍ସବରେ ହାଇକୋର୍ଟର ମୁଖ୍ୟ ବିଚାରପତି ଡ.ଏସ. ମୁରଲୀଧର ଓ ଅନ୍ୟ ଅତିଥିମାନେ।

କୁଜଙ୍ଗ,୨୧।୭ (ମନୋଜ ପ୍ରଧାନ)

## କୁଜଙ୍ଗ ବାର୍ ଆସୋସିଏଶନର ୩୯ତମ ବାର୍ଷିକ ଉତ୍ସବ

ଅଦାଲତ କାର୍ଯ୍ୟ ଯେଉଁଦିନ କାଗଜବିହୀନ ହେବ ଓ ଡିଜିଟାଲ ସିଷ୍ଟମକୁ ଆପଣେଇନେବ ସେଦିନ ବିଚାର ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଆସିବା ସହ ନ୍ୟାୟ ପ୍ରଦାନର ତ୍ୱରାନ୍ୱିତ ହୋଇପାରିବ ବୋଲି ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଡ.ଏସ. ମୁରଲୀଧର ଶୁକ୍ରବାର ସନ୍ଧ୍ୟାରେ କୁଜଙ୍ଗ ବାର୍ ଆସୋସିଏଶନର ୩୯ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। କୁଜଙ୍ଗ ବାର୍ ଆସୋସିଏଶନର ସଭାପତି ଆଡ୍‌ଭୋକେଟ ସତ୍ୟାନନ୍ଦ ବିଶ୍ୱାଳ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ମୁରଲୀଧର କହିଥିଲେ, କୁଜଙ୍ଗ ବିଚାର ବିଭାଗ ନ୍ୟାୟ ପ୍ରଦାନକାରୀ କୋର୍ଟଭାବେ ସୁନାମ ଅର୍ଜନ କରିଛି । ଏଠାରେ ବିଚାର ବିଭାଗୀୟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ବିଚାରପତି, ଓକିଲ, ସାକ୍ଷୀ ଓ କର୍ମଚାରୀମାନଙ୍କ ପାଇଁ ଏହି କୋର୍ଟ ପରିସରରେ ସୁନ୍ଦର ବ୍ୟବସ୍ଥା ରହିଛି। ବିଶେଷକରି ଓକିଲ ସଂଘ ଗୃହ ଉପରେ ଗୁରୁତ୍ୱ ଦିଆଯାଇଛି। ଓକିଲମାନଙ୍କ ସହଯୋଗ ଏଠାରେ ବିଚାରପତିମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ଅଧିକ ସୁଯୋଗ ଦେଇଛି । ଏଠାକାର ଓକିଲ ନିଜର ଅଧବସାୟକୁ ନିଷ୍ଠାର ସହ ପାଳନ କଲେ ବିଚାରପତିଭାବେ ମଧ୍ୟ ମନୋନୀତ ହୋଇପାରିବେ। ମୁଁ କିଛିଦିନ ପରେ ଅବସର ନେବି । କିନ୍ତୁ ସେହି ଅବସର ସମୟରେ କୁଜଙ୍ଗ ବାର୍‌ର ଉନ୍ନତି ବିଷୟ ଶୁଣିଲେ ନିଶ୍ଚୟ ଖୁସିହେବି ବୋଲି ମୁରଲୀଧର କହିଥିଲେ। ସେ ପ୍ରଥମେ ନିର୍ମାଣାଧୀନ କୋର୍ଟ କମ୍ପ୍ଲେକ୍ସ ପରିଭ୍ରମଣ କରି ସଂଯୋଗୀକରଣ ରାସ୍ତା, ବାର୍ ହଲ୍‌ର ଶିଳାନ୍ୟାସ କରିଥିଲେ। ଏସବୁ କାମ ସମ୍ପୂର୍ଣ୍ଣ ପାଇଁ ୬ କୋଟି ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି । ସମ୍ମାନିତ ଅତିଥିଭାବେ ହାଇକୋର୍ଟର ବରିଷ୍ଠ ବିଚାରପତି ଶୁଭାଶିଷ ତାଳପତ୍ର ଓ ବିଚାରପତି ଡ.ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ, ଜଗତ୍‌ସିଂହପୁର ଜିଲା ଜଜ୍ ଅନୁପ କୁମାର ଚନ୍ଦନ ଯୋଗଦେଇଥିଲେ । ଆୟୋଜିତ ଉତ୍ସବରେ କୁଜଙ୍ଗ ଓକିଲ ସଂଘ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ କୁଜଙ୍ଗ ଓକିଲ ସଂଘର ପୂର୍ବତନ ସଭାପତି ସୁଶାନ୍ତ କୁମାର ପଟ୍ଟନାୟକ, ଅମୃତ ଦାସ, ରମେଶ ଚନ୍ଦ୍ର ଦାସ, ସମ୍ପାଦକ ଦାମୋଦର ସ୍ୱାଇଁ ଓ ଏ.ଏନଡି. ଯାଦବ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କୁଜଙ୍ଗର ଅତିରିକ୍ତ ଜିଲା ଓ ଦୌରାଜଜ ପାର୍ଥ ସାରଥି ପଟ୍ଟନାୟକ, ସିଭିଲ ଜଜ୍ ଅନୁରାଧା ଶର୍ମା, ଜେଏମ୍ଏଫସି ବିଶ୍ୱଭୂଷଣ ନାୟକ, ଜଗତ୍‌ସିଂହପୁର ଜିଲାପାଳ ପାରୁଲ ପଟୱାରି, ଏସ୍‌ପି ରାହୁଲ ପିଆର, ଜିଲାର ସମସ୍ତ ନ୍ୟାୟିକ ଅଧିକାରୀ, ତିର୍ତ୍ତୋଲ ଏସ୍‌ଡିପିଓ ଚିନ୍ମୟ ରାଉତ, ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶ, ଆଡଭୋକେଟ ଦେବାଶିଷ କଣ୍ଡ, ପ୍ରଦୀପ ସାହୁ, ନୃସିଂହ ପ୍ରଧାନ, ଜ୍ଞାନ ବିଶ୍ୱାଳ, କୈଳାସ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ପୂର୍ବତନ ସଭାପତି ଆଇନଜୀବୀ ଅମୃତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ୨ ବର୍ଷ ହେଲା ଗଛମୂଳେ ପଢୁଛନ୍ତି ଶିଶୁ

## ରାଜକନିକା ବ୍ଲକ ଖୁଣ୍ଟା ଅଙ୍ଗନୱାଡି କେନ୍ଦ୍ର

କେନ୍ଦ୍ରାପଡ଼ା, ୨୧।୭(ଜଗନ୍ନାଥ ଧଳ)

ଶିଶୁମାନେ ଅଙ୍ଗନୱାଡି କେନ୍ଦ୍ରକୁ ଆକୃଷ୍ଟ ହୋଇ ପାଠ ପଢ଼ିବାକୁ ଯିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା କରୁଛନ୍ତି। ଅର୍ଥ ଖର୍ଚ୍ଚ କରି ସ୍ମାର୍ଟ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କରାଯାଉଛି। ହେଲେ କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଖୁଣ୍ଟା ଅଙ୍ଗନୱାଡି କେନ୍ଦ୍ରରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ଏହି କେନ୍ଦ୍ର ୨ବର୍ଷ ହେବ ଗଛମୂଳେ ଚାଲିଛି। ଏଠାରେ ଶିଶୁମାନେ ପାଠ ପଢ଼ିବା ସହ ମଧ୍ୟାହ୍ନଭୋଜନ କରୁଛନ୍ତି।

ସୂଚନାଯୋଗ୍ୟ, ଖୁଣ୍ଟା ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ୩ ବର୍ଷ ତଳୁ ଭାଙ୍ଗିଗଲାଣି। ଏହି ଭଙ୍ଗା ଘରେ ବର୍ଷେ ଅଙ୍ଗନୱାଡି କେନ୍ଦ୍ର ଚାଲିଥିଲା। ୨ବର୍ଷ ତଳେ ଏହି ଗୃହ ଛାତ ଫାଟି ସିମେଣ୍ଟ ପ୍ଲାଷ୍ଟର ଗଳୁଛି। କାନ୍ଥ ଫାଟି ଆଁ କରିଛି। ଏପଟେ ଶ୍ରେଣୀ ଗୃହ କବାଟ ଖୋଲୁନି ୨ ବର୍ଷ ହେବ। ଘରଟି ସମ୍ପୂର୍ଣ୍ଣ ବିପଦ ସଙ୍କୁଳ ଅବସ୍ଥାରେ ଥିବାରୁ ସେଠାକୁ କୋମଳମତି ଶିଶୁମାନଙ୍କୁ ଛାଡ଼ିବାକୁ ଅଭିଭାବକମାନେ ଭୟ କରୁଛନ୍ତି। ଫଳରେ ୨ ବର୍ଷ ହେବ ଗଛ ମୂଳରେ ଶିଶୁମାନଙ୍କର ଅଙ୍ଗନୱାଡି କେନ୍ଦ୍ର ଚାଲୁଥିବା ଖୁଣ୍ଟା ଗ୍ରାମବାସୀ କହିଛନ୍ତି। ଏହି ଗଛମୂଳେ ଖରା, ବର୍ଷା ଓ ଶୀତରେ ୩୫ ଜଣ ଶିଶୁ ପାଠ ପଢୁଛନ୍ତି। ଯଦି ବର୍ଷା ହୁଏ ତେବେ ଓଦା ହୋଇ ଶିଶୁମାନେ ପାଖରେ ଥିବା ସ୍କୁଲ ବାରଣ୍ଡାକୁ ଦୌଡ଼ିଆନ୍ତି। ଦୌଡ଼ି ଯିବା ବାଟରେ ମଧ୍ୟ କିଛି ଶିଶୁ ଆହତ ହେଇଥିବା ଅଭିଭାବକ ଅସନ୍ତୋଷ ପ୍ରକାଶ କରିବା ସହ ଅଭିଯୋଗ ଆଣିଛନ୍ତି। ଯଦି କେବେ ସକାଳୁ ବର୍ଷା ହେଲା ସେଦିନ ଅଙ୍ଗନୱାଡି କେନ୍ଦ୍ରର ପାଠ ପଢ଼ା ବନ୍ଦ ରହିଥାଏ। ଗଛ ମୂଳରେ ପାଠ ପଢୁଥିବା ସମୟରେ ଗଛରୁ ପକ୍ଷୀ ମଳ ପଡ଼ିବା ସହ ସାପ ଗଳୁ ଥିବା ଅଭିଭାବକ ସୁବାସ ଚନ୍ଦ୍ର ମଲିକ, କୈଳାସ ମଲିକ, କଲ୍ୟାଣୀ ନାୟକ, କବିତା ମଲିକ, କୁସୁମ ଦାସ, ମନୋରମା ପଢିହାରୀ, ରମେଶ ଚନ୍ଦ୍ର ଜେନା, କନକଲତା ନାୟକ, ରେବତୀ ନାୟକ, ପ୍ରିୟଙ୍କା ପଢିହାରୀ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଆମେ ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କେହି ଆମକଥା ଶୁଣୁନାହାନ୍ତି। ଯଦି ତୁରନ୍ତ ଅଙ୍ଗନୱାଡି କେନ୍ଦ୍ର ଗୃହ ଯୋଗାଇ ଦିଆ ନ ଯାଏ ତେବେ ଆମେ ରାସ୍ତାକୁ ଓହ୍ଲାଇବୁ ବୋଲି ଅଭିଭାବକମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଅଙ୍ଗନୱାଡି କର୍ମୀ ଦମୟନ୍ତୀ ରାଉତଙ୍କୁ ପଚାରିବାରେ ଦୀର୍ଘ ୨ ବର୍ଷହେବ କେନ୍ଦ୍ରର ଗୃହ ସମ୍ପୂର୍ଣ୍ଣ ଭାଙ୍ଗିଗଲାଣି, ଛାତ ଫାଟି ସିମେଣ୍ଟ କଂକ୍ରିଟ ଖଣ୍ଡ ଖସୁଛି। ଘରେ ସାପ, କବାଟ ଖୋଲୁନି, ଘର ଛାତ ଦାବିଯାଇଛି। ଏ ସମ୍ପର୍କରେ ସୁପରଭାଇଜର ଓ ସିଡିପିଓଙ୍କୁ ବାରମ୍ବାର ଜଣାଇଥିଲେ ବି କେହି ଶୁଣୁନାହାନ୍ତି। ଯଦି କେନ୍ଦ୍ର ବାରଣ୍ଡାରେ ଶିଶୁମାନଙ୍କୁ ପାଠ ପଢ଼ାଇବି ଛାତ ଭାଙ୍ଗି ପଡ଼ିଲେ କେତେବେଳେ କାହାର ଜୀବନ ଚାଲିଯିବ। ସେଥିପାଇଁ ୨ ବର୍ଷ ହେବ ଗଛ ମୂଳରେ ଶିଶୁମାନଙ୍କୁ ନେଇ ପାଠ ପଢ଼ାଉଛି। ଏ ସମ୍ପର୍କରେ ସିଡିପିଓ ମିଳିମିତା ପଣ୍ଡାଙ୍କୁ ପଚାରିବାରେ ଅଳ୍ପ ଦିନ ହେବ ରାଜକନିକା ବ୍ଲକରେ କାର୍ଯ୍ୟରେ ଯୋଗ ଦେଇଛି। ଏ ସମ୍ପର୍କରେ ଆପଣଙ୍କଠାରୁ ଜାଣିଲି। କ'ଣ ହେଇଛି ବୁଝିବା ପରେ ଯାହା କିଛି ପଦକ୍ଷେପ ଗ୍ରହଣ କରିବି ବୋଲି ସେ କହିଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଅଂଶୁମାନ


@ ଶିଶିର


@ ଶିରିସ


@ ସତ୍ୟବ୍ରତ


@ ଅଶ୍ୱିନୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଧର୍ମଶାଳା ବିଜେଡିର ମିଶ୍ରଣ ପର୍ବ

ଧର୍ମଶାଳା,୨୧।୭(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବିଜେଡି ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ବ୍ଲକ ଅଧୀନ ଜାରକାସ୍ଥିତ ବିଜେଡି କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟଙ୍କ ଉପସ୍ଥିତିରେ ଅରାବଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁବାସ ଚନ୍ଦ୍ର ସାମଲ ଓ ୯ ଭାଜପା କର୍ମୀ ବିଧିବଦ୍ଧଭାବେ ବିଜେଡିରେ ସାମଲ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଦର୍ଶ ଓ ବିକାଶମୂଳକ କାର୍ଯ୍ୟରେ ପ୍ରଭାବିତ ହୋଇ ବିଜେଡିରେ ସାମିଲ ହୋଇଥିବା ଏହି କର୍ମୀମାନଙ୍କୁ ବିଧାୟକ ବଳବନ୍ତରାୟ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ। ମୋହନ ସାମଲ, ଅମରେନ୍ଦ୍ର ରାୟ, ବିକାଶ ରଞ୍ଜନ ବେହେରା, ହେମନ୍ତ ଜେନା, ଜଗଦାନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ରହି ଦଳରେ ସାମିଲ ହୋଇଥିବା ନୂତନ କର୍ମୀଙ୍କୁ ସ୍ୱାଗତ ଜଣାଇଥିଲେ।


ବିଜେଡିରେ ସାମିଲ କର୍ମୀଙ୍କୁ ବିଧାୟକ ସ୍ୱାଗତ କରୁଛନ୍ତି।

# ନିମ୍ନମାନ କାର୍ଯ୍ୟ ବିରୋଧରେ ବିଜେଡିର ଗଣଧାରଣା

ରସୁଲପୁର,୨୧।୭(ରଞ୍ଜିତ ରାଉତ)

- ଜାତୀୟ ରାଜପଥ ପୋଲ ଭୁଶୁଡ଼ିବା ଘଟଣା
- ଶାସକ, ବିରୋଧୀଙ୍କ ମଧ୍ୟରେ ଟଣାଓଟରା

ରସୁଲପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ୧୬ ନମ୍ବର ଜାତୀୟ ରାଜପଥ ପୋଲ ଭୁଶୁଡ଼ିବାର ୪ଦିନ ପରେ ବିଜେଡି ରାସ୍ତାକୁ ଓହ୍ଲାଇଛି। ନିମ୍ନମାନ କାର୍ଯ୍ୟ ପ୍ରତିବାଦରେ ରସୁଲପୁର ବିଜେଡି ଶାଖା ପକ୍ଷରୁ ଶୁକ୍ରବାର ଗଣଧାରଣା ଦିଆଯାଇଛି। କାର୍ଯ୍ୟକର୍ତ୍ତା ପୋଲ ଭୁଶୁଡ଼ିଥିବାସ୍ଥଳରେ ଛାମୁଣ୍ଡିଆ ମାରି ଗଣଧାରଣରେ ବସି ରାଜପଥ ନିର୍ମାଣ ଦାୟିତ୍ୱରେ ଥିବା ଠିକାସଂସ୍ଥା ଓ କେନ୍ଦ୍ର ସରକାରଙ୍କୁ ନିଶାଣା କରିଛନ୍ତି। ୫୦ ବର୍ଷ ପାଇଁ ନିର୍ମିତ ପୋଲ ୧୫ବର୍ଷରେ ଭୁଶୁଡ଼ି ପଡ଼ିବା ଦୁର୍ଭାଗ୍ୟଜନକ ବୋଲି ସେମାନେ କହିବା ସହ କେନ୍ଦ୍ର ସରକାର ସାଧାରଣ ଲୋକଙ୍କ ଟିକସରେ ରାଜପଥ ନିର୍ମାଣ କରୁଛନ୍ତି। ଯେଉଁଟା ସେମାନଙ୍କ ପାଇଁ ମରଣଯନ୍ତା ପାଲଟୁଛି। ଏଭଳି ଆଭିମୁଖ୍ୟରେ ପରିବର୍ତ୍ତନ ଆସିବା ଦରକାର। ପୋଲ ନିର୍ମାଣରେ ସମ୍ପୃକ୍ତ ଠିକାସଂସ୍ଥା ଓ ତଦାରଖ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି। ଧାରଣା କେବେଳ ଫମ୍ପା ମାଠିଆର ଶବ୍ଦ ବୋଲି ବିରୋଧୀ କହିଛନ୍ତି।

ଧାରଣାରେ ବ୍ଲକ ବିଜେଡି ସଭାପତି ଲୋକନାଥ ପଣ୍ଡା ପୌରୋହିତ୍ୟ କରିଥିଲେ। ରସୁଲପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅରୁଣ ରାଉତ, ରବୀନ୍ଦ୍ର ପ୍ରତିହାରୀ, ଅଜୟ ପଣ୍ଡା, ନିର୍ମଳ ରାଉତ, ମମତା ଖୁଣ୍ଟିଆ, ପ୍ରତାପ ନାୟକ, ସ୍ୱର୍ଣ୍ଣଲତା ସାହୁ, ଶିଶିର ମହାନ୍ତି, ସୂର୍ଯ୍ୟମଣି ପଣ୍ଡା, ଅନନ୍ତ ସ୍ୱାଇଁ, ଅଶ୍ୱିନୀ ଦାସ, ବିକ୍ରମ ଜେନା, ଚନ୍ଦ୍ରଶେଖର ସାମଲ, ସୁରେନ୍ଦ୍ର ତ୍ରିପାଠୀ, ଦୁଷ୍ମନ୍ତ ମଲିକ, ନରେଶ ବୋଇତାଇ, ଚନ୍ଦ୍ରଶେଖର ସ୍ୱାଇଁ, ବିନୋଦ ରାଉତ, ରମେଶ ସ୍ୱାଇଁ, ଅକୁଳାନନ୍ଦ ଜେନାମଣି ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ କାର୍ଯ୍ୟଧାରାକୁ ବିରୋଧ କରିଥିଲେ।


ରସୁଲପୁର ବିଜେଡି ପକ୍ଷରୁ ପୋଲ ଭୁଶୁଡ଼ିଥିବାସ୍ଥଳରେ ଗଣଧାରଣା ଦିଆଯାଇଛି।

ଗଣଧାରଣାରେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ଧର୍ମଶାଳା ବିଜେଡି ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ବରୀ ବିଧାୟିକା ସୁନନ୍ଦା ଦାସ, କୋରେଇ ବିଧାୟକ ଅଶୋକ କୁମାର ବଳ ପ୍ରମୁଖ ଯୋଗ ଦେଇ ନ ଥିବାରୁ ବିରୋଧୀଙ୍କୁ ସମାଲୋଚନା କରିବାକୁ ଖୋରାକ ଯୋଗାଇଛି। ବିଜେଡିର ତୃଣମୂଳ କର୍ମୀ ଧାରଣାରେ ବସି କେନ୍ଦ୍ରର କାର୍ଯ୍ୟଧାରକୁ ବିରୋଧ କରୁଥିବାବେଳେ ଜନପ୍ରତିନିଧିମାନେ ଧାରଣାସ୍ଥଳରେ ଦେଖା ନ ଯିବା ଧାରଣାର ଗୁରୁତ୍ୱକୁ କମାଇ ଦେଇଛି ବୋଲି କୁହାଯାଉଛି। ଏ ସମ୍ପର୍କରେ ରସୁଲପୁର ବ୍ଲକ କଂଗ୍ରେସ ସଭାପତି ମିହିର ମିଶ୍ର କହିଛନ୍ତି, ବିଜେଡି ଓ ଭାଜପା ମଧ୍ୟରେ ଭିତିରି ବୁଝାବଣା ଯୋଗୁ ଏମିତି ଘଟୁଛି। ଏଥିରେ କିଛି ଆଶ୍ଚର୍ଯ୍ୟ ହେବାରେ ନାହିଁ। ରାଜ୍ୟ ସରକାର ସର୍ବଦା କେନ୍ଦ୍ର ସରକାରଙ୍କ ପ୍ରସ୍ତାବରେ ହଁ ଭରି ଆସିଛନ୍ତି। ନିର୍ବାଚନବେଳେ ଲୋକଦେଖାଣିଆ ବିରୋଧ କରି ଓଡ଼ିଶାବାସୀଙ୍କୁ ଭୁଆଁବୁଲାଇବାକୁ ଚେଷ୍ଟା କରୁଛନ୍ତି। ଭାଜପା ଯାଜପୁର ଜିଲା ସମ୍ପାଦକ ମୁକୁନ୍ଦଦେବ ମହାନ୍ତି କହିଛନ୍ତି, ବିଜେଡି ଧାରଣାପଛରେ ରାଜନୀତି ଜଳଜଳ ଦିଶୁଛି। ୨୦୦୭ରେ ପୋଲ ନିର୍ମାଣ ହୋଇଥିଲା। ସେତେବେଳେ କେନ୍ଦ୍ରରେ ଉପା ଓ ରାଜ୍ୟରେ ବିଜେଡି ସରକାର ଶାସନ ଚାଲିଥିଲା। ସେମାନଙ୍କ ବୁଝାବଣାରେ ରାଜପଥ ନିର୍ମାଣ ହୋଇଥିଲା। ସେମାନେ କହିପାରିବେ ପୋଲ କାର୍ଯ୍ୟ ନିମ୍ନମାନର ପଛରେ କାହାର ହାତ ରହିଛି। ଆଉ ନିମ୍ନମାନର କାମ ଓ ପୋଲ ଭୁଶୁଡ଼ିବା ପଛରେ ଯିଏ ସମ୍ପୃକ୍ତ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ରସୁଲପୁର ବ୍ଲକ ବିଜେଡି ସଭାପତି ପଣ୍ଡାଙ୍କ ମତରେ ବିଧାୟକ ଓ ଏମ୍‌ପି ଧାରଣାରେ ସାମିଲ ହେବାକୁ ମତ ଦେଇଥିଲେ। ମାତ୍ର ହଠାତ୍ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାଠାରେ ଏକ ଜରୁରୀ ବୈଠକରେ ଯୋଗଦେବାକୁ ପଡ଼ିବାରୁ ସେମାନେ ଧାରଣାରେ ସାମିଲ ହୋଇ ପାରିନାହାନ୍ତି।



ନୟାଗଡ଼ ଜିଲା ଶରଣକୁଳ ଲଡୁବାବାଙ୍କ ମନ୍ଦିରରେ ୫-ଟି ସଚିବ ଭି.କେ. ପାଣ୍ଡିଆନ।




ଓଡ଼ଗାଁ ମିଶନ ଶକ୍ତି କାଫେରେ ମହିଳାମାନଙ୍କ ସହ ୫-ଟି ସଚିବ ଭି.କେ. ପାଣ୍ଡିଆନ।

# ଉନ୍ନୟନ କାର୍ଯ୍ୟରେ ସ୍ୱଚ୍ଛତା ରହିଲେ ଅନୁଦାନ ରାଶି ବଢ଼ିବ

**ଅଭିଯୋଗ ପତ୍ର ପାଇବାର ୧ମାସ ପରେ ଚିଠି ପଠାଇବେ ଜିଲାପାଳ**



ନୟାଗଡ଼ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାତି ମିଶ୍ର ସଚିବଙ୍କୁ ମ୍ୟାପ ଦେଖାଉଛନ୍ତି।

**ନୟାଗଡ,୨୧।୭(ଲୋକନାଥ ମିଶ୍ର)**

୫-ଟି ସଚିବ ଭି.କେ. ପାଣ୍ଡିଆନ ନୟାଗଡ଼ ଜିଲା ଦୁଇ ଦିନିଆ ଗସ୍ତ ସାରି ଶୁକ୍ରବାର ଭୁବନେଶ୍ୱର ଫେରି ଯାଇଛନ୍ତି। ନୟାଗଡ଼ ଷ୍ଟାଡିୟମରେ ଓ ଲାଠିପଡା ଟାଙ୍ଗି ପଡ଼ିଆଠାରେ ଜନଶୁଣାଣି କରି ଲୋକଙ୍କ ନିକଟତର ହେବାକୁ ଚେଷ୍ଟା କରିଥିଲେ। ଲୋକଙ୍କ ସହ କରମର୍ଦ୍ଦନ କରିଥିବାବେଳେ ଲୋକମାନେ ତାଙ୍କ ସହ ସେଲଫି ନେଇଥିଲେ। ଜନଶୁଣାଣିରେ ଅଭିଯୋଗ ଗ୍ରହଣ କରି ସରକାରଙ୍କର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମହିଳା ସଶକ୍ତୀକରଣ ପରି ସରକାରୀ ଯୋଜନା ଉପରେ ସଚେତନ କରିଥିଲେ। ମଠ, ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ ଓ କମ୍ୟୁନିଟି ସେଣ୍ଟର ପାଇଁ ମୁଖ୍ୟମନ୍ତ୍ରୀ ପ୍ରଥମ ଫେଜରେ ଟଙ୍କା ଘୋଷଣା କରିବେ। କାମ ଶେଷ ପରେ କାମର ସ୍ୱଚ୍ଛତା ପରଖି ପୁଣି ୨ୟ କିସ୍ତି ଅନୁଦାନ ମିଳିବ। ତେବେ କାମର ସ୍ୱଚ୍ଛତା ନ ରହିଲେ ଅନୁଦାନ ମିଳିବ ନାହିଁ। ନିଜର କାମ ଭାବି କାମ କରିଲେ ଗାଁ ଜିଲାର ଉନ୍ନତି ହେବ। ଓଡ଼ିଶା ଆଗୁଆ ରାଜ୍ୟ ହେବ। ଏହା ମୁଖ୍ୟମନ୍ତ୍ରୀଙ୍କ ପରିକଳ୍ପନା ବୋଲି ସେ କହିଥିଲେ। ଅନ୍ୟପକ୍ଷେ ଜନଶୁଣାଣିରେ ମିଳିଥିବା ଅଭିଯୋଗ ପତ୍ରର ଉତ୍ତର ଚିଠି ମାଧ୍ୟମରେ ଜିଲାପାଳ ମାସେ ପରେ ଅଭିଯୋଗକାରୀଙ୍କ ପାଖକୁ ପଠାଇବେ। ଆପଣଙ୍କ ଅଭିଯୋଗ ସମାଧାନ ହୋଇଛି କି ନାଁ। ଯଦି ସମାଧାନ ହୋଇନି କାହିଁକି ସମାଧାନ ହେଲାନି। ଆପଣ ପାଖକୁ ଅନୁଦାନ ଯାଇଛି କି ନାହିଁ। ଆପଣ ଏଥିରେ ସନ୍ତୁଷ୍ଟ ଅଛନ୍ତି କି ନାହିଁ। ମୋ ସରକାର ଢ଼ାଞ୍ଚାରେ କାମ ହେବ ବୋଲି ସଚିବ କହିଥିଲେ। ଜିଲାର ପ୍ରତି ଘରେ ପାନୀୟ ଜଳ ପହଞ୍ଚିବା ପାଇଁ ୧୫୫୦ କୋଟି ଟଙ୍କା ମଞ୍ଜୁର ହୋଇ କାମ ଚାଲିଛି। ନୟାଗଡକୁ ବେଶି ଟଙ୍କା ପାନୀୟଜଳ ପାଇଁ ସରକାର ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମହିଳାଙ୍କୁ ୧୦ ଲକ୍ଷ ଓ ପୁରୁଷଙ୍କୁ ୫ ଲକ୍ଷ ଟଙ୍କାର ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଉଛନ୍ତି। ମିଶନ ଶକ୍ତିରେ ମହିଳାଙ୍କୁ ୫ ଲକ୍ଷ ଟଙ୍କାର ବିନା ସୁଧରେ ଋଣ ଲଗାଣ ହେଉଛି। ନୟାଗଡ଼ ଜିଲାରେ ଭଲ କାମ ହେଉଛି। ତେବେ ନୟାଗଡରେ ୩ ଲକ୍ଷ ୩୨ ହଜାର ଋଣ ନେଉଛନ୍ତି। ଏହା ୫ ଲକ୍ଷ କରିବାକୁ ପରାମର୍ଶ ଦେଇଛନ୍ତି।

## ଫୋକସରେ ଧର୍ମାନୁଷ୍ଠାନ

୫-ଟି ସଚିବ ନୟାଗଡ଼ ଜିଲା ଗସ୍ତରେ ଆସିବାବେଳେ ନିଜ ବକ୍ତବ୍ୟରେ ଜିଲାର ଧର୍ମାନୁଷ୍ଠାନକୁ ଫୋକସରେ ରଖିଛନ୍ତି। ଶୁକ୍ରବାର ନୟାଗଡ଼ର ଦକ୍ଷିଣକାଳୀ, ଓଡ଼ଗାଁର ଶ୍ରୀରଘୁନାଥ ଜୀଉ, ଶରଣକୁଳର ଲଡୁବାବା, କଣ୍ଟିଲୋର ଶ୍ରୀନୀଳମାଧବ ମନ୍ଦିର ଦର୍ଶନ କରିଛନ୍ତି। ଏହାର ରୂପରେଖ ବଦଳିବ ବୋଲି ଲୋକଙ୍କୁ ଭରସା ଦେଇଛନ୍ତି। ଏଥିସହ ମଠ, ମନ୍ଦିର,ମସ୍‌ଜିଦ୍, ଚର୍ଚ୍ଚ ଓ କମ୍ୟୁନିଟି ସେଣ୍ଟରର ଅଭିଯୋଗକୁ ଗୁରୁତ୍ୱ ଦେଇଛନ୍ତି। ଖଣ୍ଡପଡା ବ୍ଲକ କଣ୍ଟିଲୋର ଶ୍ରୀନୀଳମାଧବ ମନ୍ଦିରକୁ ଯାଇ ୧୦୦ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକୁ ଅନୁଧ୍ୟାନ ଓ ସମୀକ୍ଷା କରିଥିଲେ। ତେବେ ବିକାଶ ପ୍ରକଳ୍ପରେ ବିଭିନ୍ନ ଅନିୟମିତତା ହେବା ଓ କାର୍ଯ୍ୟ ମନ୍ଥର ଗତିରେ ହେଉଥିବା ଅଭିଯୋଗ ହୋଇଥିଲା। ଏହାଛଡା ବିକାଶ ପ୍ରକଳ୍ପରେ ବିସ୍ଥାପିତ ହେବାକୁ ଥିବା ପୂଜକଙ୍କ ସମ୍ପର୍କରେ ୫-ଟି ସଚିବ ଦର୍ଶାଇଥିଲେ ବିସ୍ଥାପିତ ପାଇଁ ୩୦ କୋଟି ଟଙ୍କା ଦରକାର ପଡୁଛି। ଏଣୁ ଏହାର କାର୍ଯ୍ୟ ଅନିର୍ଦ୍ଦିଷ୍ଟ ସମୟ ପାଇଁ ବନ୍ଦ ରହିଛି। ସେହିଭଳି କଣ୍ଟିଲୋକୁ ଏନ୍‌ଏସି ମାନ୍ୟତା, କଣ୍ଟିଲୋରେ ବୈଷୟିକ ତାଲିମ କେନ୍ଦ୍ର ପ୍ରତିଷ୍ଠା ସହ ନର୍ସ ତାଲିମ କେନ୍ଦ୍ର ଖୋଲିବା, ଫାଣ୍ଡିକୁ ଥାନାର ମାନ୍ୟତା, ମନ୍ଦିର ପାଇଁ ଦକ୍ଷ ପ୍ରଶାସକ ନିଯୁକ୍ତି, ମନ୍ଦିର ପରିଚାଳନାକୁ ଶୃଙ୍ଖଳିତ କରିବା, ପର୍ଯ୍ୟଟକଙ୍କ ପାଇଁ ଶୌଚାଳୟ ନିର୍ମାଣ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିବର୍ତ୍ତନ କରିବା ପରି ଦାବି ନେଇ ୫-ଟି ସଚିବଙ୍କୁ ନାଗରିକ ମଞ୍ଚ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଶ୍ରୀନୀଳମାଧବ ମନ୍ଦିର ସେବାୟତମାନେ ୧୯ ଦଫାର ଏକ ସ୍ମାରକପତ୍ର ମଧ୍ୟ ୫-ଟି ସଚିବଙ୍କୁ ପ୍ରଦାନ କରିଛନ୍ତି। ଶରଣକୁଳ ଲଡୁବାବା ମନ୍ଦିରର ବିକାଶ ତଥା ସୌନ୍ଦର୍ଯ୍ୟକରଣ ପାଇଁ ଉପଜିଲାପାଳ ଶକ୍ତିକାନ୍ତ ରାୟ ଓ ଓଡ଼ଗାଁ ତହସିଲଦାର ଅନିଲ କୁମାର ଆଚାର୍ଯ୍ୟ ୫-ଟି ସଚିବଙ୍କୁ ନକ୍ସା ଦେଖାଇଥିଲେ। ସେବାୟତମାନଙ୍କ ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ସେବାୟତ ସଂଘ ପକ୍ଷରୁ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ସମେତ ଅନ୍ୟମାନେ ସେବାୟତଙ୍କ ଉନ୍ନତି କଳ୍ପେ ଦାବିପତ୍ର ଦେଇଥିଲେ। ନୟାଗଡ଼ ଦକ୍ଷିଣକାଳୀ ମନ୍ଦିରର ସମ୍ପାଦକ କିଷାନ କୁମାର ଦାସ, ସହ ସମ୍ପାଦକ ପ୍ରଦୋଷ ପଟ୍ଟନାୟକ ୫-ଟି ସଚିବଙ୍କୁ ମନ୍ଦିରର ବିକାଶ ପାଇଁ ଅବଗତ କରାଇଥିଲେ। ଓଡଗାଁ ରଘୁନାଥ ମନ୍ଦିରକୁ ୫-ଟିରେ ସାମିଲ କରିବାକୁ ପୂଜକ ପରିଷଦ ସଦସ୍ୟ ଓ କର୍ମକର୍ତ୍ତା ୫-ଟି ସଚିବଙ୍କ ସହ ଆଲୋଚନା କରିଥିଲେ।



ନୟାଗଡ଼ ଦକ୍ଷିଣକାଳୀ ମନ୍ଦିରରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଓ ଅନ୍ୟମାନେ।

## ୪୫ ମିନିଟ୍ ଅଟକି ରହିଥିଲା ୩ ଆମ୍ବୁଲାନ୍ସ

**ନୟାଗଡ,୨୧।୭(ଲୋକନାଥ ମିଶ୍ର):** ଗୁରୁବାର ସନ୍ଧ୍ୟାରେ ନୟାଗଡ଼ ଟ୍ରାଫିକ ଛକ ଅଞ୍ଚଳରେ ୩ଟି ଆମ୍ବୁଲାନ୍ସ ପ୍ରାୟ ୪୫ ମିନିଟ ଧରି ଅଟକି ରହିଥିଲା। ରାସ୍ତା ଜାମ ଯୋଗୁ ୩ଟି ଯାକ ଆମ୍ବୁଲାନ୍ସ ଅଟକି ରହିବ କାରଣରୁ ରୋଗୀ ହଟହଟା ହୋଇଥିଲେ। ବୌଦ୍ଧରୁ ଭୁବନେଶ୍ୱର ଯାଉଥିବା ଆମ୍ବୁଲାନ୍ସ ଟ୍ରାଫିକ ଛକରେ ଅଟକି ଥିଲା। ଏଥିରେ ରୋଗୀ ଥିଲେ। ସେହିପରି ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରୁ ବାହାରି ୨ଟି ଆମ୍ବୁଲାନ୍ସ ଓଡ଼ଗାଁ ଅଭିମୁଖେ ଆସୁଥିଲା। ଏହି ୨ଟି ରୋଗୀ ଆଣିଥାଏ। ରୋଗୀ ଆଣିବାରେ ବିଳମ୍ବ ହୋଇଥିଲା। ଏହି ସମୟରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସମୀକ୍ଷା ଓ ପରିଦର୍ଶନ କରିବାକୁ ଯିବାର କାର୍ଯ୍ୟକ୍ରମ ଥିଲା। ଏଣୁ ସହରର ନୟାଗଡ଼-ଭୁବନେଶ୍ୱର, ନୟାଗଡ଼-ଦଶପଲ୍ଲା, ନୟାଗଡ଼-ଖଣ୍ଡପଡ଼ା ରାସ୍ତାକୁ ପୋଲିସ ଯାନବାହାନ ଅଟକାଇ ଦେବାରୁ ଏଭଳିଆ ସ୍ଥିତି ଉପୁଜିଥିଲା।

## ବିରୋଧାଭାସ ପାଇଁ ନେତାଙ୍କୁ ଅଟକ

**ନୟାଗଡ,୨୧।୭(ଲୋକନାଥ ମିଶ୍ର):** ୫-ଟି ସଚିବଙ୍କ ନୟାଗଡ ଜନଶୁଣାଣି ସଭାରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବିରୋଧ ପାଇଁ ଯାଇଥିଲେ। ବିରୋଧ ଆରମ୍ଭ ହେବା ଜାଣି ଇଟାମାଟି ଥାନା ପୋଲିସ ଚାଷୀ ନେତା ପ୍ରସନ୍ନ ପ୍ରଧାନ ଓ ଅଭିମନ୍ୟୁ ଗୁମାନସିଂଙ୍କୁ ଉଠାଇ ନେଇଥିଲା। ଏଣୁ ଆନ୍ଦୋଳନ ଥମି ଯାଇଥିଲା। ଚିନିକଳ ଚାଲୁ, ସବୁ ଜମିକୁ ଜଳସେଚନ ବ୍ୟବସ୍ଥା, ମଣ୍ଡିରେ ଧାନ ବିକ୍ରି ବେଳେ ଧାନ କଟନୀ ଛଟନୀରେ ମିଲରଙ୍କୁ ଗିରଫ ପ୍ରସଙ୍ଗ ରହିଥିଲା। ହେଲେ ପୋଲିସ ସବୁ ଗଡ଼ବଡ଼ କରି ଦେଲା ବୋଲି ଚାଷୀମାନେ କ୍ଷୋଭ ପ୍ରକାଶ କରିଛନ୍ତି।


ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com




@ ଅଂଶୁମାନ



@ ଶିଶିର



@ ଶିରିଷ



@ ସତ୍ୟବ୍ରତ



@ ଅଶ୍ୱିନୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଚିନିଶିଳ୍ପ ସ୍ମାରକପତ୍ର ଗ୍ରହଣ

**ନୟାଗଡ଼,୨୧।୭(ଲୋକନାଥ ମିଶ୍ର):** ନୟାଗଡ଼ ଚିନକଲକୁ କାର୍ଯ୍ୟକ୍ଷମ, ଚାଷୀ ଓ ଶ୍ରମିକଙ୍କ ପ୍ରାପ୍ୟ କିପରି ମିଳିବ ସେନେଇ ଚନିକଳ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୫-ଟି ସଚିବଙ୍କୁ ସ୍ମାରକପତ୍ର ଦେବାକୁ କମିଟିର କର୍ମକର୍ତ୍ତା ଯାଇଥିଲେ। ହେଲେ ନୟାଗଡ଼ ଟାଉନ ଥାନା ପୋଲିସ ସେମାନଙ୍କୁ ଅଧାବାଟରୁ ଉଠାଇ ନେଇ ଅଟକ ରଖିଥିଲା। ଏଣୁ କମିଟିର କର୍ମକର୍ତ୍ତା ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ କରିଥିଲେ। ତେବେ ସର୍କିଟ ହାଉସରେ ପୁଣି ୫-ଟି ସଚିବଙ୍କୁ କମିଟିର କର୍ମକର୍ତ୍ତା ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି।

## ବିରୁଡ଼ା ଆସିବାକୁ ପ୍ରତିଶ୍ରୁତି ଦେଲେ ପାଣ୍ଡିଆନ



**ନୟାଗଡ଼, ୨୧।୭(ଲୋକନାଥ ମିଶ୍ର):** ନୟାଗଡ଼ ସଦର ବ୍ଲକ ବିରୁଡ଼ା ପଞ୍ଚାୟତର ସମସ୍ତ ନିର୍ବାଚିତ ପ୍ରତିନିଧି ମହିଳା, ଜାତୀୟ ଓ ଜିଲା ସ୍ତରରେ ସମ୍ମାନିତ ହୋଇସାରିଛନ୍ତି। ଶୁକ୍ରବାର ୫-ଟି ସଚିବ ଭି.କେ. ପାଣ୍ଡିଆନ ସର୍କିଟ ହାଉସଠାରେ ସମସ୍ତ ନିର୍ବାଚିତ ପ୍ରତିନିଧିଙ୍କୁ ଭେଟିବା ସହ ପଞ୍ଚାୟତର ଉନ୍ନତି ପାଇଁ ଆଲୋଚନା କରିଥିଲେ। ପଞ୍ଚାୟତରେ ମହିଳା ପ୍ରତିନିଧିଙ୍କ କାମ ଦେଖି ଖୁସିବ୍ୟକ୍ତ କରିଥିଲେ। ସ୍ୱତନ୍ତ୍ର ଭାବେ ବିରୁଡ଼ା ଆସିବି ବୋଲି ସେ କହିଛନ୍ତି। ଏହି ସାକ୍ଷାତ କାର୍ଯ୍ୟକ୍ରମରେ ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁ, ଏସ୍‌ପି ରାହୁଲ ଜୈନ, ବିଡିଓ ପଦ୍ମଚରଣ ସାହୁ, ବିରୁଡ଼ା ସରପଞ୍ଚ ବିଷ୍ଣୁପ୍ରିୟା ସ୍ୱାଇଁ, ସମିତିସଭ୍ୟା ଶୁଭଲକ୍ଷ୍ମୀ ସାହୁ ଏବଂ ୱାର୍ଡ଼ସଭ୍ୟମାନେ ଉପସ୍ଥିତ ରହିଥିଲେ। ଏହି ଅବସରେ ନିର୍ବାଚିତ ପ୍ରତିନିଧିମାନେ ବିରୁଡ଼ା ପଞ୍ଚାୟତ ମହିଳା ବିକାଶ ପାଇଁ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ସ୍କୁଲ ପରିଦର୍ଶନକରି ଅସନ୍ତୋଷ ବ୍ୟକ୍ତକଲେ ଅଧିକାରୀ

**ନୂଆଗାଁ, ୨୧।୭ (ଧନେଶ୍ୱର ସାହୁ)**

- ୫-ଟି ରୂପାନ୍ତରିତ ନୂଆଗାଁ ହାଇସ୍କୁଲ
- ପାଣି, ଶୌଚାଳୟ ସମସ୍ୟାର ତୁରନ୍ତ ସମାଧାନ କରାଯିବ

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ୫-ଟି ଯୋଜନାରେ ରୂପାନ୍ତରିତ ହୋଇଥିବା ନୂଆଗାଁ ହାଇସ୍କୁଲକୁ ଶୁକ୍ରବାର ବିଡିଓଙ୍କ ସମେତ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି, ଉପାଧ୍ୟକ୍ଷଙ୍କ ସମେତ ଅନ୍ୟମାନେ ପରିଦର୍ଶନରେ ଯାଇଥିଲେ। ସ୍କୁଲ ପରିସରର ପରିବେଶ ଦେଖି ଅଧିକାରୀ ଅସନ୍ତୋଷ ବ୍ୟକ୍ତ କରିବା ସହ ପରିସରକୁ ସଫା ସୁତରା କରିବାକୁ ପରାମର୍ଶ ଦେଇଥିଲେ। ସ୍କୁଲରେ ଦୀର୍ଘବର୍ଷରୁ ଲାଗି ରହିଥିବା ପାଣି ଓ ଶୌଚାଳୟ ସମସ୍ୟାର ଶୀଘ୍ର ସମାଧାନ କରିବାର ବ୍ୟବସ୍ଥା କରିଥିଲେ।

ନୂଆଗାଁ ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ଏକ କିଲୋମିଟର ଦୂର ୫୭ ନଂ. ଜାତୀୟ ରାଜପଥ କଡ଼କୁ ଲାଗି ରହିଛି ୫-ଟି ଯୋଜନାରେ ରୂପାନ୍ତରିତ ନୂଆଗାଁ ହାଇସ୍କୁଲ। ଉକ୍ତ ସ୍କୁଲ ପରିସରରେ ମଧ୍ୟରେ ଚାଲିଛି ନୂଆଗାଁ ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ। ମୋଟ ୫୫୦ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଓ କର୍ମଚାରୀଙ୍କ ମୁଖ୍ୟ ଆବଶ୍ୟକତା ପାଣି ଓ ଶୌଚାଳୟର ଅଭାବ ଥିବା ନେଇ ବାରମ୍ବାର ଅଭିଯୋଗ ହେବା ସହ ଖବର ପ୍ରକାଶ ପାଇଛି। ଏ ନେଇ ନୂଆଗାଁ ବ୍ଲକ ବିଡିଓ ସଚ୍ଚିଦାନନ୍ଦ ମିଶ୍ର, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା, ବ୍ଲକ ଉପାଧ୍ୟକ୍ଷ ପର୍ଶୁରାମ ସ୍ୱାଇଁ, ପୂର୍ବତନ ସମିତି ସଭ୍ୟ ରମେଶ ଚନ୍ଦ୍ର ପ୍ରଧାନ, କନିଷ୍ଠ ଯନ୍ତ୍ରୀ ନେତ୍ରାରଞ୍ଜନ ମିଶ୍ର ପ୍ରମୁଖ ନୂଆଗାଁ ହାଇସ୍କୁଲକୁ ଅତର୍କିତ ପରିଦର୍ଶନରେ ଯାଇଥିଲେ। ସ୍କୁଲ ପରିସରରେ ପହଞ୍ଚିବା ପରେ ପରିବେଶ ଦେଖି ସମସ୍ତେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ନୂଆଗାଁ ବ୍ଲକ ସଦରରେ ଥିବା ସ୍କୁଲର ଛାତ୍ରୀଛାତ୍ର ଅସ୍ୱାସ୍ଥ୍ୟକର ପରିବେଶରେ ଅଧ୍ୟୟନ କରୁଥିବା ନେଇ ବିଡିଓ ଦୁଃଖ ପ୍ରକାଶ କରିଥିଲେ। ସ୍କୁଲ ମଧ୍ୟରେ ପାଣି ଜମିବା, ମଧ୍ୟାହ୍ନ ଭୋଜନ ରୋଷେଇଶାଳ ନିକଟରେ ଅଳିଆ ଆବର୍ଜନା ଜମିବା, କାଦୁଅ, ବଳକା ଖାଦ୍ୟ ଡଷ୍ଟବିନ୍ ବାହାରେ ପଡ଼ି ଦୁର୍ଗନ୍ଧ ହେବା, ହଷ୍ଟେଲ ଭିତରେ ଅଳିଆ ଜମିବା ଆଦି ଦେଖି ସମସ୍ତେ ଅସନ୍ତୋଷ ପ୍ରକାଶ କରିଥିଲେ। ସ୍କୁଲର ପାଣି, ଶୌଚାଳୟ ସମସ୍ୟା ବାବଦରେ ପାନୀୟ ଜଳ ଓ ଗ୍ରାମ୍ୟ ପରିମଳ ଯନ୍ତ୍ରୀଙ୍କୁ ସ୍କୁଲକୁ ଡାକି ସମସ୍ୟା ସମାଧାନ ବାବଦରେ ଆଲୋଚନା କରିଥିଲେ। ଯେକୌଣସି ମତେ ପାଣି ସମସ୍ୟା ଦୂର କରିବାକୁ ପଡ଼ିବ ବୋଲି ଅଧ୍ୟକ୍ଷାଙ୍କ ପ୍ରତିନିଧି ବେହେରା ଯନ୍ତ୍ରୀ ଜ୍ୟୋତିରଞ୍ଜନ ବେହେରାଙ୍କୁ କହିଥିଲେ। ଛାତ୍ରୀଛାତ୍ରଙ୍କ ପାଇଁ ନିର୍ମାଣ କରାଯାଇଥିବା ଶୌଚାଳୟ ବିଲ୍ ନ ହେବା କାରଣରୁ ଠିକାଦାର ବନ୍ଦ କରି ରଖିଛନ୍ତି। ତେଣୁ ଶୀଘ୍ର ବିଲ୍ କରାଯିବ, ଶୌଚାଳୟ ଛାତ୍ରୀଛାତ୍ରଙ୍କ ବ୍ୟବହାର ପାଇଁ ସ୍କୁଲକୁ ହସ୍ତାନ୍ତର କରିବାକୁ ସମ୍ପୃକ୍ତ ଠିକାଦାରଙ୍କୁ ବିଡିଓ ମିଶ୍ର କହିଥିଲେ।



ନୂଆଗାଁ ହାଇସ୍କୁଲରେ ସମସ୍ୟାର ସମାଧାନ ପାଇଁ ପ୍ରଶାସନିକ ଅଧିକାରୀ ଆଲୋଚନା କରୁଛନ୍ତି।



ପାଣି ଅଭାବରୁ ଅଇଁଠା ଥାଳି ଧରି ଛାତ୍ରୀଛାତ୍ର ଠିଆ ହୋଇଛନ୍ତି।

## ପୋଲିସ ବାଇକ୍‌ରୁ ଡେଇଁପଡ଼ି ଫୋପାଡ଼ିଲେ ଅଣ୍ଡା

**ନୟାଗଡ,୨୧।୭(ଲୋକନାଥ ମିଶ୍ର):** ୫-ଟି ସଚିବ ଓଡ଼ଗାଁ ବ୍ଲକର କାଫେ ଉଦ୍‌ଘାଟନ କରି ଶ୍ରୀରଘୁନାଥଜୀଉ ମନ୍ଦିରକୁ ଗଲାବେଳେ ବ୍ଲକ ଛାତ୍ର କଂଗ୍ରେସ ସଭାପତି ଦିଲୀପ ବିଶୋୟୀ ଅଣ୍ଡାମାଡ଼ କରିଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁସାରେ, ଅଣ୍ଡା ୩ଟି ଲକ୍ଷ୍ୟ ଭ୍ରଷ୍ଟ ହୋଇଥିଲା। ପ୍ରଥମ ଅଣ୍ଡାଟି ପୋଲିସ ଭ୍ୟାନରେ, ୨ୟ ଅଣ୍ଡାଟି ଜଣେ ପୋଲିସ କର୍ମଚାରୀଙ୍କ ଦେହରେ ଓ ତୃତୀୟ ଅଣ୍ଡାଟି ତଳେ ପଡ଼ି ଯାଇଥିଲା। ପରେ ପୋଲିସ ଦିଲୀପଙ୍କୁ କାବୁ କରି ଅଟକ ରଖିଥିଲା। ଅପରପକ୍ଷେ ଓଡ଼ଗାଁ ବଜାର ଶୁକ୍ରବାର ସକାଳ ୬ରୁ ୧୧ ପର୍ଯ୍ୟନ୍ତ ବନ୍ଦ ଥିଲା। ଏପରି କରିବାକୁ ପୋଲିସ ପକ୍ଷରୁ ନିର୍ଦ୍ଦେଶ ଥିଲା ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ବ୍ଲକ ଛାତ୍ର କଂଗ୍ରେସ ସଭାପତି ପ୍ରତ୍ୟକ୍ଷଦର୍ଶୀଙ୍କ କଥାକୁ ସହମତି ଦେଇଛନ୍ତି। ପୋଲିସ ୩ ଦିନ ହେଲା ଖୋଜି ଦିଲୀପଙ୍କୁ ପାଇ ନ ଥିଲା। ଶୁକ୍ରବାର କଂଗ୍ରେସର ଜିଲା ସଭାପତି ସମେତ ୨୩ଜଣଙ୍କୁ ପୋଲିସ ଅଟକ ରଖିଥିଲା। ଦିଲୀପ ଅରବିନ୍ଦ ଗଳିରେ ଅଣ୍ଡା ମାଡ଼ ପାଇଁ ପ୍ରସ୍ତୁତି ହେଉଥିବାବେଳେ ପୋଲିସ ବାଇକ୍‌ରେ ନେଇ ଯାଇଥିଲା। ବ୍ଲକ ଛକରେ ପୋଲିସ ବାଇକ୍‌ରୁ ଡେଇଁପଡ଼ି ଅଣ୍ଡାମାଡ଼ କରିଥିଲେ। ଏ ନେଇ ଜିଲା ସଭାପତି ରଣଜିତ ଦାଶ କୁହନ୍ତି, ବୃତ୍ତଙ୍ଗ ଜଳସେଚନ ଯୋଜନାର ପ୍ରକଳ୍ପ, ଜିଲାର କଲେଜଗୁଡ଼ିକ ରୂପାନ୍ତରଣ ପାଇଁ ଜନସଭାରେ ୫-ଟି ସଚିବଙ୍କ ଘୋଷଣା ମିଥ୍ୟା ପ୍ରତିଶ୍ରୁତି ପରି ଲାଗୁଛି। ସଚିବ ବିଜେଡି ପାଇଁ ଭୋଟ ପ୍ରଚାର କରୁଥିବା ସ୍ପଷ୍ଟ ହେଉଛି। କାରଣ ସଚିବଙ୍କ ଘୋଷଣା ରାଜ୍ୟ କ୍ୟାବିନେଟରେ ଅନୁମୋଦନ ପାଇ ନାହିଁ।

